Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 27
Tuesday, 31 March 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୩୧ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ସୁନାର କେନ୍ଦୁଝର କରିବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୩ (ଆ.ପ୍ର) : କେନ୍ଦୁଝର ଜିଲ୍ଲା ପାଇଁ ଆଜି ଐତିହାସିକ ଦିନ । ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦୁଝର ପୌର ପାଳିକାର ଜନ ପ୍ରତିନିଧି ମାନେ ବିଜେପିରେ ସାମିଲ ହୋଇଛନ୍ତି । ୯ ଜଣ କାଉନସିଲର ସମେତ କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷ ସମସ୍ତଙ୍କୁ ଦଳକୁ ସ୍ୱାଗତ କରୁଛି । ଯେଉଁଦିନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା । ସେହିଦିନ କେନ୍ଦୁଝରବାସୀ ବହୁତ ଖୁସି ହୋଇଥିଲେ । କାରଣ କେନ୍ଦୁଝରରୁ ଜଣେ ଆଦିବାସୀ ବିଧାୟକ ମୁଖ୍ୟମନ୍ତ୍ରୀ ହେଲେ ବୋଲି କହିଛନ୍ତି ମୋହନ ମାଝି । ବିଜେପି ମିଶ୍ରଣ ପର୍ବରେ ଏଭଳି ଅଭିଭାଷଣ ଦେଇଥିବାବେଳେ ପୂର୍ବ ସରକାରଙ୍କୁ ସମାଲୋଚନା କରିଥିବା ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି କି, ପୂର୍ବ ସରକାରରେ କେନ୍ଦୁଝରକୁ ନବୀନ ପଟ୍ଟନାୟକ ବିନାଶ ଆଡ଼କୁ ନେଉଥିଲେ । କେବଳ ଭୋଟ ବ୍ୟାଙ୍କ ପାଇଁ କାମ କରୁଥିଲେ । ବିକାଶ ପାଇଁ କିଛି ବି ବିକାଶ ମୂଳକ କାର୍ଯ୍ୟ କରୁ ନ ଥିଲେ । ସେ ସମୟରେ ବ୍ୟୁରୋକ୍ରାଟ ମାନେ ଶାସନ କରୁଥିଲେ । ଜଣଙ୍କ ହାତରେ



କ୍ଷମତା ଥିଲା । ଏବେ ଡବଲ ଇଞ୍ଜିନ ସରକାର ବିକାଶ ପାଇଁ କାମ କରିଛନ୍ତି । ନୂଆପଡ଼ା ଉପ ନିର୍ବାଚନରେ ମୋହନ - ମନମୋହନ ଯୋଡ଼ି କମାଲ କଲେ । ରାଜ୍ୟରେ ଚର୍ଚ୍ଚାରେ ରହିଛନ୍ତି ମୋହନ ମନମୋହନ ଯୋଡ଼ି । ଭାରତ ବର୍ଷରେ ଉପନିର୍ବାଚନରେ ଏକ ରେକର୍ଡ ବିଜୟ ହାସଲ କରିଥିଲା ବିଜେପି । ବିଜେପି ପ୍ରାର୍ଥୀ ଲକ୍ଷ ରୁ ଅଧିକ ଭୋଟ ମାର୍ଜୀନରେ ବିଜୟ ହାସଲ କରିଥିଲେ । ନୂଆପଡାରେ ସରକାର ଆଉ ସଂଗଠନ ମିଳିତ ଭାବେ କାମ କଲେ । ପରବର୍ତ୍ତୀ ସମୟରେ ରାଜ୍ୟସଭା ଭୋଟରେ ମଧ୍ୟ ବିଜେପି ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ହୋଇଛି । ରାଜ୍ୟସଭା ନିର୍ବାଚନରେ ବିଧାୟକମାନେ ବିବେକ ଅନୁସାରେ ଭୋଟ ଦେଲେ । ବିଜେଡି ଏବଂ କଂଗ୍ରେସ ବିଧାୟକ ମାନେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇଲେ । ବିକାଶକୁ ଆଖି ଆଗରେ ରଖି ସେମାନେ ଭୋଟ ଦେଇଛନ୍ତି । କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ଆମର ଲକ୍ଷ । କେନ୍ଦୁଝରରେ ଖଣି ପାଣି ବୈତରଣୀ ସର୍ବପରି ମା ତାରିଣୀ ଅଛନ୍ତି । ୨୪ ବର୍ଷରେ ବିଜେଡି ସରକାର କେବଳ କଥା କହୁଥିଲେ । କିଛି କାମ କରୁ ନ ଥିଲେ । କେନ୍ଦୁଝରକୁ ଆଉ ଗାଉଁଲିଆ କରି ରଖିବୁ ନାହିଁ । କେନୁଝରକୁ ସିଟି କରିବୁ । ପୂର୍ବ ସରକାର ସମୟରେ ଯେଉଁ ଶିଳ୍ପ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି କରିଥିଲେ ସେମାନେ ଏବେ ପଳାଇଲେ । କିନ୍ତୁ ଆମ ସରକାର ସମୟରେ କେନ୍ଦୁଝରକୁ ଆଉ ୭ ଟି ଇଣ୍ଡଷ୍ଟ୍ରି ଆସୁଛି । ବିଜେଡି କେନ୍ଦୁଝର ଜିଲାରେ କିଛି କରି ନାହିଁ । ଆଜି କେନ୍ଦୁଝରରେ ଷ୍ଟିଲ ପ୍ଲାଂଟ ହେବାକୁ ଯାଉଛି । କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଏବଂ ବିଜେଡି ବିଧାୟକ ବଦ୍ରି ପାତ୍ର କହିଛନ୍ତି କେନ୍ଦୁଝର ପାଇଁ ବହୁତ ଭଲ ସମୟ । ଆମେ ଯଦି ଏହି ସୁଯୋଗକୁ ହାତ ଛଡା କରିବା ନାହିଁ ।

# ରାଜ୍ୟପାଳଙ୍କୁ ଭେଟି ୬ ଦଫା ଦାବି ଜଣାଇଲେ କଂଗ୍ରେସ ଓ ବିଜେଡି ବିଧାୟକ

ଭୁବନେଶ୍ୱର, ୩୦/୩ (ଆ.ପ୍ର) : ଏସସିବି ମେଡିକାଲରେ ନିଆଁ ଲାଗି ୧୩ଜଣଙ୍କ ଜୀବନ ଯିବା ଘଟଣାରେ କଂଗ୍ରେସ ଓ ବିଜେଡି ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟିଛନ୍ତି । ରାଜ୍ୟପାଳଙ୍କୁ ଭେଟି ୬ ଟି ଦାବି ଜଣାଇଛନ୍ତି । । ଏସସିବି ଘଟଣାରେ ସରକାର ପଦକ୍ଷେପ ନେବା ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା କଂଗ୍ରେସ ଓ ବିଜେଡି ବିଧାୟକମାନେ ଦାବି କରିଛନ୍ତି । ସେହିପରି ମୃତକଙ୍କ ପରିବାର ଲୋକଙ୍କୁ ଏକ କୋଟି ଟଙ୍କା ସହାୟତା ଦେବାକୁ ଦାବି କରିଛନ୍ତି । ରାଜ୍ୟପାଳଙ୍କୁ ବିଜେଡିର ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ସବୁ ଆଡୁ ଦାବି ହେଉଛି, ସରକାର ପଦକ୍ଷେପ ନିଅନ୍ତୁ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ । ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ଆଖି ଦୃଶିଆ ଆକ୍ସନ ନିଆଯାଉ । ହେଲେ ସରକାର ନିଦ୍ରାରେ । କୌଣସି କାର୍ଯ୍ୟାନୁଷ୍ଠାନ ନେଲେନି । କେବଳ ତଳ ଶ୍ରେଣୀ କର୍ମଚାରୀଙ୍କ ବିରୋଧ ଆକ୍ସନ ନେଇ ଖସିବାକୁ ଉଦ୍ୟମ କରୁଛନ୍ତି ସରକାର । ଗତ ୧୫ ଦିନ ହେବ ଏ ନେଇ ବିଧାନସଭା ଅଚଳ ହୋଇଛି । ହେଲେ ସରକାର କିଛି ପଦକ୍ଷେପ ନେଲେନି । ଆଜି ବାଧ ହୋଇ ଆଜି ରାଜ୍ୟପାଳଙ୍କୁ ଭେଟି ୬ ଦାବି ଦିଆଯାଇଛି । ମୃତକଙ୍କ ପରିବାର ଲୋକଙ୍କୁ ଏକ କୋଟି ଟଙ୍କା ଦିଆଯାଉ । ଆଶା କରାଯାଉଛି, ରାଜ୍ୟପାଳ ପଦକ୍ଷେପ ନେବେ । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ରାଜ୍ୟ ସରକାର ଓଡ଼ିଶା ଲୋକଙ୍କୁ ସୁରକ୍ଷା ଦେଇ ପାରୁ ନାହାନ୍ତି । ୧୩ ଜଣ ମଲେ । ହେଲେ ସରକାର ଦାୟିତ୍ୱ ନେଉ ନାହାନ୍ତି । ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟ ମନ୍ତ୍ରୀ । ରାଜ୍ୟବାସୀଙ୍କ ଆସ୍ଥା ଭାଙ୍ଗି ଯାଇଛି । ନବୀନ ପଟ୍ଟନାୟକ ସରକାର ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଇଥିଲେ । ହେଲେ ଏ ସରକାର କିଛି କରୁନି । ଆଗକୁ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି ।

# ବିଜୁବାବୁଙ୍କ ଉପରେ ବୟାନକୁ ନେଇ ଝଡ଼

ଭୁବନେଶ୍ୱର, ୩୦/୩ (ଆ.ପ୍ର) : ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଏହି ମନ୍ତବ୍ୟକୁ ନେଇ ଗତକାଲି ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲା ବିଜେଡି । ଏପରିକି ନିଶିକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ସଂସଦୀୟ କମିଟିରୁ ଇସ୍ତଫା ଦେଇ ଦେଇଥିଲେ ବିଜେଡି ସାଂସଦ ସସ୍ମିତ ପାତ୍ର ।



ଆଉ ଇଏ ଆଜିର ଦୃଶ୍ୟ...ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନକୁ ଓହ୍ଲାଇଥିଲେ ବିଜୁ ଯୁବ-ଛାତ୍ର କର୍ମକର୍ତ୍ତା । ବିଧାନସଭା ପରିସରରେ ଖୋଦ୍ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଝାଡଖଣ୍ଡର ଏହି ବିଜେପି ସାଂସଦଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଆଉ କହିଥିଲେ, ଦୁବେ ଜଣେ ମେଂଟାଲ ଡାକ୍ତରଙ୍କ ପାଖକୁ ଯିବା ଦରକାର ।ସେପଟେ ରାଜ୍ୟସଭାରେ ବି ବିଜେଡି ସାଂସଦମାନେ ଦୁବେଙ୍କ ମନ୍ତବ୍ୟ ବିରୋଧରେ ପ୍ରତିବାଦ କରି କକ୍ଷତ୍ୟାଗ କରିଛନ୍ତି । ସେପଟେ ଚାରିଆଡ଼େ କଡ଼ା ପ୍ରତିବାଦ ଭିତରେ ନିଜର ବୟାନକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି ସାଂସଦ ନିଶିକାନ୍ତ ଦୁବେ ।କଥା ବଦଳାଇ କହିଛନ୍ତି, ମୁଁ ବିଜୁ ବାବୁଙ୍କ ପ୍ରତି କୌଣସି ଖରାପ ମନ୍ତବ୍ୟ ଦେଇନି କି ଟାର୍ଗେଟ କରିନି ।ବିଜୁ ବାବୁ ଜଣେ ମହାନ ସ୍ୱାଧିନତା ସଂଗ୍ରାମୀ ଥିଲେ ।ମୋ ମନ୍ତବ୍ୟ କେବଳ ନେହରୁ ଓ ଗାନ୍ଧି ପରିବାର ପାଇଁ ଉଦ୍ଦିଷ୍ଟ ଥିଲା ତେବେ କାହିଁକି ବିଜୁଙ୍କୁ ନେଇ ହଠାତ୍ ଛିଡ଼ାହେଲା ବିବାଦ ? ୧୯୬୨ ଯୁଦ୍ଧ- ନେହରୁ ଓ ବିଜୁଙ୍କୁ ନେଇ କଣ ରହିଛି କାହାଣୀ ? ଦୁବେ କହିଥିଲେ, ୧୯୬୨ ଭାରତ-ଚୀନ୍ ଯୁଦ୍ଧ ସମୟରେ ଆମେରିକା ଗୁପ୍ତଚର ସଂସ୍ଥା ଉଓଇ ସହ ମିଶି ନେହରୁ ସରକାର କାମ କରୁଥିଲେ । ଯେଉଁଥିରେ ବିଜୁ ପଟ୍ଟନାୟକ ସାଜିଥିଲେ ଗୁରୁତ୍ୱପୂର୍ଣ୍ଣ ମଧ୍ୟସ୍ଥି ।ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଚାରବାଟିଆ ଏୟାରବେସକୁ ଆମେରିକାର ଗୁଇନ୍ଦା ବିମାନ ପରିଚାଳନା ପାଇଁ ବ୍ୟବହାର ହେଉଥିଲା । ସେଠାରେ ୧୯୬୩ରୁ ୧୯୭୯ ପର୍ଯ୍ୟନ୍ତ ଆମେରିକୀୟ ସୈନ୍ୟବାହିନୀ ଥିଲେ ।ଦୁବେଙ୍କ ଏହି ବୟାନକୁ ବିଜେଡି ମିଛ ଓ ଭିତିହୀନ କହିଥିବାବେଳେ ବିଜେପି କହିଛି, ଇତିହାସକୁ ପର୍ଯ୍ୟାଲୋଚନା କରିବାର ସମୟ ଆସିଛି । ଏପଟେବିଜୁଙ୍କ ପ୍ରତି ମତ ମନ୍ତବ୍ୟ ନେଇ ଉଦବେଗ ପ୍ରକାଶ କରିଛନ୍ତି ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ।ସୋସିଆଲ ମିଡିଆରେ ଏକ୍ସରେ ଦିଲ୍ଲୀପ କହିଛନ୍ତି, ଜାତୀୟ କର୍ତବ୍ୟ ଯେଉଁଠାରେ ଆହ୍ୱାନ କରୁଥିଲା, ସେଠାରେ ବିଜୁ ବାବୁ ଛିଡ଼ା ହେଉଥିଲେ । ସ୍ୱାଧୀନତା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତଗୁଡ଼ିକରେ ତାଙ୍କର ଅବଦାନ ରହିଥିଲା

# ବର୍ଷକରେ ଓଡ଼ିଶାରେ ୫ ଖଣି କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୩୦/୩ (ଆ.ପ୍ର) : ଆର୍ଥିକ ବର୍ଷ ୨୦୨୫-୨୬ରେ ସାରା ଦେଶରେ ୩୦ଟି ଖଣି ଉତ୍ପାଦନକ୍ଷମ ହୋଇଥିଲା । ସେଥିରୁ ସର୍ବାଧିକ ୮ଟି ଖଣି ଗୁଜରାଟରେ ରହିଛି । ଓଡ଼ିଶା ଓ ମଧ୍ୟପ୍ରଦେଶରେ ୫ଟି ଲେଖାଏଁ ଖଣି କାର୍ଯ୍ୟକ୍ଷମ ହୋଇଛି । ଓଡ଼ିଶାରେ ୩ଟି ଲୁହାପଥର ଓ ମାଙ୍ଗାନିଜ ଖଣି ଓ ଦୁଇଟି ଲୁହାପଥର ଖଣି କାର୍ଯ୍ୟକ୍ଷମ ହୋଇଛି ବୋଲି କେନ୍ଦ୍ର ଖଣି ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି ।୨୦୨୫-୨୬ରେ ୧୦ଟି ରାଜ୍ୟରେ ବକ୍ସାଇଟ୍, ଚୂନପଥର, ଲୁହାପଥର ଓ ମାଙ୍ଗାନିଜ ଖଣି କାର୍ଯ୍ୟକ୍ଷମ ହୋଇଥିଲା । ସେହି ରାଜ୍ୟଗୁଡ଼ିକ ହେଉଛି ଗୁଜରାଟ, ମଧ୍ୟପ୍ରଦେଶ, ଓଡ଼ିଶା, ଗୋଆ, କର୍ଣ୍ଣାଟକ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼ ଓ ଆସାମ । ଏହି ଆର୍ଥିକ ବର୍ଷରେ ୨୦୦ଟି ଖଣିକୁ ନିଲାମ ପାଇଁ ଉପଲବ୍ଧ କରାଯାଇଥିଲା । ସେଥିରୁ ୩୦ଟି ଖଣି ବର୍ଷକ ଭିତରେ କାର୍ଯ୍ୟକ୍ଷମ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ନିଲାମ ହେଉଥିବା ଖଣିଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଖଣି ମନ୍ତ୍ରଣାଳୟ କେତେକ ସଂସ୍କାର ପଦକ୍ଷେପ ଗ୍ରହଣ କରିଛି ।ଶୀଘ୍ର ମଞ୍ଜୁରି ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ ସମନ୍ୱୟକୁ ସୁଦୃଢ଼ କରାଯାଇଛି । ନିରନ୍ତର ଭାବେ ଖଣି କାର୍ଯ୍ୟ ଅଗ୍ରଗତିର ସମୀକ୍ଷା ମଧ୍ୟ କରାଯାଉଛି । କାର୍ଯ୍ୟକ୍ଷମ ହୋଇଥିବା ଖଣି ଦ୍ୱାରା, ଇସ୍ପାତ, ଆଲୁମିନିୟମ, ସିମେଂଟ ଓ ଭିତିଭୂମି ଶିଳ୍ପ ଉପକୃତ ହେବ ।

# ନକ୍ସଲବାଦର ଶେଷ ମୋଦି ସରକାରଙ୍କ କରିଛନ୍ତି : ସାହ

ନୂଆଦିଲ୍ଲୀ, ୩୦/୩(ନ୍ୟୁ.ଏ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ନକ୍ସଲବାଦ ପ୍ରସଙ୍ଗରେ ନିଜର ବକ୍ତବ୍ୟ ରଖିଛନ୍ତି । ସେ କହିଛନ୍ତି, ଏ ହେଉଛି ନରେନ୍ଦ୍ର ମୋଦିଙ୍କ ସରକାର, ଯିଏ ଅସ୍ତ୍ର ଉଠାଇବ ତାର ହିସାବ ପୂରଣ କରିବୁ । ସେ ନକ୍ସଲବାଦୀଙ୍କୁ ଅପିଲ କରିଛନ୍ତି ହତିଆର ଛାଡି ସମାଜର ମୁଖ୍ୟଧାରା ସାମିଲ ହୁଏ । ଏହି ସମୟରେ ଶାହ କହିଛନ୍ତି, ଆମ ସରକାର କାହା ସହ କଥାବାର୍ତ୍ତା ହେବାକୁ ଚାହାନ୍ତି ନାହିଁ, ଯିଏ ହତିଆର ନେଇ ନିର୍ଦ୍ଦୋଷୀଙ୍କ ଉପରେ ଆକ୍ରମଣ କରୁଛି । ଯିଏ ଅସ୍ତ୍ର ଛାଡି ଆତ୍ମସମର୍ପଣ କରିବାକୁ ଚାହୁଁଛି ତାଙ୍କ ପାଇଁ ରେଡ୍ କାର୍ପେଟ ବିଛାଯାଇଛି । କିନ୍ତୁ ଯିଏ ହିଂସା ରାସ୍ତା ଗ୍ରହଣ କରିବ, ତାଙ୍କୁ କଡା କାର୍ଯ୍ୟାନୁଷ୍ଠାନର ସାମନା କରିବାକୁ ହେବ । ଗୃହମନ୍ତ୍ରୀ ଜୋର ଦେଇ କହିଛନ୍ତି, ନକ୍ସଲବାଦରୁ ନା ତ ହତିଆର ଉଠାଇବା ଲୋକଙ୍କ ଲାଭ ହେବ, ନା ଆଦିବାସୀଙ୍କର କିମ୍ବା ସୁରକ୍ଷାକର୍ମୀଙ୍କ । କେବଳ ଶାନ୍ତି ଓ ବିକାଶ ଏହି କ୍ଷେତ୍ରର ପ୍ରଗତିର ରାସ୍ତା । ଲୋକସଭାରେ ଚର୍ଚ୍ଚାରେ ଭାଗ ନେଇ ଶାହ କହିଛନ୍ତି, ଦେଶରେ ବାମପନ୍ଥୀ ଉଗ୍ରବାଦର ମୂଳ କାରଣ ବିକଶରେ ଅଭାବ, ଦାରିଦ୍ର୍ୟ କିମ୍ବା ଅନ୍ୟାୟ ନୁହେଁ, ବଂର ଏକ ସ୍ୱତନ୍ତ୍ର ବିଚାରଧାରା । ନକ୍ସଲ ସମସ୍ୟାର ସମାଧାନ କରିବା ପାଇଁ ମୋଦି ସରକାର ସୁରକ୍ଷା ନୀତି ଉପରେ ଜୋର ଦେଇଛନ୍ତି । ଏହି ସମୟରେ ଶାହ କହିଛନ୍ତି, ଏହା ନରେନ୍ଦ୍ର ମୋଦିଙ୍କ ସରକାର, ଯିଏ ହତିଆର



ଉଠାଇବ ତା'ର ହିସାବ ଶେଷ ହେବ । ଏହା ସହ ସେ ସ୍ପଷ୍ଟ କରିଛନ୍ତି ଅନ୍ୟାୟ ନାଁରେ ହତିଆର ଉଠାଇବା ଲୋକତନ୍ତ୍ରରେ ଗ୍ରହଣ କରାଯିବନି । ମୋଦି ସରକାରଙ୍କ ଶାସନରେ ଏଭଳି ଗତିବିଧିକୁ ସହ୍ୟ କରାଯିବନି । ଏହି ସମୟରେ ଶାହ କଂଗ୍ରେସକୁ ଟାର୍ଗେଟ କରିଥିଲେ । କହିଥିଲେ- କଂଗ୍ରେସର ୬୦ ବର୍ଷର ଶାସନରେ ଆଦିବାସୀଙ୍କର ବିକାଶ ହୋଇ ନଥିଲା । କିନ୍ତୁ ନରେନ୍ଦ୍ର ମୋଦିଙ୍କ ୧୨ ବର୍ଷର ଶାସନ କାଳରେ ନକ୍ସଲ ଦମନ ସମ୍ଭବ ହୋଇଛି । ଆଜି ମୋଦିଙ୍କ ଶାସନରେ ଦେଶ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇପାରିଛି ।ଆଜିର ଏହି ସଫଳତାର ଶ୍ରେୟ ଦେଶର ଯବାନଙ୍କ ସହ ଆଦିବାସୀଙ୍କୁ ଯାଉଛି । ଶାହ ସଂସଦରେ କହିଛନ୍ତି ଯେ, କିଛି ଲୋକ ନକ୍ସଲଙ୍କୁ ସହିଦ ଭଗତ ସିଂ ଓ ବିର୍ସା ମୁଣ୍ଡାଙ୍କ ଭଳି ଦେଶଭକ୍ତଙ୍କ ସହ ତୁଳନା କରୁଥିଲେ । ଭଗତ ସିଂ, ବିର୍ସା ମୁଣ୍ଡା ବ୍ରିଟିଶ ବିରୋଧରେ ଲଢ଼େଇ କରି ସହିଦ ହୋଇଥିଲେ । ତେବେ କେଉଁ ବିଚାରଧାରାରେ ସେମାନଙ୍କୁ ନକ୍ସଲଙ୍କ ସହ ତୁଳନା କରାଯାଉଥିଲା ବୋଲି ପ୍ରଶ୍ନ କରିଛନ୍ତି ଶାହ । ସେ ଆହୁରି କହିଛନ୍ତି ଯେ, ସ୍ୱାଧୀନତା ପରେ ବାମପନ୍ଥୀ ଉଗ୍ରବାଦୀମାନେ ସରଳ ଆଦିବାସୀଙ୍କୁ ଅସ୍ତ୍ର କରିଥିଲେ । ୧୯୭୦ରୁ ୨୦୦୪ ମଧ୍ୟରେ ଦେଶରେ ନକ୍ସଲ ସମସ୍ୟା ବଢ଼ିଲା ବୋଲି କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ।. ସେ କହିଛନ୍ତି ମୁଁ ବହୁତ ଖୁସି ଯେ ଦେଶ ଏବଂ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯାହା ୧୯୭୦ ରୁ ୨୦୨୬ ପର୍ଯ୍ୟନ୍ତ ଚାଲିଥିଲା, ଆଜି ସଂସଦରେ ଆଲୋଚନା ହେଉଛି । ବସ୍ତରରେ ନକ୍ସଲବାଦ ପ୍ରାୟ ଶେଷ ହୋଇସାରିଛି । ବସ୍ତରର ପ୍ରତ୍ୟେକ ଗାଁରେ ସ୍କୁଲ ନିର୍ମାଣ ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା । ବସ୍ତରର ପ୍ରତ୍ୟେକ ଗାଁରେ ରାସନ ଦୋକାନ ଖୋଲିବା ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା । ବସ୍ତର ଲାଲ ଆତଙ୍କର ଛାଇ ତଳେ ଥିଲା, ଯାହା କାରଣରୁ ସେଠାରେ ବିକାଶ ପହଂଚିପାରିନଥିଲା । ଆଜି ତାହା ହଟି ଯାଇଛି ଏବଂ ବସ୍ତର ବିକାଶ କରୁଛି । ଆଦିବାସୀମାନେ ଏପର୍ଯ୍ୟନ୍ତ ବିକାଶ ବିନା କାହିଁକି ରହିଆସିଛନ୍ତି ? ବିକାଶ କେବଳ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ହିଁ ହାସଲ କରାଯାଉଛି ।

# ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ-୨୦୨୬

ଭୁବନେଶ୍ୱର, ୩୦/୩ (ଆ.ପ୍ର) : ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରାକୁ ନିଜର ଦୈନନ୍ଦିନ ଜୀବନର ଅଂଶବିଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ବିଗତ ବର୍ଷ ୨୦୨୫ ମସିହାରେ ସାରା ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଆ ଅସ୍ମିତାର ମହାପର୍ବ- 'ଓଡ଼ିଆ ପକ୍ଷ' ପାଳନ କରାଯାଇଥିଲା । ଓଡ଼ିଆ ଘରର ଗାଥା-ଗୌରବ, କଥାସରିତା, ଚାଲି-ଚଳଣି, ଖାଦ୍ୟ-ପାନୀୟ, ପୋଷାକ-ପରିଧାନ ସଂସ୍କୃତି ଓ ପରମ୍ପରାକୁ ପୁନଶ୍ଚ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଚଳିତ ବର୍ଷ (୨୦୨୬) ମଧ୍ୟ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୪ ଦିନ ଧରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ଭବ୍ୟତାର ସହ ପାଳନ କରାଯିବ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ ।

# ଦୁଇ ପର୍ଯ୍ୟାୟରେ ହେବ ଭାରତର ବୃହତମ ଜନଗଣନା, ୧ ଏପ୍ରିଲରୁ ପ୍ରଥମ ପର୍ଯ୍ୟାୟ

ନୂଆଦିଲ୍ଲୀ, ୩୦/୩(ନ୍ୟୁ.ଏ): ଭାରତର ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିଶନର ଶ୍ରୀ ମୃତ୍ୟୁଞ୍ଜୟ କୁମାର ନାରାୟଣ ଆଜି ନୂଆଦିଲ୍ଲୀଠାରେ ଜନଗଣନା ୨୦୨୭ ଉପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ବିଶ୍ୱର ସର୍ବବୃହତ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ, ପ୍ରଥମ ପର୍ଯ୍ୟାୟ ୧ ଏପ୍ରିଲ, ୨୦୨୬ରୁ ଆରମ୍ଭ ହେବ । ପ୍ରଥମ ଥର ପାଇଁ, ଜନଗଣନା ଡିଜିଟାଲ ଭାବରେ କରାଯିବ, ଏବଂ ପ୍ରଥମ ଥର ପାଇଁ, 'ସ୍ୱ-ଗଣନା' ବିକଳ୍ପ ମଧ୍ୟ ଉପଲବ୍ଧ ହେବ । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଏନଡିଏମସି ଏବଂ ଦିଲ୍ଲୀ କ୍ୟାଂଟନମେଂଟ ବୋର୍ଡ, ଗୋଆ, କର୍ଣ୍ଣାଟକ, ଲାକ୍ଷାଦ୍ୱୀପ, ମିଜୋରାମ, ଓଡ଼ିଶା ଏବଂ ସିକିମରେ, ଏପ୍ରିଲ ୧ ରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ 'ସ୍ୱ-ଗଣନା' ଏବଂ ଏପ୍ରିଲ ୧୬ ରୁ ମେ ୧୫, ୨୦୨୬ପର୍ଯ୍ୟନ୍ତ 'ଘର ତାଲିକା ଏବଂ ଗୃହ ଜନଗଣନା' କରାଯିବ । ଭାରତର ଜନଗଣନା ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ (ସମୟ ସମୟରେ ସଂଶୋଧିତ)ର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହୁଏ । ଭାରତର ପୂର୍ବ ଜନଗଣନା ୨୦୧୧ ମସିହାରେ କରାଯାଇଥିଲା । ୨୦୨୭ ମସିହାର ଜନଗଣନା ଏହି ସିରିଜର ୧୬ତମ ଏବଂ ସ୍ୱାଧୀନତା ପରେ ଅଷ୍ଟମ ହେବ । ଭାରତ ସରକାରଙ୍କ ୨୦୨୭ ମସିହାର ଜନଗଣନା କରିବା ସଂକଳ୍ପ ୧୬ ଜୁନ୍, ୨୦୨୫ରେ ଭାରତୀୟ ଗେଜେଟରେ ଅଧିସୂଚିତ ହୋଇଥିଲା । ୨୦୨୭ ମସିହାର ଜନଗଣନା ପାଇଁ ରେଫରେନ୍ସ ତାରିଖ ୧ ମାର୍ଚ୍ଚ, ୨୦୨୭ ରେ ୦୦:୦୦ ଘଂଟା ହେବ (ଲଦାଖ୍ ଏବଂ ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଂଚଳ, ଏବଂ ଉତରାଖଣ୍ଡ ଏବଂ ହିମାଚଳ ପ୍ରଦେଶ ରାଜ୍ୟର ତୁଷାରପାତ,



ହିମାଚଳ ପ୍ରଦେଶ ରାଜ୍ୟର ତୁଷାରପାତ, ଦୁର୍ଗମ ଅଂଚଳରେ, ଏହା ସେପଟ୍ଟେମ୍ବର ୨୦୨୬ରେ କରାଯିବ) । ସିସିପିଏର ନିଷ୍ପତି ଅନୁଯାୟୀ, ଏହି ପର୍ଯ୍ୟାୟରେ ଏକ ଜାତି ଗଣନା ମଧ୍ୟ କରାଯିବ । ଏହି ଦୁର୍ଗମ ଅଂଚଳ ପାଇଁ, ରେଫରେନ୍ସ ତାରିଖ ୧ ଅକ୍ଟୋବର, ୨୦୨୬ ରେ ୦୦:୦୦ ଘଂଟା ହେବ) । ଜନଗଣନା ୨୦୨୭ ଦୁଇଟି ପର୍ଯ୍ୟାୟରେ କରାଯିବ । ପର୍ଯ୍ୟାୟ ୧-ଗୃହ ତାଲିକାକରଣ ଏବଂ ଗୃହ ଗଣନା (ଏଚଏଲଓ), ଯାହା ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ସୁବିଧା ଅନୁଯାୟୀ ଏପ୍ରିଲରୁ ସେପଟ୍ଟେମ୍ବର ୨୦୨୬ ମଧ୍ୟରେ ୩୦ ଦିନ ଧରି କରାଯିବ । ଏହା ସହିତ, ଗୃହ ତାଲିକାକରଣ କାର୍ଯ୍ୟ ପୂର୍ବରୁ 'ସ୍ୱ-ଗଣନା' ପାଇଁ ୧୫ ଦିନର ଏକ ଅବଧି ଉପଲବ୍ଧ କରାଯିବ । ଏହି ପର୍ଯ୍ୟାୟରେ, ଘରର ସ୍ଥିତି, ପରିବାର ପାଇଁ ଉପଲବ୍ଧ ସୁବିଧା ଏବଂ ସେମାନଙ୍କ ପାଖରେ ଥିବା ସମ୍ପତି ସମ୍ପର୍କରେ ସୂଚନା ସଂଗ୍ରହ କରାଯିବ । ପର୍ଯ୍ୟାୟ ୧ ପାଇଁ ପ୍ରଶ୍ନଗୁଡ଼ିକୁ ଜାନୁଆରୀ ୨୦୨୬ରେ ସୂଚିତ କରାଯାଇଥିଲା । ଜନସଂଖ୍ୟା ଗଣନାର ୨ୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ କରାଯିବ (ଲଦାଖ ଏବଂ ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଂଚଳ, ଏବଂ ଉତରାଖଣ୍ଡ ଏବଂ ପର୍ଯ୍ୟାୟରେ, ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ଜନସଂଖ୍ୟା, ସାମାଜିକ-ଅର୍ଥନୈତିକ, ଶିକ୍ଷା, ପ୍ରବାସ, ପ୍ରଜନନ କ୍ଷମତା ଇତ୍ୟାଦି ସମ୍ପର୍କିତ ସୂଚନା ସଂଗ୍ରହ କରାଯିବ । ଜନସଂଖ୍ୟା ଗଣନା ପାଇଁ ସଠିକ୍ ତାରିଖ ଏବଂ ପ୍ରଶ୍ନାବଳୀ ଯଥା ସମୟରେ ସୂଚୀତ କରାଯିବ । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଦିଲ୍ଲୀ (ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ ଏବଂ ଦିଲ୍ଲୀ କ୍ୟାଂଟନମେଂଟ ବୋର୍ଡ), ଗୋଆ, କର୍ଣ୍ଣାଟକ, ଲାକ୍ଷାଦ୍ୱୀପ, ମିଜୋରାମ, ଓଡ଼ିଶା ଏବଂ ସିକିମରେ ଘର ତାଲିକା ଏବଂ ଘର ଗଣନା ଏପ୍ରିଲ ୧୬ ରୁ ମଇ ୧୫, ୨୦୨୬ ମଧ୍ୟରେ କରାଯିବ । ଏହାପୂର୍ବରୁ ଏପ୍ରିଲ ୧ରୁ ୧୫, ୨୦୨୬ ପର୍ଯ୍ୟନ୍ତ ସ୍ୱଗଣନା ପାଇଁ ସୁଯୋଗ ରହିବ । ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଛତିଶଗଡ଼ ଏବଂ ହରିୟାଣାରେ, ଏହି କାର୍ଯ୍ୟ ୧ ମେ ରୁ ମଇ ୩୦, ୨୦୨୬ ପର୍ଯ୍ୟନ୍ତ ହେବ, ସେହିପରି ଆତ୍ମ-ଗଣନା ଅବଧି ଏପ୍ରିଲ ୧୬ ରୁ ୩୦, ୨୦୨୬ ପର୍ଯ୍ୟନ୍ତ ରହିବ । ଏକ ବିସ୍ତୃତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ-ୱାରୀ କାର୍ଯ୍ୟସୂଚୀ ପରିଶିଷ୍ଟରେ ସଂଲଗ୍ନ କରାଯାଇଛି । ଭାରତ ସରକାର ୨୦୨୭ ଜନଗଣନା ପାଇଁ ୧୧,୭୧୮.୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି ତଥା ଗଣନାକାରୀଙ୍କ ପାଉଣା, ତାଲିମ, ଆଇଟି ଭିତିଭୂମି, ଲଜିଷ୍ଟିକ୍ସ ଇତ୍ୟାଦି ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି । ୨୦୨୭ ଜନଗଣନା ଡିଜିଟାଲ୍ ମାଧ୍ୟମରେ କରାଯିବ । ଗଣନାକାରୀମାନେ ଏକ ମୋବାଇଲ୍ ଆପ୍ ମାଧ୍ୟମରେ ସିଧାସଳଖ ସେମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାର କରି ତଥ୍ୟ ସଂଗ୍ରହ ଏବଂ ଦାଖଲ କରିବେ । ଏହା ସହିତ, ଉଭୟ ପର୍ଯ୍ୟାୟରେ ଆତ୍ମ-ଗଣନା ପାଇଁ ଏକ ଅନଲାଇନ୍ ସୁବିଧା ଉପଲବ୍ଧ ହେବ । ମୋବାଇଲ୍ ଆପ୍ ଏବଂ ଆତ୍ମ-ଗଣନା ପୋର୍ଟାଲ୍ ହିନ୍ଦୀ ଏବଂ ଇଂରାଜୀ ସମେତ ୧୬ଟି ଭାଷାରେ ଉପଲବ୍ଧ ହେବ । ଜନଗଣନା ସହିତ ଜଡିତ ବିଭିନ୍ନ କାର୍ଯ୍ୟକଳାପ ପରିଚାଳନା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ୍ ବିକଶିତ କରାଯାଇଛି - ଯେପରିକି ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ପାଇଁ ନିଯୁକ୍ତି ଏବଂ ପରିଚୟପତ୍ର ସୃଷ୍ଟି, କାର୍ଯ୍ୟ ବଂଟନ, ତାଲିମ ପରିଚାଳନା, ଗୃହ-ତାଲିକା ବ୍ଲକ (ଏଚଏଲବି) ସୃଷ୍ଟି, ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟ ତଦାରଖ ଏବଂ ସ୍ୱୟଂଚାଳିତଭାବେ କିଛି ଜନଗଣନା ରେକର୍ଡ/ସାରାଂଶ ପ୍ରସ୍ତୁତି । ଏକ ୱେବ୍-ମ୍ୟାପିଂ ଆପ୍ଲିକେସନ୍ ବ୍ୟବହାର କରି ଗୃହ-ତାଲିକା ବ୍ଲକ (ଏଚଏଲବି) ପ୍ରସ୍ତୁତ କରାଯିବ । ତଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି ।





କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୩୧ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨


# ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ




ଗଣିଆ, ୩୦/୩ (ଆ.ପ୍ର) : ଗଣିଆରେ ଥିବା ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ, ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ବେହେରା,ବିଆରସିସି ବିନୋଦିନୀ ପଣ୍ଡା,ବ୍ୟଙ୍ଗ କବି ଆର୍ତ୍ତତ୍ରାଣ ମିଶ୍ର, ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତ, ପରିଚାଳନା କମିଟିର ସଭାପତି ସମୀର କୁମାର ସାହୁ ପ୍ରମୁଖ ମଂଚାସୀନ ଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଧୁପପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଶିକ୍ଷା ସହିତ କ୍ରିଡା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଭଲ ପଢିବା ସହିତ ଭଲ ଖେଳି ବିଦ୍ୟାଳୟର ନାଁ ରଖିବାକୁ ଛାତ୍ର ଛାତ୍ରୀ ମାନଙ୍କୁ ସେମାନେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟରେ ଦୌଡ,ଉଚ୍ଚ ଡିଆଁ, ଲମ୍ବା ଡ଼ିଆଁ, ଭଲି ବଲ୍, ଫୁଟବଲ ଆଦି କ୍ରିଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟତ୍ରୀ ସସ୍ମିତା ମଣ୍ଡଳ, ଉର୍ଜା ସାହୁ ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

# ଖଣ୍ଡପଡା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର, ୫୬ ଗୋଟିର ତତ୍କାଳ ସମାଧାନ




ଖଣ୍ଡପଡ଼ା, ୩୦/୩ (ଆ.ପ୍ର) : ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରା, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଡ଼ଃ ଅଭିସାର ପଣ୍ଡା, ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ ଓ ଅନ୍ୟ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ । ସର୍ବମୋଟ ୧୪୧ ଗୋଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୨୯ ଟି ବ୍ୟକ୍ତିଗତ, ୧୦ ଟି ଗ୍ରାମ୍ୟ ସମସ୍ୟା, ୨ ଟି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ସଂପର୍କିତ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ବିଭିନ୍ନ ଅଭିଯୋଗ ମଧ୍ୟରୁ ୫୬ ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# କଖଡି ଗ୍ରାମରେ ମା ହିଙ୍ଗୁଳାଙ୍କ ୬୯ତମ ବିଶ୍ୱଶାନ୍ତି ହିଙ୍ଗୁଳା ଯଜ୍ଞ



ଟାଙ୍ଗୀ ଚୌଦ୍ୱାର, ୩୦/୩ (ଆ.ପ୍ର) : କଟକ ଜିଲ୍ଲା ଟାଙ୍ଗୀଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡି ଗ୍ରାମରେ ୬୯ତମ ବିଶ୍ୱଶାନ୍ତି ହିଙ୍ଗୁଳା ଯଜ୍ଞ ଆରମ୍ଭ ହୋଇଯାଇଛି । ଆଜି ସକାଳ ୮ ଘଟିକା ସମୟରେ କଖଡି ଘାଟ କୂଳ ମହାନଦୀରୁ ମାତା ଗଙ୍ଗାଙ୍କୁ ପୂଜାର୍ଚ୍ଚନା କରିବା ପରେ ମାଙ୍କ ଘଟକୁ ଘଂଟ ବାଦ୍ୟରେ ସ୍ୱାଗତ କରି ବାବା ବାଞ୍ଛେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ମା ହିଙ୍ଗୁଳାଙ୍କ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ଗ୍ରାମର ପ୍ରାୟ ୩୦୦ ମହିଳା ଏହି କଳସ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଏହି ଯଜ୍ଞରେ କର୍ତା ଭାବେ ଗ୍ରାମର ଅଫିସର୍ ନାୟକଙ୍କୁ କରାଇଥିଲା । କଖଡି ଗ୍ରାମ୍ୟ କମିଟି ସଭାପତି ଶ୍ରୀଯୁକ୍ତ ଦିଲ୍ଲିପ କୁମାର ଛତାର, ହିଙ୍ଗୁଳା ଯଜ୍ଞ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା, କୋଷାଧ୍ୟକ୍ଷ ନାରାୟଣ ସାହୁ, ରଞ୍ଜନ କୁମାର ମୁଦୁଲି, ଶରତ ଚନ୍ଦ୍ର ମହାନ୍ତି, ଓମ୍ ପ୍ରକାଶ ମୁଦୁଲି, ଶେଷ ଦେବ ମୁଦୁଲି, ବେଣୁଧର ସାହୁ, ପ୍ରକାଶ ଚନ୍ଦ୍ର ମୁଦୁଲି, ସୌଭାଗ୍ୟ ମହାନ୍ତି, ପ୍ରତାପ ଚନ୍ଦ୍ର ରାଉତ, ତପନ ମୁଦୁଲିଙ୍କ ସହ ଗ୍ରାମର ଅନେକ ଯୁବକ ଓ ମୂରବୀ ଉପସ୍ଥିତ ରହି ମା ହିଙ୍ଗୁଳାଙ୍କ ସ୍ୱାଗତ କରିଥିଲେ

# ୩ ଦିନିଆ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ



ଜି.ଉଦୟଗିରି, ୩୦/୩ (ଆ.ପ୍ର) : ସ୍ଥାନୀୟ ହବାକ ଉଚ୍ଚ ବିଦ୍ୟାଳୟ ପରିସରରେ ୩ ଦିନିଆ ଜାତୀୟ ଗୃହ ଗଣନା ଓ ଜନଗଣନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୩୦ ତାରିଖ ଠାରୁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିବ ।ଜି.ଉଦୟଗିରି ତହସିଲଦାର ରଞ୍ଜନ କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିର ଦୁଇଟି ବ୍ୟାଚରେ ହେଉଥିବା ବେଳେ ମୋଟ ୮୨ ଜଣ ଜନଗଣନା ଅଧିକାରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି । ପ୍ରଶିକ୍ଷଣ ଶିବିରରେ ଗିରିଶ କୁମାର ମୁଟାମାଝି, ସୌରଭ ସୁନ୍ଦର ପ୍ରଧାନ, ସଂଗ୍ରାମ କେଶରୀ ପଣ୍ଡା ଓ ନିରଞ୍ଜନ ମହାରଣା ଫିଲ୍ଡ ତାଲିମ ଦାତା ଭାବେ ଉପସ୍ଥିତ ରହି ଜନଗଣନା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ପ୍ରଶିକ୍ଷଣରେ ଜଣାଇ ଦିଆଯାଇଛି ଯେ ଏପ୍ରିଲ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ନିଜ ମୋବାଇଲ ଫୋନ୍ ମାଧ୍ୟମରେ ସରକାରୀ ୱେବସାଇଟରେ ଲଗଇନ୍ କରି ୩୩ଟି ପ୍ରଶ୍ନର ତଥ୍ୟ ଅନଲାଇନ୍ ମାଧ୍ୟମରେ ପ୍ରଦାନ କରିପାରିବେ । ପରବର୍ତୀ ପର୍ଯ୍ୟାୟରେ ଏପ୍ରିଲ ୧୬ ରୁ ମଇ ୧୫ ପର୍ଯ୍ୟନ୍ତ ଜନଗଣନା ଅଧିକାରୀ ଓ ନିରୀକ୍ଷକ ମାନେ ଘରେ ଘରେ ପହଂଚି ଗୃହ ଗଣନା ଓ ଜନଗଣନା କାର୍ଯ୍ୟ ସମ୍ପନ୍ନ କରିବେ । ଏହି ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସମ୍ପର୍କିତ ସଠିକ ତଥ୍ୟ ସଂଗ୍ରହ କରିବା, ଯାହା ଆଗାମୀ ଦିନରେ ଲୋକମାନେ ସରକାରୀ ସୁବିଧା ଓ ଯୋଜନାର ଲାଭ ସହଜରେ ପାଇପାରିବେ ।

# ଜ୍ଞାନାର୍ଥ ପବ୍ଲିକ ସ୍କୁଲରେ 'ଗ୍ରାଜୁଏସନ ଦିବସ' ପାଳିତ




ଦଶପଲ୍ଲା, ୩୦/୩ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ତ୍ରିନାଥ ବଜାର ସନ୍ନିକଟରେ ଅବସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଜ୍ଞାନାର୍ଥ ପବ୍ଲିକ ସ୍କୁଲ' ପରିସରରେ 'ଗ୍ରାଜୁଏସନ ଦିବସ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସଫଳତା ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସ୍କୁଲର ଅଧ୍ୟକ୍ଷ ବଳରାମ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସଭାରେ ଦଶପଲ୍ଲା ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବରିଷ୍ଠ ଆଇନଜୀବୀ ଗୌରଚନ୍ଦ୍ର ମିଶ୍ର, ସଜ୍ଜନ କୁମାର ଅଗ୍ରୱାଲ ଏବଂ ଅନୁଷ୍ଠାନର ସଂପାଦିକା ଅରୁନ୍ଧତୀ ମୁଖାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ମହତ୍ୱ ଓ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ଉପସ୍ଥିତ କୁନି କୁନି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ବହୁବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା । ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ପିଲାମାନେ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ସଫଳ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାର୍ଷିକ ଉତ୍ସବ ପ୍ରେରଣାଦାୟୀ ଶିଶୁ ପ୍ରତିଭାର ଦୀପ୍ତିମୟ ମଂଚ



ବଣାଇଁ, ୩୦/୩ (ଆ.ପ୍ର) : ସେଂଟ ଜାଭିୟର ପବ୍ଲିକ ସ୍କୁଲ ଓ ସେମରକ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଦେଓଗାଁ କଲ୍ୟାଣ ମଣ୍ଡପ ଠାରେ ଦୁଇ ଦିନ ଧରି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ଛାତ୍ରଛାତ୍ରୀ ତଥା ଅତିଥି ମାନଙ୍କ ଦ୍ୱାରା ଠାକୁରଙ୍କ ଠାରେ ଦୀପ ଧୂପ ପ୍ରଜ୍ୱଳନ କରି ଉତ୍ସବର ଶୁଭ କାମନା କରିଥିଲେ । ଉତ୍ସବକୁ ବିଦ୍ୟାଳୟ ପ୍ରିନ୍ସିପାଲ ସସ୍ମିତା ଚୌଧୁରୀ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ସହିତ ବାର୍ଷିକୀ ବିବରଣୀ ପାଠ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍କୁଲ ପରିଚାଳନା କମିଟିର ଡାଇରେକ୍ଟର ରାଜୁ ପୃଷେଷ୍ଟ୍ ସହିତ ପ୍ରଥମ ଦିନର ଅତିଥି ଭାବରେ କରେଇଫୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଗରା, ବଣାଇଁର ସାମ୍ବାଦିକ ଡମ୍ବରୁ ପ୍ରଧାନ, ରଣଜିତ୍ ଚୌଧୁରୀ, ହବିବ ଖାନ, ରାକେଶ ପ୍ରଧାନ, ସୁରଜ ପ୍ରତାପ ମହାନ୍ତି ଭ୍ରମରବର ବାରିକ, ହେମନ୍ତ ପାତ୍ର, ଚିନ୍ମୟ ତ୍ରିପାଠୀ,ପ୍ରଦୀପ ସାହୁ, କରାଟେ କୋଚ୍ ବିଶ୍ୱଜିତ ବାରିକ୍, ବିଇଓ କାର୍ଯ୍ୟାଳୟର କ୍ଲର୍କ ମାନସ ରଞ୍ଜନ ପଟେଲ ଉପସ୍ଥିତ ରହିଥିଲେ । ଦ୍ୱିତୀୟ ଦିବସରେ ସାମ୍ବାଦିକ ଭାବରେ ସତ୍ୟନାରାୟଣ ମିଶ୍ର, ସନ୍ତୋଷ କୁମାର ଅଟୀ ପ୍ରମୁଖ ଉପସ୍ଥିତ ରହି ସମାରୋହକୁ ଉତ୍ସାହିତ କରିଥିଲେ । ଉପସ୍ଥିତ ଅତିଥି ତାଙ୍କ ମନ୍ତବ୍ୟରେ ରଖିଥିଲେ ଯେ ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ଶିକ୍ଷା ମନୁଷ୍ୟର ଜ୍ଞାନ ବର୍ଦ୍ଧନ କରୁଥିଲା ବେଳେ ସଂସ୍କାର ବ୍ୟକ୍ତିକୁ ଜୀବନ ଜୀଇଁବାର କଳା ଶିଖେଇଥାଏ । ମନୁଷ୍ୟ ପାଇଁ ଶିକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ସଂସ୍କାର ତତୋଧିକ ଗୁରୁତ୍ୱପୂର୍ଣ୍ଣ । ସଂସ୍କାର ବ୍ୟକ୍ତିର ନୀତିଗତ ଓ ସାମାଜିକ ଆଚାର ବ୍ୟବହାରକୁ ଗଢିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସଂସ୍କାର ଦ୍ୱାରା ପରିଚାଳିତ ହୋଇ ମନୁଷ୍ୟ ଅନ୍ୟପ୍ରତି ସ୍ନେହ, ସମ୍ମାନ, ଓ ସହାନୁଭୂତି ପ୍ରଦର୍ଶନ କରିଥାଏ ।ଶିକ୍ଷା ସହିତ ସଂସ୍କାର ନ ମିଶିଲେ ନୂତନ ପିଢ଼ିଙ୍କ ଭିତରେ ସଂସ୍କୃତି ପ୍ରୀତି ଆସିବ ନାହିଁ । ଏହାଦ୍ୱାରା କାଳକ୍ରମେ ସାଂସ୍କୃତିକ ଅବକ୍ଷୟ ଦେଖାଦେବ । ସଂସ୍କାରର ଅଭାବରେ ନବ୍ୟଶିକ୍ଷିତ ଆଗାମୀ ପିଢ଼ି ସାମାଜିକ ଚାଲି ଚଳଣି, ରୀତିନୀତି , ଧର୍ମ ବିଶ୍ୱାସ ଓ ପରମ୍ପରା ଠୁଁ ଦୂରେଇ ଯିବେ । ପୁନଶ୍ଚ ଆମକୁ ଅତୀତ ପ୍ରତି ଦୃଷ୍ଟିପାତ କରି ଅତୀତର ସେହି ପୋଥି ପୁରାଣ ଭିତରୁ ସମାଜକୁ ଭଲ କରି ଚିହ୍ନିନଥିବା ନୂଆ ପିଢିଙ୍କୁ ଜୀବନ ଜୀଇଁବାର କଳା ଶିଖେଇବାକୁ ହେବ । ଗୋଟିଏ ପଟେ ଭବିଷ୍ୟତର ଜୀବିକା ନିମନ୍ତେ ଶିକ୍ଷା ଅନ୍ୟ ପକ୍ଷରେ ଜୀବନ ପାଇଁ ଶିକ୍ଷା ଓ ତା ସହିତ ସଂସ୍କାର ଏ ତିନୋଟିର ସମ୍ମିଶ୍ରଣ ଘଟିଲେ ଆମ ସାଂସ୍କୃତିକ ମହନୀୟତା ବଜାୟ ରହିବ , ସମାଜର କଲ୍ୟାଣ ସାଧନ ହେବ । ଶିକ୍ଷା ଦ୍ୱାରା ବ୍ୟକ୍ତିର ବୌଦ୍ଧିକ ବିକାଶ ଓ ଜ୍ଞାନ ବୃଦ୍ଧି ହେଉଥିଲା ବେଳେ, ସଂସ୍କାର ବ୍ୟକ୍ତିକୁ ଉଚିତ୍ ପଥରେ ଯିବା ପାଇଁ ପ୍ରେରଣା ଦେଇଥାଏ । ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ । ଶିକ୍ଷା, ସଂସ୍କାର ଓ ସଂସ୍କୃତି ଏ ତିନୋଟି ସମାଜ ଓ ରାଷ୍ଟ୍ରର ବିକାଶ ନିମନ୍ତେ ନିତାନ୍ତ ଆବଶ୍ୟକ । ଏ ତିନୋଟିର ସମ୍ମିଶ୍ରଣରେ ଏକ ସୁସ୍ଥ ,ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ କରାଯାଇ ପାରିବ । ପରେ ସ୍କୁଲର ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ବିଶେଷ ମାନପତ୍ର ଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶିର୍ବାଦ କରିବା ସହିତ ବାର୍ଷିକ ଖେଳ, ସାଂସ୍କୃତିକ, ବୌଦ୍ଧିକ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଦୁଇ ତିନି ଧରି ସ୍କୁଲ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ ମଂଚରେ ନିଜର ପ୍ରତିଭା ପରିବେଷଣ କରି ଅଭିଭାବକ ତଥା ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ । ଉତ୍ସବରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହାୟତା କରିଥିଲେ । ଶେଷରେ କାର୍ଯ୍ୟଲିକା ଶତପଥୀ ଉତ୍ସବରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଉତ୍ସବକୁ ଶେଷ ବିରାମ ଘୋଷଣା କରିଥିଲେ ।

# ଭାଜପାର ଦୁଇ ଦିନିଆ ପ୍ରଶିକ୍ଷଣ ବର୍ଗ ଉଦଯାପିତ




ଜି.ଉଦୟଗିରି, ୩୦/୩ (ଆ.ପ୍ର) : ଜି.ଉଦୟଗିରି ନଗର ମଣ୍ଡଳ ଭାଜପା ତରଫରୁ ଦୁଇ ଦିନିଆ ପଣ୍ଡିତ ଦିନଦାୟଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ରବିବାର ଉଦାଯାପିତ ହୋଇଯାଇଛି । ନଗର ଉପ ସଭାପତି ମନୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହ ରେ ଜି.ଉଦୟଗିରି ପ୍ରଭାରୀ ଅଜିତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ନଗର ସଭାପତି ଭେଙ୍କଟେଶ୍ୱର ବେହେରା, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା କାଯ୍ୟକରିଣୀ ସଦସ୍ୟ ପ୍ରିୟବ୍ରତ ସାହୁ, ନବ କିଶୋର ପ୍ରଧାନ, ପୂର୍ବତନ ରାଇକିଆ ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ଦଳର ପୃଷ୍ଠ ଭୂମି, ଦୃଷ୍ଟି କୋଣ, କାର୍ଯ୍ୟପଦ୍ଧତି, ବୁଥ ପରିଚାଳନା, ସାମାଜିକ ଗଣମାଧ୍ୟମ ପରିଚାଳନା ସରଳ ଆପ ନମୋ, ଏସଆଇଆର ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ନଗର ଭାଜପା ସମ୍ପାଦକ ପ୍ରଶାନ୍ତ ବଗର୍ତି ଏବଂ ପ୍ରଶାନ୍ତ ମୁନି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଜପା କାଉନସିଲର ଓ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ ।

# ନୂଆପଡା ସିନାପାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ନୂଆପଡ଼ା, ୩୦/୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଦ୍ୱାରିକା ନାଥ ଶତପଥୀ, ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ, ବ୍ଲକ୍ ଉପାଧକ୍ଷା ମୀନା ଘିବେଲା,ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ, ଏସ୍ ଡି ପି ଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ତଥା ଗ୍ରାମ ଗୁଡିକରୁ ୭୬ ଟି ବ୍ୟକ୍ତିଗତ ଓ ୧୪ ଟି ସାମୂହିକ ମୋଟ ୯୦ ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା । ଶିବିରରେ ଅନୁ ଛତିଆ ଓ ଆନନ୍ଦ ହରିଜନଙ୍କୁ ରେଡ୍ କ୍ରସ୍ ପାଣ୍ଠିରୁ ପାଂଚ ହଜାର ଟଙ୍କା ଲେଖାଏ ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇ ଥିଲା । ସେହିପରି, ସେବତୀ ସହଣ୍ଡଙ୍କୁ ମୁଖ୍ୟ ମନ୍ତ୍ରୀ ସହାୟତା ପାଣ୍ଠିରୁ ଦଶ ହଜାର ଟଙ୍କା ଓ ଇନ୍ଦ୍ରମଣି ହଂସଙ୍କୁ ପାଂଚ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଥିଲା । ଶୁଣାଣୀ ଶିବିର ଉପଲକ୍ଷେ କରଣଭାହାଲି ପଂଚାୟତରେ ଏକ ରକ୍ତଦାନ ଶିବିର ଓ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଆଜି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

# ବାଣପୁର ପ୍ରଖଣ୍ଡ ତରଫରୁ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ

ଚିଲିକା /ବାଣପୁର, ୩୦/୩ (ଆ.ପ୍ର) : ବିଶ୍ୱହିନ୍ଦୁ ପରିଷଦ ବାଣପୁର ପ୍ରଖଣ୍ଡ ତରଫରୁ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଜନ୍ମ ମହୋତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନାଚୁଣୀ ଅଂଚଳର ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା । ପ୍ରତ୍ୟେକ ରଘୁନାଥ ମନ୍ଦିରରେ ହୋମ, ଯଜ୍ଞ ଓ ଅଭିଷେକ ଇତ୍ୟାଦି ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ସ୍ଥାନୀୟ ଯୁବକଙ୍କୁ ନେଇ ଆୟୋଜନ କରାଯାଇଥିଲା । ଶୋଭାଯାତ୍ରାରେ ରାମଲାଲାଙ୍କ ବିଗ୍ରହ ଶୋଭିତ ଏକ ରଥ ପରିକ୍ରମା କରିଥିଲା । ସ୍ଥାନୀୟ ସଲପଡ଼ିହି ସ୍ଥିତ ବିଜେ ମା' ପାଣ୍ଡବାଶୁଣୀଙ୍କ ମନ୍ଦିର ପ୍ରାଙ୍ଗଣରୁ ୨୦୦ ମୋଟରସାଇକଲରେ ପ୍ରାୟ ୩୦୦ ରାମଭକ୍ତ ପାଣ୍ଡବଶୁଣୀ ମନ୍ଦିରରୁ ବାହାରି ସଲପଡ଼ି, ଲୋକିପୁର, ନାଚୁଣୀ, ସୁନାଖଳା, ଜୀବଦେଇପୁର, କୁଲେଇ, ଭାଟପଡା, ଗମ୍ଭାରୀମୁଣ୍ଡା ଓ ଆୟତପୁର ଦେଇ ପଥରା ରାଧାକାନ୍ତଦେବ ମନ୍ଦିରଠାରେ ଶେଷ ହୋଇଥିଲା । ରଥକୁ ପ୍ରତି ଗ୍ରାମରେ ମା ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ବନ୍ଦାପନା କରାଯାଇଥିଲା, ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇ ଉଠିଥିଲା । ଶୋଭାଯାତ୍ରାଟି ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ପ୍ରତ୍ୟକ୍ଷ ସହଯୋଗରେ ଶାନ୍ତି ଶୃଙ୍ଖଳା ସହିତ ସମ୍ଭବ ହୋଇଥିଲା । ଶୋଭାଯାତ୍ରାକୁ ବିଶ୍ୱହିନ୍ଦୁ ପରିଷଦ ଚିଲିକା- ବାଣପୁର ପ୍ରଖଣ୍ଡ ସମ୍ପାଦକ ନିଶିରଞ୍ଜନ ବଳବନ୍ତରାୟ, ବଜରଙ୍ଗ ଦଳ ବାଣପୁର ପ୍ରଖଣ୍ଡ ସହ-ସଂଯୋଜକ ସାଇ ଅମିତ ମହାପାତ୍ର, ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ସହ ସଂଯୋଜକ ଜିତେନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ହରିପୁର ମଣ୍ଡଳ ପ୍ରମୁଖ ଦୀପକ କୁମାର ରଣା, ଭାରତୀୟ ଜନତା ଯୁବ ମୋର୍ଚ୍ଚା ପ୍ରତାପଶ୍ୱର ମଣ୍ଡଳ ସଭାପତି ଗଣେଶ ପ୍ରସାଦ ଜେନା, ସାଇ ସୋମନାଥ ଦଳାଇ, ମାନସ ସାହୁ, ବୁବୁ ବରାଳ, ଦୀପୁ ପ୍ରଧାନ, ବ୍ରହ୍ମାନନ୍ଦ ସାମନ୍ତସିଂହାର, ଆଲୋକ ପାଇକରାୟ, ସୋମନାଥ ସାମନ୍ତରାୟ, ଅମିତ ବେହେରା, ରାଜା ପ୍ରଧାନ, ରାକେଶ ଛାଟୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଗଣ୍ଡାବଧ ସମ୍ପନ୍ନ, ବିପୁଳ ଜନସମାଗମ



ଦଶପଲ୍ଲା, ୩୦/୩ (ଆ.ପ୍ର) : ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ପ୍ରମୁଖ ଆକର୍ଷଣ 'ଗଣ୍ଡାବଧ ' ସୋମବାର ଦିନ ସମ୍ପନ୍ନ ହୋଇଛି । ଇତ୍ୟବସରରେ ବାଣ, ବାଜା, ରୋଷଣି, ଘୋଡ଼ା ନାଚ ସହିତ ଏକ ସୁସଜ୍ଜିତ ବିଶାଳ ପଟୁଆର ମହାବିର ମନ୍ଦିରଠାରୁ ବାହାରି ପ୍ରାୟ ତିନି କିଲୋମିଟର ରେ ଥିବା ନେତାଜୀ ମଇଦାନ ସ୍ଥିତ ସ୍ଥାୟୀ ମଣ୍ଡପ ଠାରେ ପହଂଚି ଥିଲେ । ସେଠାରେ ପାରମ୍ପାରିକ ରୀତି ନୀତି ଅନୁଯାୟୀ ରାମଲୀଳା ର ଅଭିଜ୍ଞ କଳାକାର ମାନଙ୍କୁ ନେଇ ଲିଳାଭିନୟ ପରିବେଷିତ ହୋଇ ଥିଲା । ଆତସବାଜି ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଯାରିରହିଥିଲା । ନେତାଜି ପଡ଼ିଆ ର ଚତୁପାର୍ଶ୍ୱ ସୁସଜ୍ଜିତ ଲାଇଟ ସାଙ୍ଗକୁ ଲୋକାରଣ୍ୟ ହୋଇଥିଲା ।ଲଙ୍କାପୋଡି ଯାତ୍ରା କମିଟି ସଭାପତି ତଥା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ ,ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ମଧୁସ୍ମିତା ବଳିଆରସିଂ, ବିଜେପି ନେତା ରାଘବ ମଲ୍ଲିକଙ୍କ ସମେତ ଯାତ୍ରା କମିଟିର କର୍ମକର୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସୂଚନା ଯୋଗ୍ୟଯେ ପୁରାଣ ମତାନୁସାରେ ସୂର୍ଯ୍ୟ ବଂଶର ପ୍ରଥାନୁସାରେ ପିତୃ ଶ୍ରାଦ୍ଧ ଦିନ ଯୁବରାଜ ଓ ରାଜ କୁମାର ମାନେ ଗଣ୍ଡା ବଧ କରି ସେମାନଙ୍କ ବିରତ୍ୱ ପ୍ରଦର୍ଶନ କରନ୍ତି । ତେଣୁ ପ୍ରଭୁ ଶ୍ରୀ ରାମ ନିଜ ଭାଇଙ୍କ ସହିତ ଚତୁରାଙ୍ଗ ସେନାଙ୍କୁ ନେଇ ଗଣ୍ଡା ବଧ ସମ୍ପନ୍ନ ହୋଇଥାଏ ।

# ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ

ଭଦ୍ରକ, ୩୦/୩ (ଆ.ପ୍ର) : ଭବ୍ୟ, ଦିବ୍ୟ ଓ ଆନନ୍ଦମୟ ୩୬ ବର୍ଷର ଶ୍ରୀରାମ ନବମୀ ମହୋତ୍ସବ ସମାପନ ହୋଇଯାଇଛି । ମାତୃଭୂମୀ ପାଇଁ ଗଣଦୌଡ଼ ଠୁ ଆରମ୍ଭ କରି ଗୋ ମାତା ଓ ସାଧୁ ସନ୍ଥ ପୂଜନ, ସ୍ୱାଗତ ପରିପ୍ରେକ୍ଷୀରେ ବାଇକ୍ ଶୋଭାଯାତ୍ରା, ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ୭ ଦିନ ବ୍ୟାପୀ ଗାନ୍ଧୀ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଜ୍ଞା ମାଳ ଯାତ୍ରା, ମହିଳା କଳସ ଶୋଭାଯାତ୍ରା, ୩ ଦିନ ବ୍ୟାପୀ ଶ୍ରୀରାମ ନବମୀ ମହାଯଜ୍ଞ, ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ ଏବଂ ଐତିହାସିକ ନଗର ସଙ୍କୀର୍ତନ ଶୋଭାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ସଫଳ କରିଥିଲେ । ଶ୍ରୀରାମ ମହାଯଜ୍ଞ ସମିତିର ଶତାଧିକ କାର୍ଯ୍ୟକର୍ତା ନିଜର ତ୍ୟାଗ, ସମର୍ପଣ ଓ ପ୍ରଚେଷ୍ଟାରେ ଏ ଭବ୍ୟ ଦିବ୍ୟ ଶ୍ରୀରାମ ନବମୀର ରୂପରେଖ ପ୍ରସ୍ତୁତ କରିବାଠୁ ଆରମ୍ଭ କରି ପ୍ରତିଟି କାର୍ଯ୍ୟକୁ ସୁଚାରୁରୂପେ ଅନ୍ତିମ ସୋପାନ ପର୍ଯ୍ୟନ୍ତ ନିର୍ଭୁଲ ଭାବେ ନିର୍ବାହ କରିବାର ଦାୟିତ୍ୱ ତୁଲାଇଥିଲା । ଶ୍ରୀରାମ ନବମୀ ମହୋତ୍ସବ ଅନ୍ତର୍ଗତ ସମସ୍ତ କାର୍ଯ୍ୟକ୍ରମର ସଫଳତା ଏବଂ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଲକ୍ଷ ଲକ୍ଷ ଶ୍ରୀରାମ ଭକ୍ତ, ସମସ୍ତ ମେଢ଼ କମିଟି, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଗଣମାଧ୍ୟମ, ସାମାଜିକ ସଙ୍ଗଠନ, ସାମାଜିକ କର୍ମୀ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ।

# ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ 'ପଖାଳ'କୁ ଜିଆଇ ମାନ୍ୟତା ପାଇଁ ଦାବି ଉଠାଇଲେ ବାଲେଶ୍ୱର ବାୟୁସେନା ସଂଗଠନ



ବାଲେଶ୍ୱର, ୩୦/୦୩ (ଆ.ପ୍ର) : ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ 'ପଖାଳ'କୁ ଜିଆଇ ମାନ୍ୟତା ପାଇଁ ବାଲେଶ୍ୱରରୁ ଉଠିଲା ଦାବି । ପୂର୍ବରୁ କଟକବାସୀ ଏବଂ ପରେ ଶ୍ରୀକ୍ଷେତ୍ର ପୁରୀରୁ ପଖାଳକୁ ଜିଆଇ ଟ୍ୟାଗ୍ ପାଇଁ ଦାବି ଉଠିଥିବା ବେଳେ ଏବେ ବାଲେଶ୍ୱରରୁ ମଧ୍ୟ ଏନେଇ ଦାବି ଜୋର୍ ଧରିଛି । ପଖାଳକୁ ସ୍ୱତନ୍ତ୍ର ପରିଚୟ ଭାବେ ସ୍ୱୀକୃତି ଦେବାକୁ ସରକାରଙ୍କୁ ଅନୁରୋଧ କଲେ ବାଲେଶ୍ୱର ବାୟୁସେନା ସଂଗଠନ । ରବିବାର ଦିନ ବାଲେଶ୍ୱର ବାୟୁସେନା ସଂଗଠନ ପକ୍ଷରୁ ମେଘଡମ୍ବରୁ ଠାରେ ବିଳମ୍ବିତ ପଖାଳ ଦିବସ ପାଳନ ଅବସରରେ ଏପରି ମତପ୍ରକାଶ ପାଇଛି । ଏହି ସଂଗଠନରେ ବର୍ତ୍ତମାନ ୨୬୦ ଜଣ ସଭ୍ୟ ସଭ୍ୟାଙ୍କ ସହିତ ସେମାନଙ୍କ ପରିବାର ଲୋକଙ୍କୁ ମିଶାଇ ପ୍ରାୟ ପାଂଚ ଶହ ଜଣ ରହିଛନ୍ତି । ସମସ୍ତେ ଏହି ପଖାଳ ଦିବସ ପାଳନରେ ସାମିଲ ହୋଇଥିଲେ । ସଂଗଠନ ସଭାପତି ଶିବଦାସ କୁଣ୍ଡୁ, ରଘୁନାଥ ଜେନା, ରାଜକିଶୋର ଜେନା ପ୍ରମୁଖଙ୍କ ତତ୍ୱାବଧାନରେ ଏହି ଦିବସ ଆୟୋଜିତ ହୋଇଥିଲା । ବିଳମ୍ବରେ ପଖାଳ ଦିବସ ପାଳନ ସମ୍ପର୍କରେ ସଭାପତି ଦେବଦାସ କୁଣ୍ଡୁ ସୂଚନା ଦେଇ କହିଲେ ଯେ, 'ପ୍ରକୃତରେ ପଖାଳ ଦିବସ ମାର୍ଚ୍ଚ ମାସ ୨୦ ତାରିଖରେ ପାଳିତ ହୋଇଥାଏ । ହେଲେ ଏଥର ନବରାତ୍ରୀ ଥିବାରୁ ଆମେ ଆଜି ଦିନରେ ପଖାଳ ଦିବସ ପାଳନ କରିବୁ ବୋଲି ନିଷ୍ପତି ନେଇଥିଲୁ । ଉତ୍କଳ ପ୍ରଦେଶର ବଡ଼ ପରିଚୟ ହେଉଛି ପଖାଳ । ପଖାଳ ଏପରି ପାଗରେ ଦେହ ପାଇଁ ବହୁତ ଉପକାରୀ । ସେଥିପାଇଁ ଆମେ ଏହାକୁ ପ୍ରଚାର ପ୍ରସାର କରୁଛୁ । ପଖାଳ ସମସ୍ତଙ୍କ ପାଇଁ ଉପଯୋଗୀ ଏକ ଖାଦ୍ୟ । ଜଗନ୍ନାଥ ସଂସ୍କୃତିରେ ପଖାଳର ବର୍ଣ୍ଣନା ରହିଛି । ଦୁର୍ଭାଗ୍ୟବଶତଃ ଏହି ପଖାଳ ଏବେ ପଛକୁ ରହିଛି । ଏଥିପାଇଁ ଜିଆଇ ଟ୍ୟାଗ୍ ର ଆବଶ୍ୟକତା ରହିଥିବା ବେଳେ ଏଥିପାଇଁ ଆମେ ଚେଷ୍ଟା କରିବା ସହିତ ସରକାରଙ୍କୁ ଅନୁରୋଧ କରୁଛୁ ଯେ ରାଜ୍ୟ ସ୍ତରରେ ଯେଉଁ ପ୍ରଶାସନିକ ଆବଶ୍ୟକତା ଅଛି ତାହାକୁ ପୂରଣ କରି ଜିଆଇ ଟ୍ୟାଗ ପାଇଁ ଚେଷ୍ଟା କରିବେ । 'ପଖାଳ ଏକ ପୁଷ୍ଟିକର, ସ୍ୱାସ୍ଥ୍ୟକର, ସମୟୋପଯୋଗୀ ଏବଂ ପାଣିପାଗ ଉପଯୋଗୀ ଖାଦ୍ୟ ହୋଇଥିବାରୁ ଆମେ ମଧ୍ୟ ପଖାଳ ଜିଆଇ ଟ୍ୟାଗ୍ ପ୍ରଦାନ ପାଇଁ ଦାବି ଉଠାଉଛୁ' ବୋଲି ସମ୍ପାଦକ ମହେଶ୍ୱର ବେହେରା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଗଠନର ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

# ଫିଲ୍ମ ସୁଟିଂ ସମୟରେ ଦୁର୍ଘଟଣାରେ ବଙ୍ଗୀୟ ଅଭିନେତାଙ୍କ ମୃତ୍ୟୁ



ଭୋଗରାଇ, ୩୦/୦୩ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ଏକ ଫିଲ୍ମ ସୁଟିଂ ସମୟରେ ବଡ଼ ଅଘଟଣ ଘଟିଛି । ସୁଟିଂ ସାରି ଡଙ୍ଗାରେ ଫେରୁଥିବା ବେଳେ ଗୋଡ଼ ଖସିଯାଇ ପାଣିରେ ପଡ଼ି ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ରାହୁଲ ବାନାର୍ଜୀଙ୍କ ମୃତ୍ୟୁ ହୋଇଛି । ଘଟଣାରୁ ପ୍ରକାଶ, ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ରାହୁଲ ବାନାର୍ଜୀ 'ଓଁ ନମ ଶିବାୟ' ଫିଲ୍ମ ସୁଟିଂ ପାଇଁ ଟିମ୍ ସହିତ ଗତ କିଛି ଦିନ ତଳେ ପଶ୍ଚିମବଙ୍ଗ ଦୀଘାକୁ ଆସିଥିଲେ । ସେଠାରେ ସୁଟିଂ ସାରିବା ପରେ ସୀମାକୁ ଲାଗିଥିବା ଓଡ଼ିଶାର ଭୋଗରାଇ ବ୍ଲକର ତାଳସାରୀ ବେଳାଭୂମିକୁ ଆସିଥିଲେ । ପରେ ତାଳସାରୀ ସମୁଦ୍ରର ନିକଟ ଏକ ଚଡ଼ (ସୁବର୍ଣ୍ଣ ଦ୍ୱୀପ) ଉପରେ ସୁଟିଂ କରିବା ପାଇଁ ପ୍ରାୟ ୩ ଟା ସମୟରେ ଯାଇଥିଲେ । ଆଉ ସେଠାରୁ ସୁଟିଂ ସାରି ଡଙ୍ଗାରେ ପାର ହେଉଥିବା ସମୟରେ ଗୋଡ଼ ଖସିଯିବାରୁ ସମୁଦ୍ର ପାଣିରେ ଭାସି ଯାଇଥିଲେ । ପରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସାହାଯ୍ୟରେ ରାହୁଲଙ୍କୁ ପାଣିରୁ ଉଦ୍ଧାର କରି ଦୀଘା ଷ୍ଟେଟ୍ ଜେନେରାଲ୍ ହସ୍ପିଟାଲକୁ ପଠାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ରାହୁଲ ଜଣେ ଲୋକପ୍ରିୟ ଅଭିନେତା ହୋଇଥିବା ବେଳେ ଜଣେ ଲେଖକ ମଧ୍ୟ । ତେଣୁ ତାଙ୍କ ମୃତରେ ପଶ୍ଚିମବଙ୍ଗ ଫିଲ୍ମ ଜଗତ ତଥା ଦୀଘରେ ଶୋକର ଛାୟା ଦେଖିବା ପାଇଁ ମିଳିଛି ।

# ବିଧାନସଭାରେ ଉଠିଲା ମାଧ୍ୟମିକ ଟିଜିଟି ଶିକ୍ଷକଙ୍କ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ଟ୍ରାନ୍ସଫର ପ୍ରସଙ୍ଗ

ବାଲେଶ୍ୱର, ୩୦/୦୩ (ଆ.ପ୍ର) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୧୩୪୬୮/ଏସ୍ ଆଣ୍ଡ ଏମ ଇ, ତାରିଖ ୧୪/୦୫/୨୦୨୫ ଅନୁସାରେ, ରାଜ୍ୟର ସେକେଣ୍ଡାରୀ ବିଦ୍ୟାଳୟମାନଙ୍କର ପ୍ରଧାନ ଶିକ୍ଷକ ଓ ସହାୟକ ଶିକ୍ଷକମାନଙ୍କ ବଦଳି ସମ୍ବନ୍ଧୀୟ ନୂତନ ନିର୍ଦ୍ଦେଶନାମା ରେ ପ୍ରକାଶିତ ହୋଇଛି । ଉକ୍ତ ନିର୍ଦ୍ଦେଶନାମାର ପଏଂଟ ୨(ଖ) ଅନୁଯାୟୀ, ଜିଲ୍ଲାରୁ ଜିଲ୍ଲାକୁ ଏକାଧିକ ଥର ବଦଳି ଉପରେ ପ୍ରତିବନ୍ଧକ ରହିଛି । ମ୍ୟୁଚୁଆଲ ବଦଳି ରେ ସ୍କୁଲ ଏବଂ ଜିଲ୍ଲା ସ୍ତରରେ କୌଣସି ଅଭାବ କିମ୍ବା ଅତିରିକ୍ତତା ପଦବୀ ସୃଷ୍ଟି ହେବ ନାହିଁ । ଏବଂ ଅନେକ ଶିକ୍ଷକଙ୍କୁ ଗତ ବର୍ଷ ମ୍ୟୁଚୁଆଲ ବଦଳିରେ ବିଭିନ୍ନ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର କରାଯାଇଛି କିନ୍ତୁ ସେମାନେ ସେମାନଙ୍କର ବୃଦ୍ଧ ଏବଂ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେବା ପାଇଁ ନିଜ ଜିଲ୍ଲାକୁ ପହଂଚି ପାରି ନାହାଁନ୍ତି । ତେଣୁ ହଜାର ହଜାର ଶିକ୍ଷକଙ୍କ ପାଇଁ ନିଜ ଜିଲ୍ଲାକୁ ପହଂଚିବା ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡିଛି । ରାଜ୍ୟର ଅନ୍ୟ ସମସ୍ତ ରାଜ୍ୟ କ୍ୟାଡର କର୍ମଚାରୀ ମାନଙ୍କର ସମଗ୍ର ଚାକିରୀ କାଳ ଭିତରେ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳିହେଉଥିବା ବେଳେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ମାଧ୍ୟମିକ ଟି ଜି ଟି (ପିସିଏମ, ସିବିଜେଡ୍, ଆର୍ଟ୍ସ) ଶିକ୍ଷକ ମାନେ ରାଜ୍ୟ କ୍ୟାଡର କର୍ମଚାରୀ ହୋଇଥିଲେ ବି ସେମାନଙ୍କର ବଦଳି ଆନ୍ତଃଜିଲ୍ଲା ମ୍ୟୁଚୁଆଲ ବଦଳି କ୍ଷେତ୍ରରେ ସମଗ୍ର ଚାକିରୀକାଳ ଭିତରେ ଗୋଟେ ଥର କରିବାର କାରଣ କଣ, ମ୍ୟୁଚୁଆଲ ବଦଳିରେ ଗଣଶିକ୍ଷା ବିଭାଗକୁ କୌଣସି ଅଭାବ ବା ଅତିରିକ୍ତତା ପଦବୀ ସୃଷ୍ଟି ହେବାର ସମ୍ଭାବନା ନାହିଁ ତେଣୁ ଏକାଧିକ ଥର ବଦଳି କରିବାକୁ ବାରବାଟୀ ବିଧାୟିକା ସୋଫିଆ ଫିରଦୌସ, ବସ୍ତା ବିଧାୟିକା ସୁବାସିନୀ ଯେନା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଚଳିତ ବିଧାନସଭାରେ ପ୍ରଶ୍ନ ଉଠେଇଥିଲେ, କିନ୍ତୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପାଖରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନଥିଲା ।

# ସିମୁଳିଆରେ ମିଳିତ ଜନ ଅଭିଯୋଗ ଶୁଣାଣିରେ ୧୧୧ ଅଭିଯୋଗ

ସିମୁଳିଆ, ୩୦/୦୩ (ଆ.ପ୍ର) : ଜନ ସାଧାରଣ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଜି ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ୧୧୧ଟି ଅଭିଯୋଗର ସମାଧାନ କରିଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସିମୁଳିଆ ବ୍ଲକରେ ଜଳ ପରିମଳ ଯୋଜନାରେ ଜଳ ଯୋଗାଣ ପାଇଁ ବିଭିନ୍ନ ସ୍ଥାନ ମନ୍ଦିର ଇ ବିଦ୍ୟାଳୟରେ ସୋଲାର ଓ ପାଣିଟାଙ୍କି ନିର୍ମାଣ କରାଯାଇଛି । ତେବେ କମ ଖର୍ଚ୍ଚରେ ଓ କମ ଲେୟାର ଥିବା ଯୋଗୁଁ ପ୍ରତ୍ୟେକ ସ୍ଥାନରେ ଟିଓ୍ୱେଲ ବ୍ୟବସ୍ଥା ରହିଛି । ମାତ୍ର ସରକାରୀ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଜଳ ପ୍ରକଳ୍ପ ଉପରେ ପ୍ରାୟ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ନିର୍ଭରଶୀଳ ନୁହନ୍ତି । ତେଣୁ ଏହାର ସୁଯୋଗ ନେଇଁ ଠିକାଦାର ମାନେ ନିମ୍ନମାନର ସୋଲାର ଓ ଟାଙ୍କି ପାଣି ପ୍ରକଳ୍ପ ନିର୍ମାଣ କରିଛନ୍ତି । ବିଭିନ୍ନ ସ୍ଥାନରେ ସୋଲାର ଗୁଡିକ ଅଚଳ ହେବା ସହ ନିମ୍ନ ମାନର ସରଞ୍ଜାମ ପାଇଁ ଅକାରଣରେ ଜଳ ବୋହି ନଷ୍ଟ ହେଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କର କୌଣସି ଦୃଷ୍ଟି ରହୁ ନ ଥିବାରୁ ବଙ୍ଗାଳପୁର ପଂଚାୟତର ସାମ୍ବାଦିକ ସନ୍ତୋଷ କୁମାର ନାୟକ ଅଭିଯୋଗ ଆଣିଥିଲେ । ତେବେ ଟ୍ରାକ୍ଟର ସହାୟତାରେ ଗ୍ରାମର ମଶାଣି ଓ ଗୋଚରରୁ ମାଟି ଉଠାଇ ମାଟିବନ୍ଧ ନିର୍ମାଣ କରି ଛାଡି ଦିଆଯାଇଛି । ଏହି ସଡ଼କରେ ମଣିଷ ସମେତ ଗୋରୁଗାଈ ନିର୍ଭର କରୁଥିବାରୁ ବର୍ଷାଦିନେ ନ ଥିବା ଅସୁବିଧା ସୃଷ୍ଟି ହେଉଛି । ପୁରୁଷୋତମପୁର ସେବା ସମବାୟ ସମିତିରେ ଚାଷୀ ସ୍ୱର୍ଣ୍ଣଲତା ମଳିକ, ଗଣେଷ ଜେନା, କମଳା ଦାସ, ଅଜୟ ମହାପାତ୍ର ସେମାନଙ୍କ ଧାନ ବିକ୍ରୟ ନିମନ୍ତେ ଆସିଥିଲେ କ ମାତ୍ର ସେଠାରେ ତାଙ୍କ ନିକଟରୁ କୁଇଂଟାଲ ପିଛା ୧୪କିଲୋ ଧାନ କାଟିବା ସହ କୁଇଂଟାଲ ପିଛା ୩୦ଟଙ୍କା ଦେୟ ଦେବାକୁ ପଡିଥିଲା । ଏହି ଜନ ଅଭିଯୋଗ ଶୁଣାଣୀରେ ସବ କଲେକ୍ଟର ଶିବ ମାଲବ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା, ସିଡିଏ ସଞ୍ଜୟ କୁମାର ସାହୁ, ସିମୁଳିଆ ବିଡିଓ ସୁନିଲ କୁମାର ଟୁଡୁ , ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ସିମୁଳିଆ ଥାନାଅଧିକାରୀ ଦେବରାଜ ଜେନା ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସିମୁଳିଆ ବ୍ଲକ ସମସ୍ତ କର୍ମୀମାନେ ଉପସ୍ଥିତ ଥିଲେ ।

# ପ୍ରକାଶ ପାଇଲା ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ବାଲେଶ୍ୱରର ସଦସ୍ୟତା ତାଲିକା



ବାଲେଶ୍ୱର, ୩୦/୦୩ (ଆ.ପ୍ର) : ସ୍ୱର୍ଗତ ନରେନ୍ଦ୍ର କୁମାର ବାରିକଙ୍କ ଶ୍ରାଦ୍ଧ ସ୍ମୃତି ଚାରଣ ସଭାରେ ପ୍ରକାଶ ପାଇଛି ଦିବଂଗତ ସାମ୍ବାଦିକ ସ୍ମୃତି କମିଟିର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ତାଲିକା । ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ସୃଷ୍ଟିଧର ପରିଡ଼ା ଯୋଗ ଦେଇଥିଲେ । ଏହି ଅବସରରେ ନାରାୟଣ ଚନ୍ଦ୍ର ପ୍ରଧାନ, ମାନସ କୁମାର ଦତ୍ତ, ରବି ରାଉତ, ଶିବ ଦାସ କୁଣ୍ଡୁ, ଯାଦବେସ ମିଶ୍ର, ସନ୍ଦିପ୍ତ କୁମାର ଦାସ, ସୃଷ୍ଟିଧର ପରିଡା, ନିର୍ମାଲ୍ୟ ମହାନ୍ତି, ଉଜ୍ଜଳ ଚନ୍ଦ୍ର କର, ଅଭୟ କୁମାର ଦାସ, ରତିକାନ୍ତ ପାତ୍ର, ଧିରଜ କୁମାର ଦାସ, ସୀତା ରାମ ପାତ୍ର, ବଂଶୀଧର ଦଳେଇ, ମଲ୍ଲିକ୍ ରିଜୱାନ୍, ସେଖ୍ ଅବଦୁଲ ଅଜିମ୍, ପଦ୍ମଲୋଚନ ଦତ୍ତ, ସମ୍ବିତ କୁମାର ବେହେରା, କମଳାକାନ୍ତ ନାୟକ, ଲୋକନାଥ ପିରି, ଭଗବାନ ଚନ୍ଦ୍ର ଦାସ, ଶିବଶଙ୍କର ଭୋଇ, ସୁରେନ୍ଦ୍ର ମୋହନ ଜେନା, ଶରତ କୁମାର ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା, ତ୍ରିଲୋଚନ ମହାନ୍ତି, ଗଗନ କୁମାର ସେଠୀ, ଦେବବ୍ରତ ପାଣିଗ୍ରାହୀ, ସୁଶାନ୍ତ କୁମାର ଦାସ, ମହେଶ୍ୱର ପ୍ରଧାନ, ସର୍ବେଶ୍ୱର ଦାଶ, ଅର୍ଦ୍ଧେନ୍ଦୁ କୁମାର ମିଶ୍ର, ବିଦ୍ୟାଧର ମହାନ୍ତି, ହରିଶଙ୍କର ଜେନା ପ୍ରମୁଖ ସଦସ୍ୟ ଥିବା ଏକ ତାଲିକା ପ୍ରକାଶ ପାଇଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା' ବିଷୟରେ ଜାତୀୟ ସମ୍ମିଳନୀ



ନୀଳଗିରି, ୩୦/୦୩ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ "ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା" ବିଷୟକ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଛି । ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଲା ଓଡିଶାର ଜନଜାତିୟ ସମୁଦାୟଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ଜ୍ଞାନ ପ୍ରଣାଳୀ ଓ ମୌଖିକ ପରମ୍ପରାକୁ ଅନ୍ୱେଷଣ ଓ ପ୍ରାୟୋଗିକ ସ୍ତରରେ ପ୍ରଚାର ପ୍ରସାର କରିବା । ଜନଜାତିୟ ଜୀବନର ବିଭିନ୍ନ ପ୍ରାସଙ୍ଗିକ ଦିଗ ଯଥା – ଲୋକକଥା, ପୌରାଣିକ ଗାଥା, ଲୋକସଙ୍ଗୀତ, ଆଚାର-ବିଚାର, ଜନଜାତିୟ ଜ୍ଞାନ ସହ ପାରମ୍ପରିକ, ଦେଶୀୟ ତଥା ପରିବେଶୀୟ ପ୍ରଚଳନ ଉପରେ ବିସ୍ତୃତ ଆଲୋଚନା କରିବାର ପ୍ରୟାସ ନେଇ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ଶିକ୍ଷାବିତ୍, ଗବେଷକ ଓ ସାଂସ୍କୃତିକ ଅଭିଯାନୀମାନେ ଯୋଗଦେଇଛନ୍ତି । ଆଧୁନିକ ସମସ୍ୟାମାନଙ୍କ ପରିପ୍ରେକ୍ଷିତରେ ଏହି ପରମ୍ପରାଗୁଡ଼ିକର ସୁରକ୍ଷା, ଲେଖାଯୋଗ୍ୟତା ଓ ପ୍ରଚାର-ପ୍ରସାର ବିଷୟରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମ୍ମିଳନୀର ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଶାର ଜନଜାତିଙ୍କ ଲୁପ୍ତପ୍ରାୟ ଜ୍ଞାନ ପରମ୍ପରା ଉପରେ ସଂପୂର୍ଣ୍ଣ ଗବେଷଣା କରି ଏହାକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ଏଥିସହିତ ଜନଜାତିଙ୍କ ସହ ଜଡ଼ିତ ଐତିହାସିକ ତଥ୍ୟ, ଦେଶୀୟ ଜିନିଷ ଓ ପାରମ୍ପରିକ ଭିତିଭୂମିକୁ ଗବେଷଣାର ପରିସରଭୁକ୍ତ କରି ଏହାର ସମୃଦ୍ଧ ଓ ଗୁଣାତ୍ମକମାନ ବଢ଼ାଇବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଉପ-ପ୍ରତିପାଳକ ଭାବେ ଯୋଗଦେଇ ନିଜ ଅଭିଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରକାଶ ପଟ୍ଟନାୟକ ମୁଖ୍ୟ ଅତିଥି ତଥା ଡ଼କ୍ଟର ଚିତ୍ରସେନ ପଶାୟତ ମୁଖ୍ୟ ଅଭିଭାଷକ ଭାବେ ଯୋଗଦେଇ, ଜନଜାତିଙ୍କ ମୌଖିକ ପରମ୍ପରାର ପୁନରୁଦ୍ଧାର, ସଂରକ୍ଷଣ ତଥା ଲିପିବଦ୍ଧ ଦିଗରେ ସଚେତନ କରାଇଥିଲେ । ଓଡ଼ିଶାରେ ବସବାସ କରୁଥିବା ଜନଜାତି ସଂପ୍ରଦାୟର ମୌଖିକ ପରମ୍ପରାର ବିବିଧ ଉଦାହରଣ ଦେଇ, ସେଗୁଡ଼ିକର ଗବେଷଣାତ୍ମକ ଅଧ୍ୟୟନ ଦିଗରେ ପଦକ୍ଷେପ ନେବା ନିମନ୍ତେ ପ୍ରସ୍ତାବ ରଖିଥିଲେ । ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଜନଜାତିଙ୍କ ଜ୍ଞାନ ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରି ତାହାର ଉନ୍ନତିକରଣ ସଂପର୍କରେ ଆଲୋକପାତ କରିଥିଲେ । ପ୍ରଥମ ଦିନରେ ତିନୋଟି ପ୍ରାସଙ୍ଗିକ ଅଧିବେଶନ ଆୟୋଜିତ ହୋଇଥିଲା । ବିଭିନ୍ନ ଅଧିବେଶନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡ଼କ୍ଟର ରାଜେନ୍ଦ୍ର ପାଢ଼ୀ ଓ ଡ଼କ୍ଟର ସମୀର କୁମାର ଭୋଇ, ପ୍ରଫେସର ସତ୍ୟପ୍ରିୟ ମହାଳିକ, ପ୍ରଫେସର ଜଲି ଦାସ ଓ ପ୍ରଫେସର କମଳ କୁମାର ତାନ୍ତି, ପ୍ରଫେସର ଦେବାଶିଷ ପାତ୍ର, ଡ଼କ୍ଟର ରଞ୍ଜନ ପ୍ରଧାନ ଓ ନିରଞ୍ଜନ ଖୁଂଟିଆ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ର ମାଧ୍ୟମରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନରେ ବିଭିନ୍ନ ଶିକ୍ଷାବିତ୍ ଓ ଗବେଷକମାନଙ୍କ ଦ୍ୱାରା ଗବେଷଣା ସଂଦର୍ଭ ଉପସ୍ଥାପିତ ହେବ । ଏହି ଅଧିବେଶନ ଗୁଡ଼ିକରେ ଡ଼କ୍ଟର ପ୍ରହଲ୍ଲାଦ ଖିଲ୍ଲା, ଡ଼କ୍ଟର ହେମଲତା ବେହେରା ଓ ଡ଼କ୍ଟର ଜୟନ୍ତ କୁମାର ଦାସ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀ ମାଧ୍ୟମରେ ଜନଜାତିୟ ସମୁଦାୟଙ୍କର ବିବିଧତା, ପରିଚୟ ଓ ସାଂସ୍କୃତିକ ଐତିହ୍ୟ ପ୍ରତି ଗଭୀର ବୁଝାମଣା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏଥିସହିତ 'ଅରଣ୍ୟ ଭୂମି' ନାମକ ଏକ ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି । ଏଥିରେ ବିଶ୍ୱବିଦ୍ୟାଳୟର ଭିଜୁଆଲ ଆର୍ଟ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଜନଜାତିଙ୍କ ଉପରେ ପର୍ଯ୍ୟବେସିତ ଚିତ୍ରକଳା ସହ ଜନଜାତିଙ୍କ ଉପରେ ଲିଖିତ ଅନେକ ପୁସ୍ତକ ପ୍ରଦର୍ଶିତ କରାଯାଇଛି । ସମ୍ମିଳନୀର ସମନ୍ୱୟକାରୀ ତଥା ସଂଯୋଜକ ଭାବେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି ଓ କାର୍ଯ୍ୟକ୍ରମର ଆୟୋଜନରେ ଡ଼କ୍ଟର ହେମଲତା ବେହେରା, ଡ଼କ୍ଟର ଜୟନ୍ତ କୁମାର ଦାସ ଓ ଡ଼କ୍ଟର ପ୍ରହଲ୍ଲାଦ ଖିଲ୍ଲା ସକ୍ରିୟ ସହଯୋଗ କରୁଛନ୍ତି ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ଶୋକସଭା ତଥା ପାନୀୟଜଳ ବିତରଣ ନିଷ୍ପତ୍ତି

ବାଲେଶ୍ୱର, ୩୦/୦୩ (ଆ.ପ୍ର) : ରବିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲେଶ୍ୱର ରେଳଷ୍ଟେସନ୍ ପରିସରରେ ଅବସରପ୍ରାପ୍ତ ରେଳକର୍ମଚାରୀ ସଂଘ ଦ୍ୱାରା ବରିଷ୍ଠ ସଦସ୍ୟ ୮ ଦିପ୍ତିରଞ୍ଜନ ଦାସଙ୍କ ବିୟୋଗରେ ଏକ ଶୋକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋକ ସଭାରେ ସଂଘର ବରିଷ୍ଠ ସଦସ୍ୟ ନୀଳକଣ୍ଠ ଦାସ ଶୋକପ୍ରସ୍ତାବ ଆଗତ କରିଥିଲେ ଯାହା ସଂଘର ସଭାପତି ଚତୁର୍ଭୁଜ ଜେନାଙ୍କ ଅନୁମୋଦନ କ୍ରମେ ସଦସ୍ୟ/ସଦସ୍ୟାମାନେ ସ୍ୱର୍ଗତ ଦାସଙ୍କ ପ୍ରତି ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଗୁଣଗାନ କରିଥିଲେ । ୮ ଦାସ ଦୀର୍ଘବର୍ଷ ଧରି ରେଳବିଭାଗରେ ଜଣେ ସୁଦକ୍ଷ ରେଳ ଗାର୍ଡ଼ ଭାବରେ ଦକ୍ଷତାର ସହ ନିଜର କାର୍ଯ୍ୟ ସମ୍ପାଦନ କରି ବିଗତ ତା ୨୭-୦୩-୨୬ ରିଖ ଇହଧାମ ତ୍ୟାଗ କରି ନିଜର ପରିବାର ପ୍ରିୟଜନଙ୍କ ସହିତ ଆମ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଯାଇଛନ୍ତି । ଏତଦ୍‌ବ୍ୟତୀତ ସଂଘର କାର୍ଯ୍ୟ ମଧ୍ୟରେ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ବିରୋଧାତ୍ମକ ମନୋଭାବର ପ୍ରତିକାର ସ୍ୱରୂପ କର୍ମପନ୍ଥା କାର୍ଯ୍ୟକ୍ରମମାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେବା ସହିତ ସଂଘର ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ପ୍ରତିବର୍ଷ ଭଳି ଏପ୍ରିଲ୍ ୧୪ ତାରିଖଠାରୁ ଷ୍ଟେସନ୍ ସମ୍ମୁଖରେ ଗ୍ରୀଷ୍ମ ଅବକାଶରେ ପାନୀୟଜଳ ବିତରଣ କରିବାର ନିଷ୍ପତ୍ତି ହେବା ଅବସରରେ ସଂଘର ପ୍ରାକ୍ତନ ସଭାପତି ରମେଶ ଚନ୍ଦ୍ର ଜେନା, ସମ୍ପାଦକ ରାମଚନ୍ଦ୍ର ଦାସ, ଅନିଲ କୁମାର ଦାସ, ପ୍ରଦୀପ କୁମାର ସାହୁ, ଗଗନ ଦଳାଇ, ଅକ୍ଷୟ କୁମାର ପଣ୍ଡା, ସୁକୁମାର ବେହେରା, ପଦ୍ମନାଭ ସାମଲ, ବିଜୟ କୁମାର ସେନାପତି, ପର୍ଶୁରାମ ଭୂୟାଁ, ସତ୍ୟରଞ୍ଜନ ରାଉତ, ହରେକୃଷ୍ଣ ବେହେରା, ଦେବେନ୍ଦ୍ର ମାହାତୋ, ଶ୍ରୀଧର ମାଝୀ, ଅମୂଲ୍ୟ କୁମାର ଦାସ, ତାପସ କୁମାର ନାୟକ, ସୁଦୀପ କୁମାର ସାହୁ, ସ୍ୱପନ ଟୁଡୁ, ବଙ୍କିମ ଚନ୍ଦ୍ର ପତି, ଦେବେନ୍ଦ୍ର କୁମାର ମଣ୍ଡଳ, ଅବନ୍ତ ସୋରେନ୍, ଦୈତାରୀ ମହାପାତ୍ର, ବରେନ୍ଦ୍ର କୁମାର ଦେ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅବଶେଷରେ ବରିଷ୍ଠ ସଦସ୍ୟ ସଦସ୍ୟା ଧନ୍ୟବାଦ ଅର୍ପଣ ଅନ୍ତେ ସଭାସାଙ୍ଗ କରାଯାଇଥିଲା ।

# କାମଦା ଏକାଦଶୀରେ ଜଗନ୍ନାଥଙ୍କ ବର୍ଣ୍ଣନା ଅବର୍ଣ୍ଣନୀୟ: ରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ



ନୀଳଗିରି, ୩୦/୦୩ (ଆ.ପ୍ର) : ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ମାସିକ ଜଗନ୍ନାଥ ସଂସ୍କୃତିର ଷୋଡ଼ଶ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଅତିଥି ଭାବରେ ମୟୁରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ କାମଦା ଏକାଦଶୀରେ ଚତୁର୍ଦ୍ଧା ମୂରତିଙ୍କ ତିନିରଥ ବର୍ଣ୍ଣନାର ଅପୂର୍ବ ବିବରଣୀକୁ ଭୂୟସୀ ପ୍ରଶଂସା କରିବା ସହ ନିଜକୁ ଅହୋଭାଗ୍ୟ ମଣିଥିଲେ । ଆଲୋଚକ ଭାବରେ ସିଦ୍ଧାର୍ଥ ଭକ୍ତି ଚେନାଲର ବାଦିପାଲାର ବିଚାରକ ପଣ୍ଡିତ ପ୍ରଫେସର ନିରଞ୍ଜନ ସାହୁ ଯୋଗଦେଇ ତିନି ରଥର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର କାଠ ସଂଯୋଗ କରିବା ଠାରୁ ତ୍ରୈଲୋକ୍ୟମୋହିନୀ ବାନା ପର୍ଯ୍ୟନ୍ତ ସବିଶେଷ ବିବରଣୀ ଆଲୋଚିତ ହୋଇଥଲା । ପ୍ରାରମ୍ଭରେ ସମ୍ପାଦକ ଡ. ମିଶ୍ର ଜଗନ୍ନାଥଙ୍କ ଷ୍ଟକ ଆବୃତି କରିଥିବାବେଳେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ଭଜନ ପରିବେଷଣ କରିଥିଲେ । ଶେଷରେ କୁମାରୀ ଭାର୍ଗବୀ ରାଉତ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିବାବେଳେ କେନ୍ଦୁଝରର ଶିକ୍ଷାବିତ ଶ୍ରୀଯୁକ୍ତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଏହି ରାଜ୍ୟସ୍ତରୀୟ ପାଠଚକ୍ରରେ ଓଡିଶାର କୋଣ ଅନୁକୋଣରୁ ଶତାଧିକ ଭକ୍ତ ଯଥା ନୟାଗଡ଼ରୁ ପ୍ରଫୁଲ୍ଲ ଦାଶ, ପୁରୀରୁ ପଣ୍ଡିତ ପ୍ରଦୀପ ଆଚାର୍ଯ୍ୟ ଓ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ଗଞ୍ଜାମରୁ କ୍ୱୀ ପଦ୍ମିନୀ ମିଶ୍ର, ଭୁବନେଶ୍ୱରରୁ ଡ. ଅରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିବା ସହ ନିଜନିଜ ଅନୁଭବ ବଖାଣିବା ସହ ଏପରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ ।

# 'ମୁଁ କୁଳଡିହା କହୁଛି'ର ପ୍ରଥମ ଅଧିବେଶନ ଅନୁଷ୍ଠିତ



ନୀଳଗିରି, ୩୦/୦୩ (ଆ.ପ୍ର) : ନୀଳଗିରି ବ୍ଲକ, ସିଆଡ଼ିମାଳ ପଂଚାୟତର କୁମ୍ଭକ୍ଷେତ୍ର ପରିସରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପରିବେଶ ପ୍ରେମୀ ବାମନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ମୁଁ କୁଳଡିହା କହୁଛି' ର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି । ଏହି ଅଧିବେଶନରେ ବିନୋଦ ବିହାରୀ ପଣ୍ଡା, ସୁବାଷିନୀ ଜୀ, ସୁଶାନ୍ତ ମହାପାତ୍ର, ଚିତରଞ୍ଜନ ପତି, ଶିବସୁନ୍ଦର ସାହୁ, ମାଳତୀ ଧଳ, ଯୁବ ଚିତ୍ରଶିଳ୍ପୀ ଦିବ୍ୟ ପ୍ରକାଶ ପରିଡ଼ା, ରଞ୍ଜନ କୁମାର ସେଠୀ, କ୍ରିଷ୍ଣା ନାଥ, ତପନ କୁମାର ମିଶ୍ର, ରୂପମ କର, ଦେବାଶିଷ ଭଞ୍ଜ, ନୀଳାଦ୍ରି ବେହେରା, ଚନ୍ଦନ ସାହୁ ପ୍ରମୁଖ କବି, ଲେଖକ, ଶିଳ୍ପୀ, ସମାଜସେବୀ, ସଂଗଠକ, ପ୍ରକୃତି ଓ ପରିବେଶ ପ୍ରେମୀ ଯୋଗ ଦେଇ ସାଂସ୍କୃତିକ ସଚେତନଧର୍ମୀ ସାମାଜିକ ଅନୁଷ୍ଠାନ 'ମୁଁ କୁଳଡିହା କହୁଛି' ରୂପରେଖ ପ୍ରସ୍ତୁତ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇ ଥିଲେ । ବାଲେଶ୍ୱର ଜିଲ୍ଲାର କୁଳର ଡିହ କୁଳଡିହାର ଗୁଣଗାନ କରିବା ସହ ତାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବେ । ଏହି ଅନୁଷ୍ଠାନର କଳେବର ବୃଦ୍ଧି ତଥା ସୁଦୃଢ଼ କରିବା ପାଇଁ କୁଳଡିହାର ଚତୁର୍ପାଶ୍ୱରେ ଥିବା ଗ୍ରାମବାସୀ ଓ ଅନୁଷ୍ଠାନ ପ୍ରେମୀ ମାନଙ୍କୁ ସଂଗଠିତ କରାଯିବାର ସିଦ୍ଧାନ୍ତ ନେଇ ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ସର୍ବ ସମ୍ମତି କ୍ରମେ ଶିଳ୍ପୀ କେଶୁ ଦାସଙ୍କୁ ଆବାହକ, ବାମନ ଚନ୍ଦ୍ର ମହାନ୍ତିଙ୍କୁ ସଭାପତି, ଚିତରଞ୍ଜନ ପତିଙ୍କୁ ସମ୍ପାଦକ, ଦିବ୍ୟ ପ୍ରକାଶ ପରିଡ଼ାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ପ୍ରତି ପଂଚମ ପାଳି ରବିବାର ଏକ ସାହିତ୍ୟ-ସଂସ୍କୃତି ସମ୍ପନ୍ନ ସଚେତନତାଧର୍ମୀ କର୍ମଶାଳା କୁଳଡିହାର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇଛି । ଆଗାମୀ କର୍ମଶାଳା ମଇ ୩୧ତାରିଖ ପଂଚମ ପାଳି ରବିବାର ଔପଦା ବଜାର ଠାରେ ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି । ଏହି ଅଧିବେଶନରେ କବି ପ୍ରଭାକର ସାହୁ, ସୁବାଷନୀ ଜି, ମାଳତୀ ଧଳ, ଶିବସୁନ୍ଦର ସାହୁ କୁଳଡିହା ଆଧାରିତ କବିତା ପାଠ କରିଥିବା ବେଳେ ଶିଳ୍ପୀ କେଶୁ ଦାସ ଓ ଶିଳ୍ପୀ ଦିବ୍ୟ ପ୍ରକାଶ ପରିଡ଼ା ଲାଇଭ ସ୍କେଚ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କବି ସୁଧାକର ସେଠୀଙ୍କ ରଚିତ 'ତୁ କୁଳଡିହା ରାଣୀ' ଗୀତଟି ସମସ୍ତଙ୍କ ମନମୁଗ୍ଧ କରିଥିଲା । ସଭାପତି ଶ୍ରୀ ମହାନ୍ତି ଆଗାମୀ ଅଧିବେଶନକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିବା ବେଳେ ଶିଳ୍ପୀ କେଶୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଷଣ୍ଢକୁ ଧକ୍କା ଦେଇ ବାଇକ ଆରୋହୀ ଗୁରୁତର



ସିମୁଳିଆ, ୩୦/୦୩ (ଆ.ପ୍ର) : ଭଦ୍ରକରୁ ଘରକୁ ଫେରୁଥିବା ସମୟରେ ଷଣ୍ଢକୁ ଧକ୍କା ଦେଇ ବାଇକ ଆରୋହୀ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ କଂଚପଡା ପଂଚାୟତର ଗୋପୀନାଥପୁର ବାଡ଼ିଆ ସାହି ଗ୍ରାମର ଶଶଧର ନାୟକଙ୍କ ପୁଅ ଶଙ୍କର୍ଷଣ (୩୮)ବର୍ଷ ନିଜ ବାଇକ ଯୋଗେ ରବିବାର ରାତିରେ ଭଦ୍ରକରୁ ଘରକୁ ଫେରୁଥିବା ସମୟରେ ରାଣୀତାଲ ବାଲିଖଣ୍ଡ ରାସ୍ତା ଗୌରଗଡି ଛକ ନିକଟରେ ଏକ ଷଣ୍ଢ ରାସ୍ତାରେ ଶୋଇଥିବା ବେଳେ ତାକୁ ଧକ୍କା ମାରି ରାସ୍ତାକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଥିଲା । ଖବର ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

ସେଇଠୁ ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୩୧ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪


ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଜୀବନ ଦର୍ଶନ

ନିତିମୟ ଜୀବନ ପାଳନ ଓ ଯାପନ ଦ୍ୱାରା ହିଁ କାମନାର ବିନାଶ ଘଟିବା ସହିତ ନିର୍ବାଣ ପ୍ରାପ୍ତି ହୋଇଥାଏ ।' ଏହି ବୌଦ୍ଧ ସିଦ୍ଧାନ୍ତର ଦିବ୍ୟମୟ ଅନୁଚିନ୍ତନ ସମଗ୍ର ମାନବ ସମାଜ ପ୍ରତି ଏକ ଦିବ୍ୟବାଣୀ ନିଶ୍ଚୟ । ବୌଦ୍ଧ ଧର୍ମ ସାର୍ବଜନୀନ ତଥା ବ୍ୟାପକ ହୋଇଥିବାରୁ କେବଳ ଓଡ଼ିଶା, ଭାରତ ନୁହେଁ ବରଂ ସମଗ୍ର ପୃଥିବୀରେ ଏହା ଏକ ବିଶିଷ୍ଟ ଧର୍ମରୂପେ ଲୋକାଦୃତ ଓ ପରିଚିତ । ପୂଣ୍ୟଭୂମି ଭାରତ ବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳ ବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ । ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବୀଣାରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ମହାପରାକ୍ରମୀ ଚଣ୍ଡାଶୋକ ଯେ ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିଲେ, ସେ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ । ଓଡ଼ିଶାର ଇତିହାସରୁ ଯାହା ଜଣାଯାଏ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀମାନେ ବିଭିନ୍ନ ବସତି ସ୍ଥାପନ କରି ଏହି ଧର୍ମର ପ୍ରଚାର କରିଥିଲେ । ସେ ସମୟର ଉଦ୍‌ଭାସିତ ବୌଦ୍ଧ ଆଲୋକ ଏବେବି ନିର୍ବାପିତ ହୋଇନାହିଁ । ବୁଦ୍ଧ ଜୟନ୍ତୀର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ଯେ ଏହି ଦିନ ଗୌତମ ବୁଦ୍ଧ ଯେ କେବଳ ଜନ୍ମଗ୍ରହଣ କରିଥିଲେ ତାହାନୁହେଁ ସେହି ଦିନ ସେ ବୁଦ୍ଧତ୍ୱ ପ୍ରାପ୍ତ ହେବା ସହ ନିର୍ବାଣ ବା ମୋକ୍ଷ ମଧ୍ୟ ପ୍ରାପ୍ତ ହୋଇଥିଲେ । ବୁଦ୍ଧଦେବଙ୍କ ସାଧନାର ସିଦ୍ଧିପ୍ରାପ୍ତି ଆଜି ଠାରୁ ଅଢ଼େଇ ହଜାର ବର୍ଷରୁ ଉର୍ଦ୍ଧ୍ୱ ହେବ । ଅଦ୍ୟାବଧି ଓଡ଼ିଆମାନେ ନାନା ଭାବରେ ବୌଦ୍ଧଧର୍ମର ସିଦ୍ଧାନ୍ତକୁ ଓଡ଼ିଶାର ଧର୍ମ, ସଂସ୍କୃତି, ସାହିତ୍ୟ ଓ ଆଚାର ବ୍ୟବହାର କ୍ଷେତ୍ରରେ ପ୍ରୟୋଗ କରି ଆସିଛନ୍ତି । ଏହା ଅନ୍ୟାନ୍ୟ ବହୁ ଧର୍ମକୁ ଶୀଳ, ସମାଧି, ପ୍ରଜ୍ଞା ସୂତ୍ରରେ ତଥା ସତ୍ୟ, ଅହିଂସା ଓ କରୁଣାର ବାଣୀ ପ୍ରଚାର କରି ଯେପରି ପ୍ରଭାବିତ କରିପାରିଛି, ସେହିପରି ଅନ୍ୟାନ୍ୟ ବହୁ ଧର୍ମ ଦର୍ଶନ ଆଦର୍ଶ ଦ୍ୱାରା ମଧ୍ୟ ପ୍ରଗତିଶୀଳ ସାମାଜିକ ମୂଲ୍ୟବୋଧ କ୍ଷେତ୍ରରେ ପରିମାର୍ଜିତ ହୋଇଛି । ମାତ୍ର ବୌଦ୍ଧ ସିଦ୍ଧାନ୍ତର ଉପରୋକ୍ତ ମୌଳିକତା ଯେପରି ଚିରନ୍ତନ ଏବଂ ଅପରିବର୍ତ୍ତନୀୟ ସେହିପରି ଦୃଢ଼ ଓ ଭାସ୍କର । ପାଲି ଭାଷାରେ ବୁଦ୍ଧଦେବଙ୍କ ମୁଖ ନିଃସୃତ ବାଣୀ, 'ଧମ୍ମପଦ'ରେ ଉଲ୍ଲେଖ ହୋଇଛି ଯିଏ ଜୀବନ ହିଂସା କରେ, ମିଥ୍ୟା କହେ, ଦ୍ରବ୍ୟ ଗ୍ରହଣ କରେ, ପରଦାରାରତ ହୁଏ, ନିଶା ସକ୍ତ ହୁଏ, ଏ ସଂସାରରେ ସେ ହିଁ କେବଳ ନିଜର ମୂଳ ଉତ୍ପାଟନ କରେ । ବୌଦ୍ଧ ଧର୍ମରେ ନୈତିକ ଜୀବନଯାପନ, ସମାଧି ଓ ପ୍ରଜ୍ଞା ଉପରେ ଗୁରୁତ୍ୱ ଦିଆଯାଇ ମାନବିକତାର ଅଭିବୃଦ୍ଧି ପାଇଁ ସାଧନର ଧାରା ଉଲ୍ଲେଖ ରହିଛି । ବୌଦ୍ଧ ପରମ୍ପରାରେ ପର୍ବପର୍ବାଣୀ ଓ ଆଡ଼ମ୍ବର ମହୋତ୍ସବ ଖୁବ୍ କମ୍ । ତେବେ ଆରାଧନା, ଧ୍ୟାନ, ଉପାସନା ଓ ଅଧ୍ୟବସାୟ ପାଇଁ ସାଧନା ପଥରେ ଯେଉଁ ପବିତ୍ରତା ଆବଶ୍ୟକ ତାହାର ଆଚରଣ ବିଧିପାଇଁ ସାରା ବର୍ଷର ପ୍ରତ୍ୟେକ ମାସର ପୂର୍ଣ୍ଣିମା ତିଥିରେ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଅତ୍ୟନ୍ତ ପୁଣ୍ୟ ଦିବସ ଭାବେ ପରିଚିତ ହୋଇଥାଏ । ତାହା ହିଁ 'ତ୍ରିପିଟକ'ର ବିନୟ ପିଟକ । ଭଗବାନ ବୁଦ୍ଧଙ୍କ ପାଇଁ କୋଟି କୋଟି କଣ୍ଠରେ ନିନାଦିତ ହେଉଛି – 'ବୁଦ୍ଧଂ ଶରଣଂ ଗଚ୍ଛାମି । ସଂଘଂ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି ।' ଗୌତମ ବୁଦ୍ଧ ବିଶ୍ୱରେ ଏବେ ମଧ୍ୟ ସର୍ବଶ୍ରେଷ୍ଠ ମନୀଷୀଭାବରେ ସଂପୂଜିତ । ମାନବ ଜୀବନ ଦିଗନ୍ତ ତାଙ୍କର ଚିନ୍ତାଚେତନାର ଅବଦାନରେ ସମୁଦ୍ଭାସିତ । ସର୍ବପ୍ରଥମ ଐତିହାସିକ ପୁରୁଷଭାବରେ ତାଙ୍କର ଶାଣିତ ବୌଦ୍ଧିକ ପ୍ରତିଭା ମାଧ୍ୟମରେ ଜୀବନକୁ ବିଶ୍ଳେଷଣ କରି ମୈତ୍ରୀ, ପ୍ରେମ ଓ କରୁଣାର ଅନୁଶୀଳନନିମିତ୍ତ ସେ ମାନବଜାତିକୁ ଆହ୍ୱାନ କରିଅଛନ୍ତି । ତାଙ୍କ ମତରେ ନିର୍ବାଣ ହେଉଛି କାମ, ସ୍ୱାର୍ଥ, ନିର୍ବୋଧତା ଓ ଅଜ୍ଞତାର ଧ୍ୱଂସ ସାଧନ । ତାହାହେଲେ ମନୁଷ୍ୟର ପ୍ରାଣରେ ଦିବ୍ୟଚେତନାର ଉଦ୍ରେକ ହେବ । ତାଙ୍କ ମତରେ ଉପଲବ୍ଧ ତତ୍ତ୍ୱକୁ ଆଚରଣରେ ପ୍ରଦର୍ଶନ କରିବା ହିଁ ଧର୍ମ ।

# ପ୍ରେମ କଣ ଏଡ଼େ ଅନ୍ଧ

## ।। ଦିପ୍ତିମୟୀ ନାୟକ ।।

କୁହାଯାଏ ପ୍ରେମର ବାଡ଼ ବତାସ ନଥାଏ ଯେତେବେଳେ ପ୍ରେମ ହୁଏ ହଠାତ ଅନ୍ଧଭଳି ଲାଗେ । ଆଖି ବୁଜି ଜଣେ ଜଣକୁ ବିଶ୍ୱାସ କରିହୋଇଯାଏ । ବେଳେବେଳେ ମନକୁ ଅନେକ ପ୍ରଶ୍ନ ଆସେ ଏହା କଣ ସତରେ ସତ ନା ଏହା ଏକ କଳ୍ପନାର କଥା । ଯଦି କଳ୍ପନା ନୁହେଁ ତେବେ କାହିଁକି ଏ ମଣିଷ ଆଖି ବୁଜି ଅନ୍ୟ ଜଣଙ୍କୁ ଅନ୍ଧଭଳି ବିଶ୍ୱାସ କରେ । ପ୍ରେମ କଣ ସତରେ ଏଡ଼େ ଅନ୍ଧ । ପ୍ରେମ ଯଦି ଅନ୍ଧ ତେବେ ଏ ପ୍ରେମ ସେହି ଅନ୍ଧାର ଦୁନିଆକୁ ଖୋଜେ କାହିଁକି । ହୁଏତ ପ୍ରେମ ଅନ୍ଧ ହୋଇପାରେ କିନ୍ତୁ ମଣିଷ ତ ଅନ୍ଧ ନୁହେଁ । ଯଦି ମଣିଷ ଅନ୍ଧ ନୁହେଁ ତାହାଲେ ସେ ଅନ୍ଧ ପ୍ରେମକୁ କାହିଁକି ବିଶ୍ୱାସ କରି ଆପଣାର କରିବାକୁ ଚାହୁଁଥାଏ । ଥରେ ଗୋଟେ କଥା ଶୁଣିବାକୁ ପାଇଥିଲି ଜଣକର ପ୍ରେମିକା ଜଣକୁ ଧୋକା ଦେଲାପରେ ବି ତାକୁ ଆଉ ଆଉ ଚାରି ପାଂଚ ଜଣ ପୁଅ ଭଲ ପାଉଛନ୍ତି ଜାଣିଛନ୍ତି ସେ ଝିଅ ପୁଅଙ୍କ ଜୀବନ ସହ ଖେଳେ ତଥାପି ସେହି ଝିଅକୁ ଏମାନେ ଏତେ ଭଲପାଉଥିଲେ ଯେ ତାକୁ କିଏ କେମିତି ପାଇବ ବିଧିବଦ୍ଧ ଭାବରେ ଚେଷ୍ଟା ଚଳାଇଥିଲେ । ବାର ମାସର ତେର ଓଷା କରି ତାକୁ ମାଗୁଥିଲେ । ଆଉ ଏକଥା ଶୁଣିବା ପରେ ମୁଁ ଟିକେ ହସିଦେଇ କହିଦେଲି ଏ ପ୍ରେମ କଣ ଏଡ଼େ ଅନ୍ଧ ଏମାନଙ୍କୁ କଣ ଝିଅ ମିଳୁନାହାଁନ୍ତି ଏମାନେ ତାକୁ ପାଇବେ ବୋଲି ପ୍ରତିଯୋଗିତା ମୂଳକ ତା ପଛରେ ଗୋଡାଉଛନ୍ତି । କେତେବେଳେ କାନ୍ଦୁଛନ୍ତି ଆଉ କେତେବେଳେ ହସୁଛନ୍ତି । ବାଃ ବାଃରେ ଆଜିକାଲି ଦୁନିଆ କଣ ହେଇଗଲାଣି । ଯେଉଁ ଖାତାରେ ଜାଗା ନାହିଁ ଏମାନେ ସେହି ଖାତାରେ ନିଜ ନାଁ ଲେଖିବାକୁ ଚାହୁଁଛନ୍ତି ଆଉ ସାଧା ଖାତାରେ ନାଁ ଲେଖିବାକୁ ପଛ ଘୁଂଚା ଦେଉଛନ୍ତି । ସତରେ ଏ ପ୍ରେମ କଣ ଏଡ଼େ ଅନ୍ଧ । ତାପରେ ଏହାର କାରଣ ଖୋଜିଲି ଆଉ ଜାଣିବାକୁ ପାଇଲି ତା ସୌନ୍ଦର୍ଯ୍ୟତା ପାଇଁ ହିଁ ତାକୁ ଅନେକ ପସନ୍ଦ କରନ୍ତି କାହିଁକି ନା ତା ଭଳି ସୁନ୍ଦରୀ ମିଳିବା ବହୁତ କଷ୍ଟ । ଥରେ ତାକୁ ଯିଏ ଦେଖିବ ସେତାକୁ ତା ଜୀବନସାଥି କରିବାକୁ ଚାହିଁବ । କିନ୍ତୁ ଯୁବପିଢ଼ି ବୁଝନ୍ତିନି ଯେଉଁ ସୁନ୍ଦରତା ପଛରେ ଗୋଡେଇ ଏମାନେ ନିଜର ସମୟ ବର୍ବାଦ କରୁଛନ୍ତି । ବାପ ମା'ଙ୍କ କଥା ନ ମାନି ଘରେ ମିଛ କହି ପୁଳା ପୁଳା ପଇସା ଆଣି ଯେଉଁ ଝିଅଙ୍କ ପଛରେ ଉଡଉଛନ୍ତି ସେ ଝିଅ ଯେତେବେଳେ ଜଣକୁ ଛାଡିଲା ଭଳି ତମକୁ ଛାଡ଼ିଦେବ ସେତେବେଳେ ତମ ମୁଣ୍ଡରେ ପଶିବ ସଠିକ ସମୟ ଆଉ ସଠିକ ବୟସର ମାନେ କଣ । ବୟସ ଅଛି ପରିଶ୍ରମ କର ନିଜେ ରୋଜଗାର କରି ବାପ-ମା'ଙ୍କୁ ସାହାଯ୍ୟ କର । ଉଚିତ ବୟସ ହୋଇଗଲେ ନିଶ୍ଚିନ୍ତ ଭଲ ଜୀବନସାଥି ମିଳିବ ତେଣୁ ଏବେଠୁ ଏତେ ବ୍ୟସ୍ତ କାହିଁକି । ପ୍ରେମ ସରେନି କି ପ୍ରେମ ମରେନି । ଆଉ ଏହି ପ୍ରେମ ଯେତେବେଳେ ହୁଏ ନିଜ ଦୁନିଆବି ଗୋଟେ ଅଲଗା ଦୁନିଆ ଭଳି ଲାଗେ । ଏଥିରେ ଅନ୍ଧଭଳି ଭଲପାଇବା ଥାଏ ଆଉ ନିଜ ଜୀବନସାଥିବି ହୃଦୟର ଭାଷାକୁ ପଢି ତମକୁ ସେହି ଗୁରୁତ୍ୱପୂର୍ଣ୍ଣ ମଣିଷଟା ଭାବୁଥାଏ । ଯେଉଁ ପ୍ରେମରେ ଗୁରୁତ୍ୱ ନଥାଏ ଛଳନା ଥାଏ । ସେ ପ୍ରେମକୁ କାହିଁକି ଆଜିର ଯୁବପିଢ଼ି ପାଇବାକୁ ଚାହାଁନ୍ତି କିଛି ବୁଝା ପଡ଼େନି । ସୁନ୍ଦର ଚେହେରା ହୁଏତ ଆକୃଷ୍ଟ କରିପାରେ କିନ୍ତୁ ମନର ପରିଭାଷାକୁ କେବେ ପଢି ପାରେନି । ଅନେକ କୁହନ୍ତି ଜୀବନସାଥି ଏମିତି ବାଛ ଯେମିତି ସେମାନେ ତମ ହୃଦୟର ଯନ୍ତ୍ରଣାକୁ ବୁଝି ପାରୁଥିବ । କିନ୍ତୁ ଆଜିକାଲି ସେମିତି କିଏ ଯନ୍ତ୍ରଣାକୁ ବୁଝୁଛି ଓଲଟା ଭୟ ରହୁଛି ଯାକୁ ଯଦି ମୁଁ ମୋ ମନର କଥା କହିଦେବି ଆଉ ଏ ଯଦି ତାକୁ ଗ୍ରହଣ ନକରିପାରିବ ତେବେ ମୋତେ ଛାଡି ଚାଲିଯିବ । ସତ କହିବାକୁ ଗଲେ ଆଜିକାଲି ଯାହାର ରୋଜଗାର ଯେତେ ବେଶି ତାଙ୍କ ପାଇଁ ତାଙ୍କ ପ୍ରେମ ଦେଇଥାଏ ଅନେକ ଖୁସି । ସେଥିପାଇଁ ତ ଲୋକେ କୁହନ୍ତି ଟଙ୍କା ଥିଲେ ସବୁକିଛି ମିଳେ ଆଉ ଟଙ୍କା ନଥିଲେ ପ୍ରେମ ବି ଧୋକାରେ ପରିଣତ ହୋଇଯାଏ । ମାନୁଛି ସବୁ ଝିଅ ସମାନ ନୁହଁନ୍ତି କି ସବୁ ପୁଅ ସମାନ ନୁହଁନ୍ତି । ଦିନଥିଲେ ଏ ପ୍ରେମରେ ଅନ୍ଧ ହୋଇ ଅନେକ ଯୁବକ ଯୁବତୀ ନିଜ ଘରଠାରୁ ଦୂରେଇ ଯାଇ ନିଜ ପ୍ରେମକୁ ପାଇବାକୁ ଚେଷ୍ଟା କରୁଥିଲେ କିନ୍ତୁ ଏବେ ଘର ଠାରୁ ଦୂରେଇ ଯାଇ ପ୍ରେମକୁ ସିନା ପାଇଯାଉଛନ୍ତି କିନ୍ତୁ ସ୍ୱାମୀର ପଇସା ନଥିଲେ ପୁଣି ଆଉ କାହାକୁ ପ୍ରେମ କରି ବିବାହ କରୁଛନ୍ତି । ସେତେବେଳର ପ୍ରେମ ଆଉ ଏବେକାର ପ୍ରେମ ଭିତରେ ବହୁତ ପାର୍ଥକ୍ୟ ରହିଛି । ସେତେବେଳେ ପ୍ରେମରେ ଝିଅ କହୁଥିଲା ତମର କୋଠାଘର ନଥିଲେ ମୁଁ ତମ ଚାଳଛପର ଘରେ ରହିଯିବି । କିନ୍ତୁ ଏବେକା ପ୍ରେମ ତମର ଘର ନଥିଲେ ମୁଁ ତମକୁ କେମିତି ପ୍ରେମ କରିବି । ଆଜିକାଲି ପ୍ରେମରେ ଆଉ ତ୍ୟାଗ ନାହିଁ ଆଜିକାଲି ପ୍ରେମରେ କେବଳ ଲୋଭ ଅଛି । ସେତେବେଳେ ପ୍ରେମରେ ମଧ୍ୟ ନିସ୍ୱାର୍ଥପର ଭଲପାଇବା ଥିଲା ଏହି ପ୍ରେମରେ ଅନ୍ଧ ହୋଇ ସେମାନଙ୍କୁ କେତେ ଯନ୍ତ୍ରଣା ସହିବାକୁ ପଡୁଥିଲା କିନ୍ତୁ ଏବେକାର ପ୍ରେମରେ ଆଉ ନିସ୍ୱାର୍ଥପର ଭଲପାଇବା ନାହିଁ ଜଣେ ଯଦି ପ୍ରେମରେ ଅନ୍ଧ ହେଉଛି ଆଉ ଜଣେ ଜଣକୁ ଅଣଦେଖା କରୁଛି । ସତ କୁହନ୍ତୁ ଏହାକୁ କଣ ପ୍ରେମ କୁହାଯାଏ । ତେବେ ପ୍ରେମ କରନ୍ତୁ ମନା ନାହିଁ କିନ୍ତୁ ପ୍ରେମ ତାକୁ କରନ୍ତୁ ଯିଏ ତମ ପଦବୀକୁ ନୁହେଁ ତମକୁ ଭଲପାଉଥିବ । ଯିଏ ତମ ଟଙ୍କାକୁ ନୁହେଁ ଯିଏ ତୁମ ହୃଦୟକୁ ଚିହ୍ନି ପାରୁଥିବ । ଆଉ ଆଖି ବୁଜି ତମକୁ ସେ ସେତିକି ବିଶ୍ୱାସ କରୁଥିବ ଯେତିକି ତୁମେ ତାକୁ ବିଶ୍ୱାସ କରୁଥିବ । ପ୍ରେମ ଯଦି ସଚ୍ଚା ଥିବ ତେବେ ଏ ଦୁନିଆବି ଭାରି ରଙ୍ଗୀନ ଲାଗିବ । ସେଥିପାଇଁ ତ ଏ ପ୍ରେମର ଅନେକ ରଙ୍ଗ ଆଉ ଏହି ରଙ୍ଗ ଯାହାଠି ଥରେ ଲାଗେ ରାତିର ନିଦକୁ ହଜେଇ କେବଳ ନିଜ ମନର ମଣିଷକୁ ଆଖି ପଲକ ଭିତରେ ପାଏ ।


ଯୁବ ସାମ୍ବାଦିକା ଅନ୍ଧାରୁଆ,ଭୁବନେଶ୍ୱର
୯୦୯୦୬୬୧୫୮୬


# ଡିଜିଟାଲ ବ୍ୟାଙ୍କିଂ

## ।। ତପନ କୁମାର ପାଳ ।।

ଆଜିକାଲି ହାତ ପାହାନ୍ତାରେ ଅତ୍ୟାଧୁନିକ ମୋବାଇଲ । ଲୋକମାନେ ବ୍ୟାଙ୍କ ସେବା ସାମଗ୍ରିକ ଭାବେ ମୋବାଇଲ ବ୍ୟବସ୍ଥା ଦ୍ୱାରା ଘରେ ବସି ଏହାକୁ ପାଇପାରୁଛନ୍ତି । ବ୍ୟାଙ୍କିଙ୍ଗ ସେକ୍ଟରରେ ଦିନକୁ ଦିନ ସର୍ବଶେଷ ସମସ୍ତ ତଥ୍ୟ ଗ୍ରାହକ ମାନଙ୍କୁ ଉପଲବ୍ଧ କରାଯାଉଛି । ତେବେ ଅନଲାଇନ ବ୍ୟାଙ୍କ ସେବା ଉପରେ ଅନେକଙ୍କର କିଛି ଅଭିଯୋଗ ମଧ୍ୟ ରହିଛି । ଭାରତର ବିଶାଳ ଅର୍ଥନୀତିରେ ବ୍ୟାଙ୍କ ସେବାର ଗୁରୁତ୍ୱପୂର୍ଣ୍ଣ ସହଭାଗିତା ଓ ସହଯୋଗ ରହିଛି । ତେବେ ଡିଜିଟାଲ ବ୍ୟାଙ୍କ ସେବା ଓ ଅନଲାଇନ ପେମେଣ୍ଟ ବ୍ୟବସ୍ଥାରେ ଦିନକୁ ଦିନ କିଛି ସୁଧାର ମଧ୍ୟ ଆସୁଛି । ସେହିପରି ବ୍ୟାଙ୍କ ୱେବସାଇଟରେ ଯଥେଷ୍ଟ ତଥ୍ୟ ରହିଥିଲେ ମଧ୍ୟ ବ୍ୟାଙ୍କ ସେବା ନେଇ ଅନେକ ଗ୍ରାହକଙ୍କ ଦିନକୁ ଦିନ ଆଗ୍ରହ ବଢୁଛି । ତେବେ କୌଣସି ବିଧିବିଦ୍ଧ କୋର୍ସ କରିବା ପୂର୍ବରୁ ସମସ୍ତ ତଥ୍ୟ ଭଲଭାବେ ବୁଝିବା ଉଚିତ । ଆଜିକାଲି ଡିଜିଟାଲ ବ୍ୟାଙ୍କିଂରେ କ୍ୟାରିୟର କରିବା ପାଇଁ ଅନେକ ପିଲାମାନଙ୍କ ଭିତରେ ଆଗ୍ରହ ବଢୁଛି । ଏହା ଏକ ପ୍ରକାର ନିଜସ୍ୱ ବ୍ୟବସ୍ଥାରେ ବୃତ୍ତିଟି ହୋଇଥିବାରୁ ଯୁବ ବର୍ଗ ଏ କ୍ଷେତ୍ରରେ କ୍ୟାରିୟର କରିବା ପାଇଁ ଆଗ୍ରହୀ ହେଉଛନ୍ତି । ଟେକ୍ନୋଲୋଜିକୁ ଉପଯୋଗ କରି ଆଜିକାଲି ବ୍ୟାଙ୍କ ସେବା ଆଗେଇ ଚାଲିଛି । ଯାହାଫଳରେ ଡିଜିଟାଲ ବ୍ୟାଙ୍କିଂର ଚାହିଦା ବୃଦ୍ଧି ପାଇଛି । ଏହାକୁ ବିଚାରକୁ ନେଲେ ଚାକିରି ଆଶାୟୀଙ୍କ ପାଇଁ ଡିଜିଟାଲ ବ୍ୟାଙ୍କିଂ ଏକ ସୁନ୍ଦର କ୍ୟାରିୟର ବିକଳ୍ପ ହୋଇପାରିବ । ଏହି ବ୍ୟାଙ୍କ ସେବା ପୁରା ଅନଲାଇନରେ ପରିଚାଳିତ ହୋଇଥାଏ । ଏହି ବ୍ୟାଙ୍କର କୌଣସି ଶାଖା ନଥିଲେ ବି ଏହା ସବୁ ପ୍ରକାର ବ୍ୟାଙ୍କ ସେବା ପ୍ରଦାନ କରିଥାଏ । ଭାରତର ଅନେକ ବ୍ୟାଙ୍କ ମଧ୍ୟ ନିଜର ଡିଜିଟାଲ ବ୍ୟାଙ୍କ ଏବଂ ଅନଲାଇନ ପେମେଣ୍ଟକୁ ଗୁରୁତ୍ୱ ଦେଇ ୟୁପିଆଇ ସୁବିଧା ଆରମ୍ଭ କରିଛନ୍ତି ।

ଶିକ୍ଷାଗତ ଯୋଗ୍ୟତା : ଯୁକ୍ତଦୁଇ ବାଣିଜ୍ୟ ବିଭାଗରେ ଉତ୍ତୀର୍ଣ୍ଣ ହେବା ଜରୁରୀ । ଏହାପରେ ବ୍ୟାକିଂ କିମ୍ବା ଫାଇନାନ୍ସ ସମ୍ବନ୍ଧିତ କୌଣସି ଡିଗ୍ରୀ, ଡିପ୍ଲୋମା, ପୋଷ୍ଟ ଗ୍ରାଜୁଏସନ କୋର୍ସ କରିପାରିବେ । ସେହିପରି ଡିଜିଟାଲ ବ୍ୟାଙ୍କିଂରେ କ୍ୟାରିୟର କରିବା ପାଇଁ ଇକୋନମିକ୍ସ, ଫାଇନାନ୍ସ ସହିତ କମ୍ପ୍ୟୁଟରରେ ଉତ୍ତମ ଜ୍ଞାନ ରହିଥିବା ଦରକାର । ଏହାବାଦ କମ୍ୟୁନିକେସନ ସ୍କିଲ, ଇଣ୍ଟରପର୍ସନାଲ ସ୍କିଲ, ସେଲ୍ସ ପ୍ରୋସେସ୍‌ରେ ଭଲ ଜ୍ଞାନ ଥିଲେ ଗ୍ରାହକଙ୍କୁ ପ୍ରଭାବିତ କରିବା ସହଜ ହୁଏ । ନିଯୁକ୍ତି ଅବସର : ବ୍ୟାଙ୍କ ୱେବସାଇଟକୁ ଡିଜାଇନ କରିବା, ଆପ ବିକଶିତ କରିବା, ଡାଟା ବିଶ୍ଳେଷଣ କରିବା ଏବଂ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ମେସିନ ଲର୍ଣ୍ଣିଂ ଏବଂ କୃତ୍ରିମ ବୁଦ୍ଧିମତ୍ତାରେ କୁଶଳୀ କର୍ମଚାରୀଙ୍କ ଏ କ୍ଷେତ୍ରରେ ଚାହିଦା ଅଧିକ ଥାଏ । ସେହିପରି ଏବେ ଅଧିକାଂଶ ଲୋକ ଅନଲାଇନ ବ୍ୟାଙ୍କିଂକୁ ଉପଯୋଗ କରୁଛନ୍ତି । ସେଥିପାଇଁ ବଡ଼ ବଡ଼ ବ୍ୟାଙ୍କ ଅନଲାଇନ ବ୍ୟାଙ୍କିଂ ସୁବିଧା ପ୍ରଦାନ କରୁଛନ୍ତି । ଏହାବାଦ ଫୋନ ପେ, ପେଟିଏମ, ଗୁଗଲପେ, ଆମାଜନ ପେ ଭଳି କିଛି ଅନଲାଇନ ବ୍ୟାକିଂ ପ୍ଲାଟଫର୍ମ ଆଦିରେ ନିଯୁକ୍ତିର ଭଲ ଅବସର ରହିଛି । ରୋଜଗାର : ଏ କ୍ଷେତ୍ରରେ ଭଲ ରୋଜଗାର ସୁବିଧା ଅଛି । ସମ୍ପୃକ୍ତ କମ୍ପାନୀ ଉପରେ ଏହାର ଦରମା ନିର୍ଭର କରେ । ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୩୦-୪୦ ହଜାର ଟଙ୍କା ମିଳିଥାଏ । ପ୍ରମୁଖ ସଂସ୍ଥାନ : ଇନ୍ଦିରା ଗାନ୍ଧୀ ନ୍ୟାସନାଲ ୟୁନିଭର୍ସିଟି, ଦିଲ୍ଲୀ, ମଣିପାଲ ୟୁନିଭର୍ସିଟି, କର୍ଣ୍ଣାଟକ । ତେବେ ଡିଜିଟାଲ ବ୍ୟାଙ୍କିଂ କ୍ୟାରିୟର କ୍ଷେତ୍ର ପାଇଁ ଆପଣ ନିଜେ ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ଏହା ସହ ପରିପାର୍ଶ୍ୱିକ ଅର୍ଥନୀତି ସମ୍ପର୍କିତ ଜ୍ଞାନ ଏବଂ ଉତ୍ତମ କମ୍ପ୍ୟୁଟର ଜ୍ଞାନ ଆପଣଙ୍କୁ ବିଶେଷକରି ଏହି ସେବାରେ ଏକ ପ୍ରଭାବୀ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ ଯୋଗ୍ୟ ବିବେଚିତ କରିପାରେ । ତେବେ କୌଣସି ଭୁଲ ସୂଚନା ବା ତଥ୍ୟର ସାହାଯ୍ୟ ନ ନେଇ ଉପଯୁକ୍ତ ପୋର୍ଟାଲରେ ନିଜକୁ ପଞ୍ଜୀକରଣ କରି ଏ ନେଇ ଆବେଦନ କରିପାରିବେ ଓ ଜଣେ ଉତ୍ତମ ଡିଜିଟାଲ ବ୍ୟାଙ୍କିଂ କ୍ୟାରିୟର ବ୍ୟକ୍ତି ଭାବେ ପ୍ରତିଷ୍ଠିତ ହୋଇପାରିବେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ :୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


# କୃତ୍ରିମ ବୁଦ୍ଧିମତ୍ତା : ଆଶୀର୍ବାଦ ନା ଅଭିଶାପ

## ।। ଚିତ୍ତରଞ୍ଜନ ପୃଷ୍ଟି ।।

ଏକବିଂଶ ଶତାବ୍ଦୀକୁ ଆମେ ବିଜ୍ଞାନର ଯୁଗ ବୋଲି କହୁଛେ । ବିକାଶ ମୂଳରେ ବିଜ୍ଞାନ ଏବଂ ବିନାଶ ମୂଳରେ ମଧ୍ୟ ବିଜ୍ଞାନ । ବିଜ୍ଞାନର ସଦୁପଯୋଗ ଏ ଧରାପୃଷ୍ଠରେ ଐଶ୍ୱର୍ଯ୍ୟ ସୃଷ୍ଟି କରିପାରେ ଏବଂ ଦୁରୂପଯୋଗ ବିଶ୍ୱବକ୍ଷରେ ଧ୍ୱଂସ ରଚାଇପାରେ । ଆଗକୁ ଆସୁଛି 'କୃତ୍ରିମ ବୁଦ୍ଧିମତ୍ତା' ବା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'ର ଯୁଗ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ବା ସଂକ୍ଷେପରେ କହିଲେ (ଏଆଇ) ହେଉଛି ମନୁଷ୍ୟକୃତ ଯନ୍ତ୍ରାଂଶ ଯେପରିକି ରୋବଟ, କମ୍ପ୍ୟୁଟର ଇତ୍ୟାଦିମାନଙ୍କ ମଧ୍ୟରେ ଥିବା ବୁଦ୍ଧିମତ୍ତାକୁ ବୁଝାଏ । ଯେକୌଣସି ଯନ୍ତ୍ର ଯାହା ତା'ର ଆଖପାଖର ପରିବେଶକୁ ବୁଝିପାରି ନିଜର କ୍ରିୟାଦ୍ୱାରା ଲକ୍ଷ୍ୟସ୍ଥଳୀରେ ପହଂଚିବାର ସମ୍ଭାବନାକୁ ଯଦି ବଢ଼ାଇପାରେ ତାହାକୁ କୃତ୍ରିମ ବୁଦ୍ଧିମତ୍ତା କୁହାଯାଏ । ଅନ୍ୟଏକ ଅର୍ଥରେ, ଏହା ଏକ ଯନ୍ତ୍ର ଯାହା ମନୁଷ୍ୟର ମସ୍ତିଷ୍କ ଭଳି ଚିନ୍ତା କରି ନୂଆ ଜିନିଷ ଶିଖେ ଏବଂ ସମସ୍ୟାର ସମାଧାନ କରିପାରେ । କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଯାହାର ଅର୍ଥ କୃତ୍ରିମ ଭାବରେ ବିକଶିତ ବୌଦ୍ଧିକ ଦକ୍ଷତା । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ହେଉଛି କମ୍ପ୍ୟୁଟର ସାଇନ୍ସର ଏକ ଉନ୍ନତ ଶାଖା । ଏଥିରେ, କମ୍ପ୍ୟୁଟର ପ୍ରୋଗ୍ରାମିଂ ମାଧ୍ୟମରେ ଏକ ଯନ୍ତ୍ରକୁ ବୁଦ୍ଧିମାନ କରିବାକୁ ଚେଷ୍ଟା କରାଯାଏ, ଯାହାଦ୍ୱାରା ଏହା ମଣିଷ ପରି ଭାବିପାରେ ଏବଂ ନିଷ୍ପତ୍ତି ନେଇପାରେ । ଅନ୍ୟ ଅର୍ଥରେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସାହାଯ୍ୟରେ ଏପରି ଏକ କମ୍ପ୍ୟୁଟର ସିଷ୍ଟମ୍ କିମ୍ବା ରୋବୋଟିକ୍ ସିଷ୍ଟମ ତିଆରି କରାଯାଇଥାଏ, ଯାହା ସମାନ ତର୍କ ଆଧାରରେ ଚାଲିବାକୁ ଚେଷ୍ଟା କରେ ଯାହା ମନୁଷ୍ୟର ବୁଦ୍ଧି ଭଳି କାମ କରିଥାଏ ।କୃତ୍ରିମ ବୁଦ୍ଧିମତ୍ତା ବିଶିଷ୍ଟ ସଫ୍ଟୱେର କିମ୍ବା ଆପ୍ ବ୍ୟବହାରକରି ମନୁଷ୍ୟ ନିଜ କାମକୁ ମାତ୍ର କେଇ ମିନିଟ୍? ଭିତରେ କରିଦେଉଛି । ଆପଣ କ'ଣ କରିବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟକଲେ କୃତ୍ରିମ ବୁଦ୍ଧିମତ୍ତା ବଳରେ ବଳୀୟାନ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଏହି କାମ ମାତ୍ର କେଇ ମିନିଟ୍‌ରେ କରିଦେବେ । ବ୍ୟକ୍ତିଗତ ଜୀବନର ସୁଖସ୍ୱାଚ୍ଛନ୍ଦ୍ୟରୁ ନେଇ ବୃତ୍ତିଗତଜୀବନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ଉପଯୋଗ ଏବେ ଆଧୁନିକତା ଓ ପାରଙ୍ଗମତାର ପ୍ରତୀକ ବୋଲି ବିବେଚନା କରାଯାଉଛି । ମଣିଷ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ଭିତରେ ସବୁଠୁ ବଡ଼ ପାର୍ଥକ୍ୟ ହେଉଛି ମଣିଷ ଯାହା କରେ ସବୁ କିଛି ଠିକ୍ ହୋଇନଥାଏ । ବିଭିନ୍ନ ଲୋକଙ୍କ କାମ ଭିନ୍ନ ଭିନ୍ନ ହୋଇଥାଏ । କାରଣ ସମସ୍ତଙ୍କ ମେଧା ଶକ୍ତି ସମାନ ନୁହେଁ । କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ସବୁ କିଛି ସଠିକ୍ ଭାବେ କରିଥାଏ । ତେଣୁ ତାହା ମଣିଷଠାରୁ ଉନ୍ନତ ସ୍ଥାନରେ ରହିବ । କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଗୁଡ଼ିକର ଦ୍ରୁତ ଅଗ୍ରଗତି ହେଉଛି । ଶାସନ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ ଜୀବନରେ ଏହାର ବହୁଳମାତ୍ରାରେ ଉପଯୋଗ ହେଉଛି । ବ୍ୟକ୍ତିଗତ ଜୀବନର ସୁଖସ୍ୱାଚ୍ଛନ୍ଦ୍ୟରୁ ନେଇ ବୃତ୍ତିଗତ ଜୀବନରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଏବେ ଆଧୁନିକତା ଓ ପାରଙ୍ଗମତାର ପ୍ରତୀକ ବୋଲି ବିବେଚନା କରାଯାଉଛି । ବର୍ତ୍ତମାନ ସମୟ ବଦଳିଛି, ବଦଳିଛି ଲୋକଙ୍କ ଜୀବନଧାରଣ ମାନ ଓ ପସନ୍ଦ । ଏଥିପାଇଁ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳ ଆଧାରରେ ଘରର ଆର୍କିଟେକ୍ଟର ଏବଂ ଇଣ୍ଟିରିୟର ଡିଜାଇନ୍ କରାଯାଉଛି ।ଗୃହ ନିର୍ମାଣ ସମୟରେ ନିର୍ଦ୍ଦିଷ୍ଟ ପରିସୀମା ଭିତରେ କିଭଳି ସ୍ଥାନର ସର୍ବୋତ୍କୃଷ୍ଟ ଉପଯୋଗ କରି ନକ୍ସା କରାଯାଇପାରିବ ତାହା ଏବେ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଆପ୍ଲିକେସନ୍ କରିଦେଉଛି । ଘରର ସର୍ବୋତ୍କୃଷ୍ଟ ଲେଆଉଟ୍ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଏବେ ସ୍ଥପତିଙ୍କୁ ପରାମର୍ଶ ଦେଉଛି । ବିଶେଷଜ୍ଞଙ୍କ ମତରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦେଶର ଜିଡିପି ବୃଦ୍ଧି କରିବାରେ ସହାୟକ ହୋଇପାରିବ । ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ । ଆଗାମିଦିନରେ କୃଷି ଓ ସ୍ୱାସ୍ଥ୍ୟ ସ୍ୱୋ ସଶକ୍ତିକରଣ ସହିତ ସହରୀ ଭିତ୍ତିଭୂମି ସୃଷ୍ଟି ଓ ଟ୍ରାଫିକଜାମ ଭଳି ସମସ୍ୟା କମାଇବାରେ କୃତିମ ବୁଦ୍ଧିମତା ଭୂମିକା ଗୁରୁତ୍ୱପୂର୍ଣ୍ଣ । କେତେକଙ୍କ ମତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ଶିକ୍ଷ, ଅର୍ଥନୀତି, ଦୈନନ୍ଦୀନ ଜୀବନରେ ଖୁବ୍‌ଶୀଘ୍ର ବିପ୍ଳବ ଆଣିବ । ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିବା ପାଇଁ ଭାରତକୁ ନିଶ୍ଚିତ ରୂପେ ଏଆଇର ନବସୃଜନ, ଅଭିବୃଦ୍ଧି ଓ ଜାତୀୟ ସମୃଦ୍ଧିକୁ ବ୍ୟବହାର କରିବାକୁ ପଡ଼ିବ । ଆଗାମୀ ଭବିଷ୍ୟତରେ କେବଳ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଯୋଗୁ ନୂଆ ନିଯୁକ୍ତି ସୃଷ୍ଟି ହେବ । କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆସିବା ଦିନରୁ ଟେକ୍ନୋଲୋଜି ଉପରେ ବିପଦ ବଢ଼ିବାରେ ଲାଗିଛି । ଏଆଇ ଯେତିକି ଉପକାରୀ ତାଠୁ ଭୟାନକ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଆସୁଛନ୍ତି । ଆଗାମୀ ଦିନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ମଣିଷକୁ ଦାସ କରିଦେବ ଏବଂ ଏହା ନିୟନ୍ତ୍ରଣର ବାହାରକୁ ଚାଲି ଯାଇପାରେ, କିମ୍ବା ଏହା ବିନାଶକାରୀ ହୋଇପାରେ ।'ଏହା ବର୍ତ୍ତମାନ ଆମର ଅର୍ଥନୀତି, ସଂସ୍କୃତି ଏବଂ ରାଜନୀତି ତଥା ବୈଷୟିକ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରୁଛି । ଯଦି ବାସ୍ତବରେ ଆର୍ଟିଫିସିଆଲ ଇଣ୍ଟେଲିଜେନସ କାର୍ଯ୍ୟକାରୀ ହୁଏ ତେବେ ଚାକିରି ବିପନ୍ନ ହେବା ଆଶଙ୍କା ସୃଷ୍ଟି ହୋଇଛି । କୃତ୍ରିମ ବୁଦ୍ଧିମତ୍ତା ଏବେ ମଣିଷ ପାଇଁ ବେଶ ସହାୟକ ହେଉଥିଲେ ମଧ୍ୟ ଏହାର ଅନ୍ଧକାର ଦିଗ ରହିଛି । ତାହା ହେଉଛି ଭୁଲ ତଥ୍ୟ, ମିଥ୍ୟା ତଥ୍ୟ. ଡାଟାର ବ୍ୟକ୍ତିଗତ ଗୋପନୀୟତା ଭଳି ପ୍ରସଙ୍ଗ ଯୋଡି ହୋଇ ରହିଛି । ଏଆଇ ଏବେ ଶିଶୁ ଅବସ୍ଥାରେ ଅଛି, ଆଗକୁ ବିକଶିତ ହୋଇ ଅତି ବୁଦ୍ଧିମତ୍ତା ସ୍ତରରେ ପହଂଚିଲେ, ଏଆଇର ବୋଧ ଶକ୍ତି ସୃଷ୍ଟି ହେଲେ ଏହା ମଣିଷ ସମାଜ ପାଇଁ କ୍ଷତିକାରକ ହେବ ବୋଲି ବୈଜ୍ଞାନିକ ସତର୍କ କରିଦେଇଛନ୍ତି ।ଯଦି ମଣିଷ କରୁଥିବା କାମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କରିବ ତେବେ ମଣିଷଙ୍କ ଆବଶ୍ୟକତା ରହିବନି । ଏହା ମାନବ ସମାଜ ପ୍ରତି ଏକ ବହୁତ ବଡ଼ ବିପଦ ସୃଷ୍ଟି କରିବ ।ଭବିଷ୍ୟତରେ ଏଆଇ ବିଭିନ୍ନ କ୍ଷେତ୍ରକୁ ବିସ୍ତାର ଲାଭ କରିବାକୁ ଯାଉଥିବା ବେଳେ ଏହାକୁ ନେଇ ବିଶ୍ୱର ବଡ଼ ବଡ଼ ବୈଜ୍ଞାନିକ ଓ ଉଦ୍ୟୋଗୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଏହା ମଣିଷର କାର୍ଯ୍ୟକୁ ସହଜ ଓ ସରଳ କରିଦେବ ବୋଲି ଅନେକ ଯୁକ୍ତି ବାଢୁଥିବା ବେଳେ ଏହା ମଣିଷ ପାଇଁ ବିପଦ ସାଜିବ ବୋଲି ଆଉ କିଛି ମତ ଦେଉଛନ୍ତି । କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ଆଜି ଯେଉଁ କଳ୍ପନା ବା ଭୟ ସୃଷ୍ଟି ହୋଇଛି ଏହା ପଛରେ ରହିଛି 'ଚାଟ୍ ଜିପିଟି' । ମଣିଷର ମସ୍ତିଷ୍କ ପରି କାମ କରୁଛି 'ଏଆଇ' ର ଚାଟ୍ ଜିପିଟି । ଯେ କୌଣସି ପ୍ରଶ୍ନର ଉତ୍ତର ମଣିଷ ପରି ତତକ୍ଷଣାତ ଦେଇପାରୁଥିବା ଟେକ୍ନୋଲୋଜିର ନାମ ଆର୍ଟିଫିସିଅ ଇଣ୍ଟେଲିଜେନ୍ସ । ବର୍ତ୍ତମାନ ଏହା ଉପରେ ଅନେକ ଗବେଷଣା ଜାରି ରହିଛି । ମାତ୍ର ଯେବେ ଏହା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ, କେତେ ଭୟଙ୍କର ହେବ ତାହା ଚିନ୍ତା ବାହାରେ । ମଣିଷର ସ୍ଥାନ କ'ଣ ଏଆଇ ନେବ? କ'ଣ ବହୁ ସଂଖ୍ୟାରେ ଲୋକ ବେରୋଜଗାର ହୋଇଯିବେ? କ'ଣ ମେସିନ୍ ଏତେ ବିଚକ୍ଷଣ ହୋଇଯିବ ଯେ ମଣିଷ ତା' ଉପରେ ନିଜର ନିୟନ୍ତ୍ରଣ ହରାଇ ବସିବ ଏଭଳି ଅନେକ ପ୍ରଶ୍ନ ବର୍ତ୍ତମାନ ମଣିଷର ମନକୁ ଉଦ୍‌ବିଗ୍ନ କରୁଛି ।ମଣିଷ ନିଜ କାର୍ଯ୍ୟକୁ ସହଜ କରିବା ପାଇଁ ଏଭଳି ନୂତନ ବୈଷୟିକ ଜ୍ଞାନକୌଶଳକୁ ପ୍ରସ୍ତୁତ କରିଥିବା ବେଳେ ଏବେ ନିଜେ ହିଁ ଏହି ସମସ୍ୟାରେ ପଡ଼ି ଯାଇଛି । କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥା ପ୍ରୟୋଗ କରାଯାଇ ଆଣବିକ ଅସ୍ତ୍ର, ବାୟୋଟେକ୍ନୋଲୋଜି, ନ୍ୟୁରୋଟେକ୍ନୋଲୋଜି ଏବଂ ରୋବୋଟିକ୍ସ ଇତ୍ୟାଦି କ୍ଷେତ୍ରରେ ଯନ୍ତ୍ରପାତି ନିର୍ମାଣ ଓ ପରିଚାଳନା ଆରମ୍ଭ ହୋଇଗଲେ, ତାହା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଯିବାର ଆଶଙ୍କା ହେଉଛି । ବିଜ୍ଞାନୀ ଓ ପେସାଦାର ବ୍ୟକ୍ତି ସଠିକ ମାନର କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କଲେ ହୁଏତ ତାହା ମାନବ କଲ୍ୟାଣ କରିବ, କିନ୍ତୁ ନକଲି ତ୍ରୁଟିପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥା ବିପଦପୂର୍ଣ୍ଣ କ୍ଷେତ୍ରମଧ୍ୟକୁ ଆମକୁ ଠେଲିଦେବା ନିଶ୍ଚିତ । କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥାରେ ଭଲ ଏବଂ ମନ୍ଦ ଦୁଇଟି ଦିଗ ରହିଛି । ଏହାକୁ ସୃଷ୍ଟିକରିଥିବା ବିଶେଷଜ୍ଞମାନେ ଚେତାବନୀ ଦେଇସାରିଛନ୍ତି ଯେ ଆଗକୁ ବହୁତ ବଡ଼ ସମ୍ଭାବ୍ୟ ବିପର୍ଯ୍ୟୟ ଏବଂ ଅସ୍ତିତ୍ୱର ବିପଦ ରହିଛି । ଏହି ବିପଦଗୁଡ଼ିକର ସମାଧାନ, ଆମର ଦାୟିତ୍ୱ । ଅପରାଧୀ ଏବଂ ଆତଙ୍କବାଦୀମାନେ କୃତ୍ରିମ ବୁଦ୍ଧିମତ୍ତାର ଦୁରୁପଯୋଗ କରିବାର ଆଶଙ୍କା ରହୁଛି । ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା ଉଭୟ ସାମରିକ ଏବଂ ବେସାମରିକ କ୍ଷେତ୍ରରେ ବିପଦ ସୃଷ୍ଟି କରିପାରେ । ଅପପ୍ରୟୋଗ ଦ୍ୱାରା ବିଶ୍ୱ ଶାନ୍ତି ଏବଂ ନିରାପତ୍ତା କ୍ଷେତ୍ରରେ ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇପାରେ ।ବ୍ୟାଙ୍କିଂ କ୍ଷେତ୍ର ଏବଂ ଏଥିରେ ଜଡିତ ଲୋକଙ୍କୁ କୃତ୍ରିମ ବୁଦ୍ଧିମତା ଯୋଗୁଁ ଭବିଷ୍ୟତରେ ସମସ୍ୟା ସୃଷ୍ଟି ହୋଇପାରେ । କାଲିଫର୍ଣ୍ଣିଆର ବୈଜ୍ଞାନିକ ଦାବି କରିଛନ୍ତି, ଯଦି କୃତ୍ରିମ ବୁଦ୍ଧିମତାକୁ ନିୟନ୍ତ୍ରଣ କରାନଗଲେ, ବାସ୍ତବରେ ସମସ୍ତଙ୍କର ମୃତ୍ୟୁ ହେବ । ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ନିଯୁକ୍ତି ବଜାରକୁ ସୁନାମି ଭଳି ପ୍ରଭାବିତ କରୁଛି । ନିଯୁକ୍ତି ବଜାରକୁ ଏହା ନାଟକୀୟ ଭାବେ ବଦଳାଇଦେବ । ଆସନ୍ତା ୨ ବର୍ଷ ମଧ୍ୟରେ ବିକଶିତ ଦେଶଗୁଡ଼ିକରେ ଏଆଇ ୬୦ ପ୍ରତିଶତ ଚାକିରିକୁ ଏବଂ ସାରା ବିଶ୍ୱରେ ୪୦ ପ୍ରତିଶତ ଚାକିରିକୁ ପ୍ରଭାବିତ କରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏମ୍‌ଡି କ୍ରିଷ୍ଟାଲିନା ଜର୍ଜିଏଭା ସତର୍କ କରାଇ ଦେଇଛନ୍ତି । ଏହି ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରହିବା ଲାଗି ସେ ଗୁରୁତ୍ୱ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତାର ଯେତେ ବିକାଶ ଘଟିବ, ମଣିଷର ମସ୍ତିଷ୍କ ସେହି ପରିମାଣରେ ସ୍ଥାଣୁ ପାଲଟିଯିବ । ମଣିଷର ଭାବନା ଶକ୍ତି ହ୍ରାସ ପାଇବ ଓ ଏହା ସୃଜନଶୀଳତା ହରାଇବ । ଏଆଇ ଉପରେ ନିର୍ଭରଶୀଳ ହୋଇ ମଣିଷ ସମ୍ପୂର୍ଣ୍ଣ ଭାବେ ପ୍ରଯୁକ୍ତିର ଦାସ ପାଲଟିଯିବ । ମଣିଷ ସମାଜ ପ୍ରତି 'ଏଆଇ' ଯେତିକି ଉପଯୋଗୀ ଓ ଉପକାରୀ ହେବ ତା'ଠାରୁ ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ହେଲାଣି । ବିଜ୍ଞାନଦ୍ୱାରା ସୃଷ୍ଟ କୃତ୍ରିମ ବୁଦ୍ଧିମତ୍ତା ଭବିଷ୍ୟତରେ ନୂତନ ପିଢିପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି । ଭସ୍ମାସୁର ଭଳି ମଣିଷକୁ ବିନାଶ ପଥରେ ନେଇଯିବାର ସମ୍ଭାବନା ରହିଛି । ଏଥିପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ । ବୈଷୟିକ ପ୍ରଗତି ଆମ ଭବିଷ୍ୟ ପିଢି ପାଇଁ ଯେପରି ପ୍ରଗତି ଛଡା ଅଧିକ ପରିବର୍ତ୍ତନଶୀଳ ନହେଉ ସେଥିପ୍ରତି ଆମକୁ ସଜାଗ ରହିବାକୁ ପଡ଼ିବ । ଏହା ସହିତ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ଏକ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଢଙ୍ଗରେ ବିକଶିତ ହେବାକୁ ନିଶ୍ଚିତ କରିବା ଆମର ସମସ୍ତଙ୍କର ଦାୟିତ୍ୱ ହେବା ବାଞ୍ଛନୀୟ ।


ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧



ସେଇଠୁ ଆରମ୍ଭ
SEITHO ARAMBHA





# ଦଶପଲ୍ଲାରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର



ଦଶପଲ୍ଲା, ୩୦/୦୩ (ଆ.ପ୍ର) : ଓଡିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଦଶପଲ୍ଲା ବ୍ଲକ ସଭାଗୃହ ପରିସରରେ ଏକ ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହିଳା କମିଶନ ସଦସ୍ୟ ଉର୍ମିଳା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ, ଏନଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ବିଡିଓ ଶରତ କୁମାର ମଲ୍ଲିକ, ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଓ ସମାଜସେବୀ ପୂର୍ଣ୍ଣିମା ଦାସ ଯୋଗ ଦେଇଥିଲେ । ଶିବିରରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର, ଘରୋଇ ହିଂସା ନିବାରଣ ଆଇନ ଓ ଶିଶୁ ସୁରକ୍ଷା ନିୟମାବଳୀ ସମ୍ପର୍କରେ ସଚେତନ କରା ଯାଇଥିଲା । ମହିଳାଙ୍କ ଅଧିକାର, ଘରୋଇ ହିଂସା ନିବାରଣ ଆଇନ, ଶିଶୁ ସୁରକ୍ଷା ବିଧିବଳୀ ସହିତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନତା ଜାଗ୍ରତ କରାଯାଇଥିଲା । ଉପସ୍ଥିତ ଅଧିକାରୀମାନେ ମହିଳାମାନଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହ ଅନ୍ୟାୟ ଘଟିଲେ କେଉଁଠାରେ ଓ କିପରି ଅଭିଯୋଗ କରିବେ, ସେଥିପାଇଁ ପରାମର୍ଶ ଦେଇଥିଲେ । ଏଥିରେ ବହୁ ସଂଖ୍ୟକ ମହିଳା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ଉପ କୋଷାଗାରର ବରିଷ୍ଠ କିରାଣୀ



ଖଣ୍ଡପଡ଼ା, ୩୦/୦୩ (ଆ.ପ୍ର) : ଖଣ୍ଡପଡ଼ା ସହରର ଜଣେ ପେନସନ ଉପଭୋକ୍ତାଙ୍କ ପେନସନ ବାବଦ କାଗଜପତ୍ର ଠିକ କରାଇଦେବା ନିମନ୍ତେ ୩ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ଦ୍ୱାରା ଗିରଫ ହୋଇଛନ୍ତି ଖଣ୍ଡପଡ଼ା ଉପ କୋଷାଗାରର ବରିଷ୍ଠ କିରାଣି ସରୋଜ କୁମାର ସାହୁ । ଭିଜିଲାନ୍ସ ଟିମ ସରୋଜଙ୍କୁ କାର୍ଯ୍ୟାଳୟ ପରିସରରେ କାବୁ କରି ଧରିବା ସହ ତାଙ୍କ ଠାରୁ ୩ ହଜାର ଟଙ୍କା ଜବତ କରିଥିବା ଜଣାଯାଇଛି । ପରେ ଭିଜିଲାନ୍ସ ଟିମ ଖଣ୍ଡପଡ଼ା ସହରର ୧ ନଂ ୱାର୍ଡ ସ୍ଥିତ ସରୋଜଙ୍କ ବାସଗୃହ ସମେତ କାର୍ଯ୍ୟାଳୟରେ ଅଚାନକ ଚଢାଉ କରି କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି । ପ୍ରକାଶଥାଉକି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିର୍ଘ ବର୍ଷ ଧରି କାର୍ଯ୍ୟକରି ଏବେ ଅବସର ଗ୍ରହଣ କରିଥିବା ମଙ୍ଗଳ ମୁର୍ମୁଙ୍କ ପେନସନ ବାବଦ କାଗଜପତ୍ର ଠିକ କରାଇ ଦେବା ପାଇଁ ଖଣ୍ଡପଡ଼ା ଉପ କୋଷାଗାରର ବରିଷ୍ଠ କିରାଣୀ ସରୋଜ ତାଙ୍କୁ ଲାଂଚ ମାଗିଥିଲେ । ଏପରିକି ଟଙ୍କା ନଦେଲେ ତାଙ୍କ କାମ କରିବେ ନାହିଁ ବୋଲି ରୋକଠୋକ ଶୁଣାଇବା ପରେ ପେନସନ ଉପଭୋକ୍ତା ଜଣକ ଏ ସଂର୍ପକରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ । ଅଭିଯୋଗ ଆଧାରରେ ଭୁବନେଶ୍ୱର ଓ ନୟାଗଡ ଭିଜିଲାନ୍ସ ଟିମ ସୋମବାର ମିଳିତ ଭାବେ ଚଢ଼ାଉ କରିଥିବା ସୂଚନା ମିଳିଛି । ଏ ସଂର୍ପକରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଭିଜିଲାନ୍ସ ଟିମ ସରୋଜକୁ ଭୁବନେଶ୍ୱର ନେଇ ଯାଇଥିବା ଜଣାପଡିଛି । ଏହି ଘଟଣା ଖଣ୍ଡପଡା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ନର୍ଲା ତହସିଲଦାରଙ୍କୁ ବିଜେଡ଼ି ବିଧାୟିକାଙ୍କ ସ୍ୱାମୀ ହତ୍ୟା ଧମକ ପ୍ରତିବାଦରେ ବିଜେପିର ବିକ୍ଷୋଭ



ଭବାନୀପାଟଣା, ୩୦/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ନର୍ଲା ଚାରିଛକ ଠାରେ ରବିବାର ସନ୍ଧ୍ୟା ୭ଘଂଟା ସମୟରେ ବିଜେପି ନର୍ଲା ଶାଖା ପକ୍ଷରୁ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓରଫ(ମୁନ୍ନା) ମହାନ୍ତିଙ୍କ ବିପକ୍ଷରେ ଶତାଧିକ ବିଜେପି କର୍ମୀ ବିଭିନ୍ନ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସୂଚନା ଅନୁଯାୟୀ ଗତ କିଛିଦିନ ତଳେ ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି କୌଣସି ଏକ କାର୍ଯ୍ୟକୁ ନେଇ ନର୍ଲା ତହସିଲଦାରଙ୍କୁ ଫୋନ ଯୋଗେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ତହସିଲଦାର ବିଭୁ ପ୍ରସାଦ ସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏଭଳି ନର୍ଲା ବ୍ଲକରେ ବିଧାୟିକାଙ୍କ ସ୍ୱାମୀ ବିଭିନ୍ନ ଅଧିକାରୀ ମାନଙ୍କୁ ବିଭିନ୍ନ ସମୟରେ ଧମକ ଚମକ ଦେଇ ଭୟଭୀତ କରି ନିଜର ସ୍ୱାର୍ଥ ସାଧନ କରୁଥିବା ଏବଂ ସରକାରୀ କଳକୁ ନିଜ ବାହୁ ବଳରେ ରଖି ଦୀର୍ଘ ଦଶ ବର୍ଷ ଧରି ବ୍ଲକକୁ ସମ୍ପୂର୍ଣ ଦୁର୍ନୀତି ରେ ବୁଡାଇ ରଖିଥିବା ବିଜେପି କର୍ମୀ ମାନେ ଅଭିଯୋଗ ଆଣିଛନ୍ତି ଏବଂ ଦୁର୍ନୀତି ଖୋର ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓ ରଫ (ମୁନ୍ନା) ମହାନ୍ତିଙ୍କୁ ତୁରନ୍ତ ପୋଲିସ ଗିରଫ କରିବା ପାଇଁ ଶତାଧିକ ବିଜେପି କର୍ମୀ ଗଣ ମାଧ୍ୟମ ସମ୍ମୁଖରେ ଦାବି କରିଥିବା ବେଳେ ଅପର ପକ୍ଷରେ ବିଜେଡି କର୍ମୀ ମାନେ ମଧ ସୋମବାର ସକାଳ ୧୧ ଘଂଟା ସମୟରେ ବିଧାୟିକାଙ୍କ ସ୍ୱାମୀଙ୍କୁ ମିଥ୍ୟା କେସରେ ଆକ୍ରୋଶ ମୂଳକ ଭାବରେ ବିଜେପି ସରକାର ଫସାଇବା ଉଦ୍ୟମ କରୁଥିବା ଅଭିଯୋଗ ଆଣି ସରକାର ବିରୋଧୀ ବିଭିନ୍ନ ନାରା ଦେଇ ଶତାଧିକ ବିଜେଡି କର୍ମୀ ନର୍ଲା ତହସିଲ ଅଫିସ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରତିବାଦ ଜଣାଇଛନ୍ତି ଏଭଳି ପରିସ୍ଥିତି ଦୁଇ ଦଳ ମଧରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି କିନ୍ତୁ କଳାହାଣ୍ଡି ଏସପିଓ ନର୍ଲା ପୋଲିସ ପରିସ୍ଥିତିକୁ କଡ଼ା ନଜର ରଖି ଅନୁସନ୍ଧାନ ଚଳାଇ ଥିବା ସୂଚନା ରହିଛି ।

# ଉତ୍କଳ ସେବାନିବୃତ ସେନାନି ସଂଘର ପଂଚମ ପ୍ରତିଷ୍ଠା ଦିବସ ପାଳିତ



ଜଗତସିଂହପୁର,୩୦/୦୩ (ଆ.ପ୍ର) : ଉତ୍କଳ ସେୱାନିବୃତ ସେନାନୀ ସଂଘ, ଜଗତସିଂହପୁରର ୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସାରଦା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି । ସଂଘର ଯୁଗ୍ମ ସମ୍ପାଦକ କେଦାର ଦାସଙ୍କ ସଭାପତିତ୍ୱରେ ଏହି କାର୍ଯକ୍ରମ ରେ ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଘର କାର୍ଯ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ମ୍ୟୁନିସିପାଲଟି ଅଧକ୍ଷା ଅର୍ଚ୍ଚନା ସିଂହ, ଲେଉଟିନାଂଟ କର୍ଣ୍ଣେଲ ଦେବରାଜ ମଲ୍ଲିକ୍ (ଅବସରପ୍ରାପ୍ତ), ମୁଖ ବକ୍ତା ଭାବେ ଙ୍କସ୍ୱବ ଓଡିଶାର ସଭାପତି କରୁଣାକର ନାଥ ପ୍ରମୁଖ ସଂଘ ର ବିବିଧ କାର୍ଯକ୍ରମ ଏବଂ ଯୁବ ପିଢ଼ିକୁ ଆଗକୁ ନେବାକୁ ପ୍ରସ୍ତାବିତ କରିଥିଲେ । ସଂଘର ସମ୍ପାଦକ ସୁଧାଂଶୁ ନାୟକ ଗତ ବର୍ଷର ବିବରଣୀ ପାଠ କରିଥିଲେ । ସଂଘ ର ସଭାପତି ସୋମନାଥ ମହାରଣା ନେତୃତ୍ୱରେ ସମସ୍ତ କାର୍ଯ ସମାପନ କରାଯାଇଥିଲା । ଓଡ଼ିଶା ର ବିଭିନ୍ନ ସୈନିକ ସଂଗଠନ ବିଶେଷତ ଅନୁଗୁଳ, କଟକ, ନିଆଳି, ପୁରୀ, ଅସ୍ତରଙ୍ଗ, ଯାଜପୁର, ସାଲେପୁର ପ୍ରମୁଖ ଉପସ୍ଥିତ ରହି ସଂଘକୁ ଉତ୍ସାହିତ କରିଥିଲେ । ଜିଲ୍ଲାର ଶହୀଦ୍ ମାନଙ୍କ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଏବଂ ସାମାଜିକ କାର୍ଯ କରୁଥିବା ବ୍ୟକ୍ତି ଏବଂ ସଂସ୍ଥା ମାନଙ୍କୁ ସମ୍ମାନିତ କରଯାଇଥିଲା । ସେମାନେ ହେଲେ ସୋହମ୍ ଜେନା (ଡାକ୍ତରୀ ଛାତ୍ର), ସଂଘର ବସନ୍ତ କୁମାର ବସ୍ତିଆ, ଜ୍ୟୋତି ରଞ୍ଜନ ସାମନ୍ତରାୟ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ରବି ବଛେଟି, ଆଟିଆଇ, ତରଡାପଡା ଅଧକ୍ଷ ରଶ୍ମି ରଞ୍ଜନ ମିଶ୍ର, ନିଃସ୍ୱାର୍ଥ ସ୍ୱୋ ସଂଗଠନ, ଅଳକା ଆଶ୍ରମ, ପୂର୍ବତନ କର୍ମଚାରୀ ସଂଘ, ଜଗନ୍ନାଥପୁର, ଶଶାଙ୍କ ଶେଖର ପଣ୍ଡା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସଂଘର ଚେୟାରମ୍ୟାନ ପ୍ରଦୀପ୍ତ କୁମାର ସ୍ୱାଇଁ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ସଂଘ ର ସଦସ୍ୟ ମାନେ ଏକତ୍ରିତ ହୋଇ ସଭାକୁ ସାଫଲ୍ୟ ମଣ୍ଡିତ କରିବା ସହ ଦେଶତ୍ମ ବୋଧ ପରିବେଶ ସୃଷ୍ଟି କରିଥିଲେ ।

# ଅଙ୍ଗନୱାଡି କର୍ମୀ ମାନଙ୍କୁ ସରକାର କରୁଛନ୍ତି ପୋଷଣ ନାରେ ଶୋଷଣ



ବାସୁଦେବପୁର, ୩୦/୦୩ (ଆ.ପ୍ର) : ଅଙ୍ଗନୱାଡି କର୍ମୀ ମାନଙ୍କୁ ସରକାର କରୁଛନ୍ତି ପୋଷଣ ନାରେ ଶୋଷଣ ,ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକରେ ଅଙ୍ଗନୱାଡ଼ି କର୍ମୀମାନେ ନିଜ ନ୍ୟାୟସଂଗତ ଦାବୀ ପୂରଣ ପାଇଁ ଆଗୁଆ ହୋଇଛନ୍ତି । ସମାନ କାମକୁ ସମାନ ଦରମା ସହିତ ମୋବାଇଲ୍ ପ୍ରଦାନ ଭଳି ଚାରିଦଫା ଦାବୀକୁ ନେଇ ସେମାନେ ଦାବୀପତ୍ର ଦେଇଛନ୍ତି ।ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ଏହି ଦାବୀପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ମୁଖ୍ୟ ଦାବୀ ମଧରେ ରହିଛି ସରକାରୀ କାମ ପାଇଁ ମୋବାଇଲ୍ ପ୍ରଦାନ, ଇଂଟରନେଟ୍ ଖର୍ଚ୍ଚ ଦେବା, ସାମାଜିକ ସୁରକ୍ଷା ସୁବିଧା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା ଦେବା ।ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଅନଲାଇନ୍ କାର୍ଯ୍ୟ ବନ୍ଦ କରିବାକୁ ସତର୍କ କରିଥିବା ବେଳେ, ଆଗାମୀ ଦିନରେ ଦାବୀ ପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଙ୍ଗନୱାଡ଼ି କର୍ମୀମାନେ ସରକାରଙ୍କୁ ସଚେତନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଉପସଭାନେତ୍ରୀ ପୁଷ୍ପାରାଣୀ ଲେଙ୍କା, ବ୍ଲକ ସଂପାଦିକା କମଳିନୀ ମଳିକ, ସଭାନେତ୍ରୀ ସବିତା ମହାନ୍ତି, କୋଷାଧକ୍ଷ ଚନ୍ଦ୍ରିକା ମହାପାତ୍ର ଓ ସହ ସଭାନେତ୍ରୀ ମିନତି ନାୟକ ସହ ବହୁ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ ।

# ନିଶାଦ୍ରବ୍ୟ ନିବାକରଣ ସଚେତନତା ଅଭିଯାନ ପାଳିତ




ମୈଦଳପୁର, ୩୦/୦୩ (ଆ.ପ୍ର) : ପାପଡ଼ାହାଣ୍ଡି ବ୍ଲକ ମୈଦଳପୁର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଏନଏସଏସବ୍ୟୁର ଉଚ୍ଚ ମାଧମିକ ପରିଷଦ, ଭୁବନେଶ୍ୱର ଓଡିଶା ଆନୁକୂଲ୍ୟରେ ନିଶାଦ୍ରବ୍ୟ ନିବାକରଣ ସଚେତନତା ଅଭିଯାନ ପାଳିତ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଗଣେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୈଦଳପୁର ସ୍ଥାନୀୟ ସରପଂଚ ବନୀତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଅତିଥିମାନେ ଛାତ୍ର ଛାତ୍ରୀଙ୍କୁ କିପରି ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରହିବେ ଓ ସୁସ୍ଥ ସମାଜ ଗଢିବେ ତାହା ଅଭିଭାଷଣାରେ ପ୍ରକାଶ କରିବା ସହିତ ସଚେତନତା କରିଥିଲେ । ବୈଠକ ଶେଷରେ ମୈଦଳପୁର ଉଚ୍ଚ ବିଦ୍ୟାଳୟ ଠାରୁ ଏକ ରାଲି ବାହାରି ମୈଦଳପୁର ଚେକ ଗେଟ୍ ପର୍ଯ୍ୟନ୍ତ ଯାଇ ଗ୍ରାମ ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ, ମୈଦଳପୁର ଥାନା ପୋଲିସ କର୍ମଚାରୀ, ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଣାପାଣି ପଟ୍ଟନାୟକ, ମିନାକ୍ଷୀ ବାହୁକ, ବିଭୂତି ଭୂଷଣ ହୋତା, ମାଧବି ଆଚାର୍ଯ୍ୟ ଓ ବିଦ୍ୟାଳୟ ର କର୍ମକର୍ତା ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ ।

# ଏପ୍ରିଲ ୫ରେ ୩୭ ତମ ବାର୍ଷିକ ତେର ଶମ୍ଭୁ ମିଳନ ସମାରୋହ

ବାଲିଗୁଡା, ୩୦/୦୩ (ଆ.ପ୍ର) : ଆଉ ଦିନକ ପରେ ଆସୁଛି, ୧୩ ଦିନିଆ ଦଣ୍ଡଯାତ୍ରା, ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ମା'କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଅଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାଲିଗୁଡ଼ା ସହରରେ ସ୍ଥାନୀୟ ଫଂଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୭ ତମ ବାର୍ଷିକ ତେର ଶମ୍ଭୁ ମିଳନ ସମାରୋହ ଏପ୍ରିଲ ୫ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ । ଏ ନେଇ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିସାରିଛି । ଏପ୍ରିଲ ୧ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସହରରେ ଅଣ୍ଡା, ମାଛ, ମାଂସ, ଶୁଖୁଆ ପ୍ରଭୃତି ଆମିଷ ଦ୍ରବ୍ୟ ବିକ୍ରି ଓ ସେବନ ବନ୍ଦ କରି ଆମକୁ ସହଯୋଗ କରିବା ସହିତ ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି । ତେର ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୫ ତାରିଖ ରବିବାର ସକାଳ ୮ଘଂଟା ସମୟରେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଥଳର ବରଣ କରାଯିବ । ଦିବା ଘ.୧୧.୩୦ମି.ସମୟରେ ମେଇନ୍‌ରୋଡ଼ରେ ଧୂଳିଦଣ୍ଡ ଅନୁଷ୍ଠିତ ହେବ । ଅପରାହ୍ନ ଘ.୦୪.୩୦ ମି.ସମୟରେ ବନ୍ଧପାଖରେ ପାଣିଦଣ୍ଡର ଆୟୋଜନ କରାଯିବ । ସନ୍ଧ୍ୟା ୦୫ ଘଟିକା ସମୟରେ ଟାଉନର ବଜାର ଛକ ନିକଟରେ ଅଂଚଳର ସବୁଠାରୁ ଆକର୍ଷଣୀୟ ୧୩ ଦଣ୍ଡର ମହାମିଳନ ଖୁବ ଯାକ ଜକମକରେ ଆୟୋଜନ କରାଯିବ । ରାତ୍ର ୮ ଘଂଟ ଠାରୁ ୧୨ ଘଂଟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତ୍ର ୧୧ ଘଂଟ ସମୟରେ ଝୁଣାଦଣ୍ଡ ର ଏକ ବିରାଟ ପଟୁଆର ହେବା ସହ ୬ ତାରିଖ ସକାଳ ୦୮ଘଂଟ ସମୟରେ ଯାତ୍ରା ସମାପ୍ତ ହେବ ଏଣୁ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟା ରେ ଯୋଗ ଦେବାପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

# ପାତ୍ରପୁର ଓକିଲ ସଂଘର କର୍ମକର୍ତା ଚୟନ



ପାତ୍ରପୁର, ୩୦/୦୩ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ଓକିଲ ସଂଘର ନୂତନ କର୍ମକର୍ତା ଚୟନ ହୋଇଥିବା ଜଣାପଡ଼ିଛି । ସଭାପତି ଭାବରେ ରମେଶ ଚନ୍ଦ୍ର ପାଢ଼ୀଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ଏ ନିରଞ୍ଜନ ରେଡ୍ଡୀଙ୍କୁ ସଂଘ ପକ୍ଷରୁ ଚୟନ କରାଯାଇଛି । ସେହିପରି ଉପ ସଭାପତି ଭାବରେ ତ୍ରୀନାଥ ମହାନ୍ତି,ସହ ସମ୍ପାଦକ ଭାବେ ପୂର୍ଣ୍ଣ ଚନ୍ଦ୍ର ସାହୁ, କୋଷାଧକ୍ଷ ଲମ୍ବୋଦର ପ୍ରଧାନ, ମିଡିଆ ସେଲ୍ ଭାବେ ଆଇ ବାଳକୃଷ୍ଣ ରେଡିଙ୍କୁ ଚୟନ କରାଯାଇଥିବା ବେଳେ ନୂତନ କର୍ମକର୍ତା ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମୁଣ୍ଡି, ୩୦/୦୩ (ଆ.ପ୍ର) : ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ , ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରାକେଶ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଆର.ଉଦୟଗିରି ପଂଚାୟତ ସମିତିର ସମୁଦାୟ ମୋଟ-୪୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୦୬ ଗୋଟି, ଗ୍ରାମ ଭିତିକ ସମସ୍ୟା - ୩୯ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଆର.ଉଦୟଗିରି ପଂଚାୟତ ସମିତି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ତହସିଲଦାର ଜ୍ୟୋତିମୟ ଦାଶ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

# ବାଣପୁର ଓକିଲ ସଂଘ ନିର୍ବାଚନରେ ଉପ ସଭାପତି ପଦବୀ ପାଇଁ ଅନିୟମିତତା ଅଭିଯୋଗ





ଚିଲିକା/ବାଣପୁର, ୩୦/୦୩ (ଆ.ପ୍ର) : ଓଡ଼ିଶା ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ରାଜ୍ୟର ସମସ୍ତ ଅନୁବନ୍ଧିତ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଏକାକାଳୀନ ଭାବେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ବାଣପୁର ଓକିଲ ସଂଘର କର୍ମକର୍ତା ନିର୍ବାଚନ ମଧ ଅନୁଷ୍ଠିତ ହୋଇଯାଇଛି । ସକାଳ ଘ ୭.୩୦ ମି ଠାରୁ ନିର୍ବାଚନ ଆରମ୍ଭ ହୋଇ ଅପରାହ୍ନ ୩.୦୦ ଘଟିକାରେ ସମାପ୍ତ ହୋଇଥିଲା । ଚଳିତ ନିର୍ବାଚନରେ ପ୍ରାର୍ଥୀମାନେ ଓକିଲ ବନ୍ଧୁମାନଙ୍କୁ ନିଜ ସପକ୍ଷରେ ମତ ଦେବାକୁ ବିଭିନ୍ନ ପ୍ରକାର ପ୍ରୟାସ କରିଥିବା ବେଳେ ଆଜି ତାହାର ପରିସମାପ୍ତି ଘଟିଥିଲା । ଅପରାହ୍ନ ୪.୦୦ ଘଟିକାରେ ଭୋଟ ଗଣତି ଆରମ୍ଭ କରାଯାଇ ପର୍ଯ୍ୟାୟ କ୍ରମେ ଫଳାଫଳ ପ୍ରକାଶ ପାଇଥିଲା । ଚଳିତ ନିର୍ବାଚନରେ ବାଣପୁର ଓକିଲ ସଂଘର ସମୁଦାୟ ୧୩୦ ଜଣ ଆଇନଜୀବୀ ସେମାନଙ୍କର ଭୋଟ ଦେଇଥିବା ବେଳେ ସଭାପତି ଭାବେ ଜଗନ୍ନାଥ ଭୋଳ, ଉପ ସଭାପତି ଭାବେ ନିରୋଜ କୁମାର ମହାନ୍ତି, ସମ୍ପାଦକ ଭାବେ ମହେନ୍ଦ୍ର ପ୍ରସାଦ ସାମନ୍ତସିଂହାର, ସହ ସମ୍ପାଦକ ଭାବେ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ଭାବରେ ସୁଦର୍ଶନ ଜାଲି ଓ ଚିରସ୍ମିତା ବେହେରା(ଅପ୍ରତିଦ୍ୱନ୍ଦୀ) ବିଜୟୀ ହୋଇଛନ୍ତି । ଉକ୍ତ ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବରେ ଆଇନଜୀବୀ ମନୋଜ କୁମାର ମହାପାତ୍ର ଏବଂ ସହ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ସୁନୀଲ ମହାପାତ୍ର ଓ ସୁଧୀର ପ୍ରଧାନ ପରିଚାଳନା କରିଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ହୋଇଥିବା ଆଇନଜୀବୀ ଅଶୋକ କୁମାର ଚମ୍ପତି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିଥିଲେ । ତେବେ ଉପ-ସଭାପତି ପଦ ଫଳାଫଳକୁ ନେଇ ବିବାଦ ଦେଖାଦେଇଥିଲା । ପରାଜିତ ପ୍ରାର୍ଥୀ ରାମଚନ୍ଦ୍ର ପଲାଇ ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ ଭୋଟ ଗଣତି ଅନିୟମିତତା ଅଭିଯୋଗ ଆଣିଛନ୍ତି । ନିର୍ବାଚନ ଅଧିକାରୀ ପ୍ରଥମେ ଉପ-ସଭାପତି ଭାବେ ରାମଚନ୍ଦ୍ର ପଲାଇଙ୍କ ନାମ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ପରବର୍ତୀ ସମୟରେ ନିରୋଜ କୁମାର ମହାନ୍ତିଙ୍କ ନାମ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ । ଏହାକୁ ରାମଚନ୍ଦ୍ର ପଲାଇ ଦୃଢ ବିରୋଧ କରିଥିଲେ ସୁଦ୍ଧା ନିର୍ବାଚନ ଅଧିକାରୀ ନିଜ ଜିଦରେ ଅଟଳ ରହିଥିବା ରାମଚନ୍ଦ୍ର ପଲାଇ କହିଛନ୍ତି ।ରାମଚନ୍ଦ୍ର ପଲାଇଙ୍କ ସପକ୍ଷରେ ଥିବା ଦୁଇ ଗୋଟି ବୈଧ ଭୋଟକୁ ଜାଣିଶୁଣି ନିର୍ବାଚନ ଅଧିକାରୀ ପରବର୍ତୀ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ଅବୈଧ ଘୋଷଣା କରି ତାଙ୍କୁ ପରାଜିତ କରିଥିବା ସେ ସିଧାସଳଖ ଅଭିଯୋଗ କରିଛନ୍ତି । ନିର୍ବାଚନ ଅଧିକାରୀଙ୍କ ଏପରି ପକ୍ଷପାତିତାକୁ ବିରୋଧ କରି ଏବଂ ନ୍ୟାୟ ପାଇବା ଉଦ୍ଦେଶ୍ୟରେ ସେ ରାଜ୍ୟ ଆଇନଜୀବୀ ପରିଷଦ ସମେତ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଗଣମାଧମକୁ କହିଛନ୍ତି ।

# ଷ୍ଟାର ନାଇଟରେ ଝୁମିଲା ସିନାପାଲି : ଉଦନ୍ତୀ ମହୋତ୍ସବର ଭବ୍ୟ ସମାପନ



ସିନାପାଲି, ୩୦/୦୩ (ଆ.ପ୍ର) : ଉଦନ୍ତୀ ନଦୀ ତଟବର୍ତୀ ସିନାପାଲି ସହରରେ ତିନି ଦିନ ଧରି ଚାଲିଥିବା କଳା, ସାହିତ୍ୟ ଓ ସଂସ୍କୃତିର ମହାଉତ୍ସବ ଉଦନ୍ତୀ ମହୋତ୍ସବ ସିନାପାଲି-୨୦୨୬ ଗରିମାମୟ ଭାବେ ସମାପନ ହୋଇଛି । ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତ୍ରିଦିବସୀୟ ଉତ୍ସବ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରି ସ୍ମରଣୀୟ ଅନୁଭବ ଦେଇଛି । ଶେଷ ସନ୍ଧ୍ୟାରେ ଲକ୍ଷାଧିକ ଦର୍ଶକଙ୍କ ଭିଡ଼ ମହୋତ୍ସବକୁ ଏକ ନୂତନ ଉଚ୍ଚତାକୁ ନେଇଥିଲା । "ଷ୍ଟାର ନାଇଟ" ରୂପେ ପରିଚିତ ଏହି ଶେଷ ଦିନରେ ସମ୍ବଲପୁରୀ ସଙ୍ଗୀତ ଜଗତର ପ୍ରସିଦ୍ଧ ଗାୟକ ଉମାକାନ୍ତ ବାରିକଙ୍କ ସୁର ଓ ତାଳରେ ସମଗ୍ର ପରିବେଶ ମନମୁଗ୍ଧ ହୋଇଉଠିଥିଲା । ଓଡ଼ିଆ ଅଭିନେତ୍ରୀ ସୁଚରିତା ସ୍ୱାଇଁ ତାଙ୍କ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନରେ ମଂଚକୁ ରଙ୍ଗିନ କରିଥିବାବେଳେ, ହାସ୍ୟ ଅଭିନେତା ଟୁକୁନା ତାଙ୍କ ହାସ୍ୟରସରେ ଦର୍ଶକମାନଙ୍କୁ ମନୋରଞ୍ଜିତ କରିଥିଲେ । ଏହି ମହୋତ୍ସବ କେବଳ ମନୋରଞ୍ଜନରେ ସୀମିତ ରହିନଥାଇ, ଲୋକକଳା ଓ ପାରମ୍ପରିକ ସଂସ୍କୃତିର ଏକ ସଜିବ ମଂଚ ଭାବେ ପରିଣତ ହୋଇଥିଲା । ବିଭିନ୍ନ ଲୋକନୃତ୍ୟ ଓ ଲୋକସଙ୍ଗୀତ ମାଧ୍ୟମରେ ଗାଁଘରର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଚିତ୍ର ଜୀବନ୍ତ ହୋଇଉଠିଥିଲା । ଶେଷ ଦିନର ଅନୁଷ୍ଠାନ ଦେବପୂଜନ ଓ ବେଦପାଠ ସହ ଆରମ୍ଭ ହୋଇଥିଲା, ଯାହାକୁ ଗାୟତ୍ରୀ ଶକ୍ତିପୀଠ, ସିନାପାଲି ପକ୍ଷରୁ ପରିଚାଳନା କରାଯାଇଥିଲା । ସିନାପାଲି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରାରମ୍ଭିକ ସଙ୍ଗୀତ ପ୍ରଦର୍ଶନ କରିଥିଲେ । ଉପସଭାପତି ମନୋରଞ୍ଜନ ମେହେର ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବାବେଳେ, ସଭାପତି ବୈଶମ୍ପାୟନ ମେହେରଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ସନ୍ତୋଷ କୁମାର ବାଗ ବିବରଣୀ ପଠନ କରିଥିଲେ ଓ ଗୌତମ ମେହେର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସୁନିୟୋଜିତ କରିଥିଲେ । ମୁଖ୍ୟ ଅତିଥି ଭାବେ ଖଡ଼ିଆଳର ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପାଇଁ ଏପରି ମହୋତ୍ସବର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ପଣ୍ଡା ସହ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । ପୁରସ୍କାର ବିତରଣ ଓ ସ୍ମୃତିଚିହ୍ନ ପ୍ରଦାନ ମାଧ୍ୟମରେ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ କୋଷାଧକ୍ଷ ଦିବ୍ୟ ରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ୨୧ତମ ଉଦନ୍ତୀ ମହୋତ୍ସବ କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ଏକ ସମୃଦ୍ଧ ପରମ୍ପରାକୁ ଆଗକୁ ବଢ଼ାଇ ଦେଇଛି । ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ମନ ଓ ମାଟିର ଆତ୍ମୀୟ ସମ୍ପର୍କର ଏକ ସୁନ୍ଦର ସେତୁ । ବର୍ତମାନ ସମସ୍ତଙ୍କ ଅପେକ୍ଷା ଆସନ୍ତା ବର୍ଷରେ ଏହାର ଆଉ ଏକ ନୂତନ ରୂପକୁ ଦେଖିବାକୁ ।

# ପୂର୍ବତନ କାଉନସିଲର ଦେବାଶିଷ ରାଉତଙ୍କ ସ୍ମୃତି ଚାରଣ ସଭା



ଭଦ୍ରକ, ୩୦/୦୩ (ଆ.ପ୍ର) : ଭଦ୍ରକ ସହରର କୁଆଁସର ପୂର୍ବତନ କାଉନସିଲର ଦେବାଶିଷ ରାଉତଙ୍କ ଆଜି ସୋମବାରରେ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ରୋ. ଅତିସ ବେହେରାଙ୍କ ସଭାପତିତ୍ୱରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ପ୍ରାକ୍ତନ ବିଧାୟକ ନରେନ ପଲେଇ, କଂଗ୍ରେସ ନେତା ଅସିତ ପଟ୍ଟନାୟକ, ଡା ପ୍ରଦୀପ ନାୟକ, ବିଜେପି ନେତା ଶେଖର ମହାପାତ୍ର, ସାମାଜିକ କର୍ମୀ ଅଶୋକ ମହାନ୍ତି, ବିଜୟ ମହାନ୍ତି, ବିଶ୍ୱନାଥ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଭାସ୍କର ସାହୁ, ଶିକ୍ଷାବିତ ଉଦୟ ମହାନ୍ତି, ରଜନୀ ନାୟକ, ନାରୀନେତ୍ରୀ ଅମିତା ବାଳା ଆଚାର୍ଯ୍ୟ, ରାଜୁ ଯେନା,ଚଗୁଲୁ ମହାନ୍ତି, କୁନି ମହାନ୍ତି, ତପନ ନାୟକ, ଦେବରୂପ ମହାନ୍ତି, ସୁରେଶ ମହାନ୍ତି, ଭାଗିରଥି ନାୟକ, ଆଇନଜୀବୀ ରାଧା ଦାସ, ଆଶିଷ ଅମିତାଭ ମହାପାତ୍ର, ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଦେବାଶିଷ ରାଉତ ଦୁଇ ଦୁଇ ଥର କୁଆଁସର କାଉନସିଲର ଥିବା ବେଳେ ୱାର୍ଡ ରେ ଡ୍ରେନେଜ ନିର୍ମାଣ କରିବା ଠାରୁ ଆରମ୍ଭ କରି ଗରିବ ବ୍ୟକ୍ତି ଙ୍କର ବିପିଏଲ କାର୍ଡ କରିବା, ନିଃସହାୟ ଓ ଅସହାୟ ବ୍ୟକ୍ତିଙ୍କ ପାଖରେ ପହଂଚି ସେମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ ଯାହାକି ତାଙ୍କ ବିୟୋଗ ରେ କୁଆଁସ ୱାର୍ଡର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ମତ ପ୍ରକାଶ ପାଇଥିଲା କ୍ଷଶେଷରେ ସାନ ଭାଇ ଆଶିଷ ରାଉତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଗଣ୍ଡାବଧ ସମ୍ପନ୍ନ, ବିପୁଳ ଜନସମାଗମ

ଦଶପଲ୍ଲା, ୩୦/୦୩ (ଆ.ପ୍ର) : ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ପ୍ରମୁଖ ଆକର୍ଷଣ 'ଗଣ୍ଡାବଧ ' ସୋମବାର ଦିନ ସମ୍ପନ୍ନ ହୋଇଛି । ଇତ୍ୟବସରରେ ବାଣ, ବାଜା, ରୋଷଣି, ଘୋଡ଼ା ନାଚ ସହିତ ଏକ ସୁସଜ୍ଜିତ ବିଶାଳ ପଟୁଆର ମହାବିର ମନ୍ଦିରଠାରୁ ବାହାରି ପ୍ରାୟ ତିନି କିଲୋମିଟର ରେ ଥିବା ନେତାଜୀ ମଇଦାନ ସ୍ଥିତ ସ୍ଥାୟୀ ମଣ୍ଡପ ଠାରେ ପହଂଚି ଥିଲେ । ସେଠାରେ ପାରମ୍ପାରିକ ରୀତି ନୀତି ଅନୁଯାୟୀ ରାମଲୀଳା ର ଅଭିଜ୍ଞ କଳାକାର ମାନଙ୍କୁ ନେଇ ଲିଳାଭିନୟ ପରିବେଷିତ ହୋଇ ଥିଲା । ଆତସବାଜି ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଯାରିରହିଥିଲା । ନେତାଜି ପଡ଼ିଆ ର ଚତୁପାର୍ଶ୍ୱ ସୁସଜ୍ଜିତ ଲାଇଟ ସାଙ୍ଗକୁ ଲୋକାରଣ୍ୟ ହୋଇଥିଲା ।ଲଙ୍କାପୋଡି ଯାତ୍ରା କମିଟି ସଭାପତି ତଥା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ , ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ମଧୁସ୍ମିତା ବଳିଆରସିଂ, ବିଜେପି ନେତା ରାଘବ ମଲ୍ଲିକଙ୍କ ସମେତ ଯାତ୍ରା କମିଟିର କର୍ମକର୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସୂଚନା ଯୋଗ୍ୟଯେ ପୁରାଣ ମତାନୁସାରେ ସୂର୍ଯ୍ୟ ବଂଶର ପ୍ରଥାନୁସାରେ ପିତୃ ଶ୍ରାଦ୍ଧ ଦିନ ଯୁବରାଜ ଓ ରାଜ କୁମାର ମାନେ ଗଣ୍ଡା ବଧ କରି ସେମାନଙ୍କ ବିରତ୍ୱ ପ୍ରଦର୍ଶନ କରନ୍ତି । ତେଣୁ ପ୍ରଭୁ ଶ୍ରୀ ରାମ ନିଜ ଭାଇଙ୍କ ସହିତ ଚତୁରାଙ୍ଗ ସେନାଙ୍କୁ ନେଇ ଗଣ୍ଡା ବଧ ସମ୍ପନ୍ନ ହୋଇଥାଏ ।

# ଲକ୍ଷପତି ଦିଦି, ମହିଳା ଉଦ୍ୟୋଗୀଙ୍କ ପୁରୀ ଜିଲ୍ଲା ପରିଦର୍ଶନ



ତିର୍ତୋଲ, ୩୦/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକର ବିପିସି ଜ୍ୟୋସ୍ନାରାଣୀ ମନ୍ତ୍ରୀ,ବିପିଏମ୍ କଳ୍ପନା ଦଳାଇ ଅହମ୍ମଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ କମ୍ୟୁନିଟ୍ ଷ୍ଟାଫ୍ ଓ ଲକ୍ଷପତି ଦିଦି ଏବଂ ଉଦ୍ୟୋଗୀ ମହିଳା ମାନେ ଏକାଠି ହୋଇ ଦୁଇଦିନ ପାଇଁ ପୁରୀ ଜିଲ୍ଲା ପରିଦର୍ଶନ ରେ ଯାଇଥିଲେ । ପ୍ରଥମେ ସେମାନେ ପିପିଲିର ମହିଳା ହସ୍ତଶିଳ୍ପ ପ୍ରଡୁସର କମ୍ପାନୀର ଚାନ୍ଦୁଆ କାମ ବୁଲି ଦେଖିଥିଲେ । ଏହାପରେ ଟମାଟୋ ସସ୍ ଓ ଚିଲି ସସ୍ ତିଆରି ଚାଲିଥିବା ବାବା ନିଳକଣ୍ଠଶ୍ୱର ପିଜି ବୁଲି ଦେଖିଥିଲେ । ଶୁଭଦ୍ରା ଶକ୍ତି କାଫେ ରେ ସମସ୍ତେ ଏକାଠି ଭୋଜନ କରିବା ସହିତ ପୁରୀ ସଦରର କତା ଉତ୍ପାଦନ ଗୋଷ୍ଠୀ ବୁଲି ଦେଖିଥିଲେ । ଏହାପରେ ରଘୁରାଜପୁର ପଟ୍ଟଚିତ୍ର ଗାଁ ପରିଦର୍ଶନ କରିଥିଲେ । ଏହାପରେ ଜଗନ୍ନାଥ ଙ୍କ ଦର୍ଶନ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ତାପର ଦିନ ସକାଳୁ ମା ରାମଚଣ୍ଡୀ ଙ୍କ ଦର୍ଶନ କରି ଚନ୍ଦ୍ରଭାଗା ବୁଲି କୋଣାର୍କ ରେ ଥିବା ଓମ୍ ଗାୟତ୍ରୀ ଛୁଟ୍ ପିଜି ବୁଲି ଦେଖିଥିଲେ । ଏହାପରେ ଗୋପର କାଫେ ରେ ଭୋଜନ କରିବା ସହିତ ସହିତ ଛତୁଆ ୟୁନିଟ୍ ବୁଲି ଦେଖିଥିଲେ । ଏହାପରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଦର୍ଶନ କରି ଫେରିଥିଲେ । ଏଥିରେ ୩୫ ଜଣ ସଦସ୍ୟ ମିଶି ଯାଇଥିଲା । ଏଥିରେ ତିର୍ତୋଲ ବ୍ଲକ ର ୟୁପି ଶାଗର ସମ୍ଭବ ଦାଶ, ବିପିଏସିଏ ମାଳବିକା ବେହେରା, ବିଲ୍ ସି ସରୋଜିନୀ ବାରିକ, ବିନୋଦ କୁମାର ଭୁଇଁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଇଖାନା ଟାଙ୍କି ପାଣି ରାସ୍ତାରେ, ବିଦ୍ୟାଳୟକୁ ଯିବାକୁ ପିଲା ହାନ୍ତସନ୍ତ



ଜଗତସିଂହପୁର, ୩୦/୦୩ (ଆ.ପ୍ର) : ପାଇଖାନା ମଳ ଟାଙ୍କିର ପାଣି ରାସ୍ତା ଉପରେ , ସ୍କୁଲ ପିଲା ହନ୍ତସନ୍ତ । ସ୍କୁଲ କତୃପକ୍ଷଙ୍କ ତରଫରୁ ବାରମ୍ବାର ପୌରପ୍ରଶାସନକୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ନାହିଁ । ଏଭଳି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ସହରର ବଡ଼ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ମୁଖସ୍ଥ ରାସ୍ତା ଉପରେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗେଟ ସମ୍ମୁଖରେ ଥିବା କିଛି ଘରର ମଳ ଟାଙ୍କିରୁ ଏହି ମଳ ପାଣି ନିର୍ଗତ ହୋଇ ସ୍କୁଲ ସମ୍ମୁଖର ରାସ୍ତା ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡିଛି । ତଥାପି ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ବାଧ୍ୟରେ ଏହି ମଳ ପାଣି ଉପରେ ଯାତାୟାତ କରୁଛନ୍ତି । ଉକ୍ତ ଘରର ମାଲିକ ଓ ପୌରପ୍ରଶାସନଙ୍କୁ ବାରମ୍ବାର ସ୍କୁଲ ତରଫରୁ ଏହାକୁ ବନ୍ଦ କରିବାକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁ ନାହିଁ । ଯାହାଫଳରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ମଳ ପାଣି ଉପରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ଏଭଳି ଘଟଣା ଅଭିଭାବକ ଓ ସ୍ଥାନୀୟ ଜନ ସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିଛି । ଏବଂ ମଳ ଟାଙ୍କିର ପାଣି ରାସ୍ତା ଉପରକୁ ଛାଡିବା ବନ୍ଦ କରିବାକୁ ଦାବି ହେଉଛି ।

# ମା'ବାଇଦେଇ କ୍ରିକେଟ କ୍ଲବ ତରଫରୁ ପ୍ରେସମିଟ



ନିମାପଡା, ୩୦/୦୩ (ଆ.ପ୍ର) : ଗୋପ ବ୍ଲକ ନାୟାହାଟ ନିକଟସ୍ଥ ଜଙ୍ଗଲବୋରି ପଂଚାୟତ ମଧୁବନ ମା'ବାଇଦେଇ କ୍ରିକେଟ କ୍ଲବ ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବର ଉପଦେଷ୍ଟା ଲଲାଟେନ୍ଦୁ ମିଶ୍ର,କ୍ରିକେଟ ମ୍ୟାନେଜର କାର୍ତିକ ପଲେଇ, ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ସଦସ୍ୟ ମନୋଜ କୁମାର ସାହୁ,ଆଦର୍ଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ଏପ୍ରିଲ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ମା ବାଇଦେଇ ବାର୍ଷିକ କ୍ରିକେଟ ଟୁର୍ଣ୍ଣ । ମେଂଟ - ୨୦୨୬ ଅନୁଷ୍ଠିତ ହେବ । ଏଥିରେ ୨ଟି ପର୍ଯ୍ୟାୟରେ ଟେନିସ ବଲ ଓ କ୍ରକ୍ ବଲରେ ମ୍ୟାଚ୍ ଖେଳାଯିବ । ଟେନିସ ବଲ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୬ଟି ଦଳ ଓ କ୍ରକ ବଲ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୮ ଟି ଦଳ ଭାଗନେବେ । ସମସ୍ତ ମ୍ୟାଚ୍ ୧୦ ଓଭର ଲେଖା ଖେଳାଯିବ । ଟେନିସ ବଲ ବିଜେତା ଟିମକୁ ୨୦ ହଜାର ସହ ଟ୍ରଫି ଓ ଉପ ବିଜେତା ଟିମକୁ ୧୩ ହଜାର ସହ ଟ୍ରଫି ଏବଂ କ୍ରକ୍ ବଲ ବିଜେତା ଟିମକୁ ୩୦ ହଜାର ସହ ଟ୍ରଫି ଓ ଉପ ବିଜେତା ଟିମକୁ ୨୦ ହଜାର ସହ ଟ୍ରଫି ପ୍ରଦାନ କରାଯିବ । ତତ୍ ସହିତ ମ୍ୟାନ ଅଫ ଦ ସିରିଜ୍, ମ୍ୟାନ ଅଫ ଦ ମ୍ୟାଚ୍,ଶୃଙ୍ଖଳିତ ଖେଳାଳି ଓ ଶୃଙ୍ଖଳିତ ଟିମକୁ ପୁରସ୍କାର ପ୍ରଦାନ କରାଯିବ । ଏଠାରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ କରିବାକୁ ଆମେ ଗଣମାଧ୍ୟମ ପ୍ରତିନିଧିଙ୍କ ଜରୀଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ଏଠାରେ ଆଖ ପାଖ ୧୦ ଟି ପଂଚାୟତ ର ପିଲାମାନେ ଖେଳୁଛନ୍ତି । ଉକ୍ତ ମ୍ୟାଚରେ ଅତିଥିଭାବେ ପୂର୍ବତନ କ୍ରୀଡାମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ ଯୋଗ ଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି ।

# ରାମ ନବମୀରେ ବିଶାଳ ବାଇକ୍ ଶୋଭାଯାତ୍ରା ନେତୃତ୍ୱନେଲେ ଶିକ୍ଷାବିତ୍ ତ୍ରିଦେବ ବେହେରା



ଟାଙ୍ଗୀ ଚୌଦ୍ୱାର, ୩୦/୦୩ (ଆ.ପ୍ର) : ସାରା ଭାରତ ବର୍ଷ ରାମନବମୀ ପାଇଁ ଉତ୍ସବ ମୁଖରିତ ହୋଇ ଉଠିଥିବା ବେଳେ କଟକ ଜିଲ୍ଲା ଟାଙ୍ଗୀ ଅଂଚଳ ପ୍ରଥମ କରି ବିରାଟ ବାଇକ ଶୋଭାଯାତ୍ରା ଦେଖିବାକୁ ମିଳିଛି । ଶ୍ରୀରାମ ସେନା ଆବାହକ, ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ତଥା ଶିକ୍ଷାବିତ ଡ. ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ୨ହଜାରରୁ ଉର୍ଦ୍ଧ ବାଇକରେ ୪ହଜାରରୁ ଉର୍ଦ୍ଧ ଯୁବକ ସାମିଲ ହୋଇ ଜୟ ଶ୍ରୀରାମର ନାରାବାଜି କରିଥିଲା । ଫଳରେ ଟାଙ୍ଗୀ ଅଂଚଳରେ ଜୟଶ୍ରୀରାମ ନାରା କମ୍ପି ଉଠିଥିଲା । ପ୍ରଥମ ଥର ପାଇଁ ଟାଙ୍ଗୀରେ ବିଶାଳ ବାଇକ୍ ଶୋଭାଯାତ୍ରା ଦେଖିବା ପାଇଁ ଛକ ଛକ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଯାହା ସ୍ଥାନୀୟ ଅଂଚଳରେ ଆଧାତ୍ମିକ ଚେତନା, ଭକ୍ତି ଓ ଅସ୍ଥାର ଏକ ବିଶିଷ୍ଟ ପରିଚୟ ସୃଷ୍ଟି କରୁଛି ବୋଲି ବେହେରା କହିଥିଲେ । ଉକ୍ତ ବାଇକ୍ ଶୋଭାଯାତ୍ରାରେ ସମସ୍ତେ ଅପରାହ୍ନ ୩ଘଟିକାରେ କୋଟସାହି ସ୍ଥିତ ରାମ ମନ୍ଦିରରେ ଏକତ୍ରିତ ହୋଇ ଟାଙ୍ଗୀ, ଭଗତପୁର, ବରପଦା, ବିଶ୍ୱନାହାକାଣୀ, ଗରୁଡ଼ଗାଁ ଓ ସଫା ରାମ ମନ୍ଦିର ପର୍ଯ୍ୟନ୍ତ ଯାଇ ପୁନର୍ବାର ସଫାରୁ ଫେରି କହ୍ନେଇପୁର ପଂଚାୟତ କନମିରା ମନ୍ଦିରରେ ଏକତ୍ରିତ ହୋଇଥିଲେ । ସନ୍ଧ୍ୟାରେ ହିନ୍ଦୁ ଧର୍ମର ପ୍ରଚାରକ ମାନସ ବାବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ଧର୍ମଜାଗରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ବାବାଜୀ ବିଶ୍ୱନାଥ ଦାସ ମହାରାଜ ଓ ଦର୍ଶନ ବିଦ୍ୟାର୍ଥୀ ବାବାଜୀ କବିନ୍ଦ୍ର ମହାରାଜାଙ୍କ ସମେତ ବିଭିନ୍ନ ସାଧୁସନ୍ଥ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀରାମ ସେନାର ଆବାହକ ବେହେରା ସମସ୍ତ ସାଧୁସନ୍ଥ, ସହଯୋଗ କରିଥିବା ସ୍ୱେଚ୍ଛାସେବୀ ଓ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଶାଳ ରାଲିସହ ଏକ ସୁସଜ୍ଜିତ ରଥରେ ପିଲାମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ପୋଷାକ ପିନ୍ଧି ଅଭିନୟ କରୁଥିବା ଦେଖିବାକୁ ମିଳିଛି । ଶୋଭାଯାତ୍ରାରେ ଅମନ ବେଉରା,ଆକାଶ ପାତ୍ର, ହୃଷୀକେଶ ସାମଲ, ଦେବାଶିଷ ପ୍ରଧାନ,ମାନସ ସାହୁ, ବିଶ୍ୱଜିତ ଆଂଚଲ, ଜୟପ୍ରକାଶ ମହାନ୍ତି, ତ୍ରିନାଥ ମହାରଣା, ରକ୍ଷ୍ୟାନନ୍ଦ ସ୍ୱାଇଁ ଓ ପ୍ରଭାତ ତରାଇଙ୍କ ସମେତ ବିଭିନ୍ନ ପଂଚାୟତର ରାମ ଭକ୍ତ ସହଯୋଗ ଦେଇଥିଲେ । ସୁରକ୍ଷା ଦୃଷ୍ଟିରୁ ଟାଙ୍ଗୀ ପୋଲିସ ପକ୍ଷରୁ ଛକ ଛକରେ ପୋଲିସ୍ ମୁତୟନ କରାଯାଇଥିଲା ।

# ଭାରସାମ୍ୟ ହରାଇ ବାଇକ୍ ଚାଳକଙ୍କ ମୃତ୍ୟୁ



ବାଲିଗୁଡା, ୩୦/୦୩ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ନାଡ଼ାପାଟାଙ୍ଗ ଗ୍ରାମର କୁମ୍ଭାର ସାହି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ପୋଲ ତଳକୁ ମୋଟର ସାଇକେଲ ଖସି ଯିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ବାରଖମା ଗୁମା ସାହିର ନିରଞ୍ଜନ ମଲ୍ଲିକ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ରବିବାର ଦିନ ନିରଞ୍ଜନ କୌଣସି କାମରେ ସୁଡ୍ରା ଗ୍ରାମକୁ ଯାଇ ସେଠାରୁ ବିଳମ୍ବିତ ରାତିରେ ଗାଁକୁ ଫେରୁଥିବା ବେଳେ ନାଡ଼ାପାଟାଙ୍ଗ ଗ୍ରାମର କୁମ୍ଭାର ସାହି ନିକଟରେ ଭାରସାମ୍ୟ ହରାଇ ପୋଲ ତଳକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ରାତି ତମାମ ସେଠାରେ ଆହତ ଅବସ୍ଥାରେ ପଡ଼ି ରହିଥିବା ବେଳେ ସୋମବାର ସକାଳୁ ଅଂଚଳବାସୀ ଦେଖି ବାରଖମା ଫାଣ୍ଡି ପୋଲିସକୁ ଜଣାଇଥିଲେ । ଖବରପାଇ ଘଟଣାସ୍ଥଳରେ ବାରଖମା ଫାଣ୍ଡି ଅଧିକାରୀ ପହଁଂଚି ନିରଞ୍ଜନଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି । ଅନ୍ୟପଟେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ବାଲିଗୁଡ଼ା ପୋଲିସ୍ ।

# ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକଙ୍କ ସ୍ମୃତି ଚାରଣ ସଭା



ଗଣିଆ, ୩୦/୦୩ (ଆ.ପ୍ର) : ଗଣିଆ ବ୍ଲକ ବନମାଳୀ ବାରିକି ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକ କାଶିନାଥ ବାରିକଙ୍କ ସ୍ମୃତି ଚାରଣ ସଭା ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉକ୍ତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ କୁଳମଣି ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସେଣ, ବରିଷ୍ଠ ଶିକ୍ଷକ ବାମନ ଚରଣ ବାରିକି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ଶିକ୍ଷାବିତ ସିପ୍ରା କାନୁନଗୋ, ବରିଷ୍ଠ ନେତା ସୁକାନ୍ତ ଶତପଥି,ମାୟାଧର ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ସଭାର ପ୍ରାରମ୍ଭରେ ସାମୁହିକ ବେଦପାଠ ଏବଂ ନିରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ବାରିକଙ୍କ ସ୍ମୃତି ଚାରଣ କରିଥିଲେ । ଜଣେ ମୁକୁଟ ବିହୀନ ରାଜା ହିସାବରେ ଶ୍ରୀ ବାରିକ ଆଡକଟାରେ ଘରେ ଘରେ ପରିଚିତ ଥିଲେ । ଶିକ୍ଷା ଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସବୁର ଉନ୍ନତି ପାଇଁ ସେ ଅହରହ ଚେଷ୍ଟା କରି ଆସୁଥିଲେ । ଆଡକଟାରେ କଲେଜଟିଏ ନିର୍ମାଣ କରିବା ପାଇଁ ସେ ଅହରହ ଉଦ୍ୟମ କରି ୧୯୯୨ ମସିହାରେ ସଫଳ ହୋଇଥିଲେ । ଆଜି ତାଙ୍କ ଅବର୍ତମାନରେ ଗାଁ ସଭା ଠାରୁ ମନ୍ଦିର ପର୍ଯ୍ୟନ୍ତ ସମସ୍ତେ ଝୁରୁଛନ୍ତି ବୋଲି ତାଙ୍କ ସହିତ ବିତାଇଥିବା ସହପାଠୀ ବର୍ଣ୍ଣନା କରିଥିଲେ । ଭଗବାନ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ ଜନତା ମତ ଦେଇଥିଲେ । ଜଣେ ରାଜନେତା ଠାରୁ ଆରମ୍ଭ କରି ସାମାଜିକ କର୍ମୀ ହିସାବରେ ସେ ନୟାଗଡ ଜିଲ୍ଲାରେ ଲୋକପ୍ରିୟତା ହାସଲ କରିଥିଲେ ।

# ବଣାଇଗଡ଼ ସହର ଶ୍ରୀ ରାମମୟ



ବଣାଇଁ, ୩୦/୦୩ (ଆ.ପ୍ର) : ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପାରମ୍ପରିକ ବାଦ୍ୟ, ଜୟ ଶ୍ରୀରାମ ନାରାରେ ଶୁକ୍ରବାର କମ୍ପି ଉଠିଥିଲା ସମଗ୍ର ବଣାଇଗଡ଼ ସହର । ପ୍ରତିବର୍ଷ ଭଳି ଶ୍ରୀରାମ ନବମୀ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ବିଶାଳ ଜାଗରଣ ପଦଯାତ୍ରାରେ ହଜାର ହଜାର ରାମଭକ୍ତଙ୍କ ସମାଗମ ସମଗ୍ର ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ବଣାଇଗଡ଼ ସହରର ବସ ଷ୍ଟାଣ୍ଡ ସ୍ଥିତ ହନୁମାନ ମନ୍ଦିର ପରିସରରେ ପ୍ରଭୁ ଶ୍ରୀରାମଙ୍କ ଷୋଡ଼ଶ ଉପଚାର ପୂଜା ସହିତ ହନୁମାନ ଚାଳିଶା ପାଠ ଓ ଯଜ୍ଞ କର୍ମକାଣ୍ଡ ଆଦି ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜକ ଭାବେ ଫକୀର ମୋହନ ମିଶ୍ର, ନିରଞ୍ଜନ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତା ଭାବେ ନରେନ୍ଦ୍ର ସାହୁ ସପତ୍ନୀକ କାର୍ଯ୍ୟ ତୁଲାଇଥିଲେ ! ଅପରାହ୍ନ ୩ଟାରୁ ଦେଓ ଗାଁ ସ୍ଥିତ ବାବା ବାଣେଶ୍ୱର ମନ୍ଦିର ଫାଟକ ସମ୍ମୁଖରେ ରାମଭକ୍ତଙ୍କ ଗହଳି ଆରମ୍ଭ ହୋଇଥିଲା । ପ୍ରାୟ ସନ୍ଧ୍ୟା ୬.୩୦ ମିନିଟରେ ପଡ଼ିଆରୁ ଏହି ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । ସହର ସମେତ ଜିଲାର ବିଭିନ୍ନ ଅଂଚଳରୁ ରାମଭକ୍ତ ଏଥିରେ ସାମିଲ ହୋଇଥିଲେ । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ମହିଳା ପୁରୁଷ ପର୍ଯ୍ୟନ୍ତ, ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା ଉତ୍ସାହ ଓ ଉନ୍ମାଦନା । ଶଙ୍ଖଧ୍ୱନି, ମୃଦଙ୍ଗ, ଢୋଲ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ବାଦ୍ୟରେ ଫାଟିପଡୁଥିଲା ସହରର ରାସ୍ତା ଘାଟ । ବେଦପାଠ ମେଢ଼ ସାଙ୍ଗକୁ ଶ୍ରୀରାମଙ୍କ ଦରବାର ଝାଙ୍କି ବାଜା, ଶିଙ୍ଘିବାଜା, ଆଦିବାସୀ ଧୁମ୍ପୁସା ବାଜା, ଶ୍ରୀ ହନୁମାନ ମୂର୍ତିର ବେଢ଼ା, ଶ୍ରୀରାମଙ୍କ ମେଢ଼ ପ୍ରଭୃତି ସମସ୍ତଙ୍କ ପାଇଁ ବେଶ ଆକର୍ଷଣୀୟ ଥିଲା । ଶୋଭାଯାତ୍ରା ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଗହଳି ପରିଲକ୍ଷିତ ହୋଇଥିଲା । ପ୍ରତି ଛକରେ ବାଦ୍ୟ ଦଳଙ୍କ ପ୍ରଦର୍ଶିତ ନୃତ୍ୟ ଦେଖିବାକୁ ଲୋକେ ଭିଡ଼ ଲଗାଉଥିଲେ । ଏହି ପଦଯାତ୍ରାଟି ଦେଓଗାଁ ଛକରୁ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଚର୍ଚ୍ଚ ଛକ, ଆର ଡି ଡି ଛକ, ବ୍ଲକ ଛକ, କଲେଜ ଛକ, କଚେରୀ ଛକ, ଥାନା ଓ ବସ ଷ୍ଟାଣ୍ଡ ଛକ, ପୋଷ୍ଟ ଅଫିସ ଛକ, ବଜାର ଛକ, ରଥ ଛକ ପରିକ୍ରମା ସହ ପୁନର୍ବାର ବସ ଷ୍ଟାଣ୍ଡ ରେ ପହଂଚିଥିଲା । ପଦଯାତ୍ରାରେ ସାମିଲ ହୋଇଥବା ଅଭିଯାତ୍ରୀଙ୍କୁ ସେବା ପ୍ରଦାନ ପାଇଁ ସହରର ସ୍ଥାନେ ସ୍ଥାନେ ବଦାନ୍ୟ ବ୍ୟକ୍ତି ତଥା ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନଙ୍କ ପକ୍ଷରୁ କ୍ୟାମ୍ପ ସ୍ଥାପନ କରାଯାଇଥିଲା । ସମସ୍ତଙ୍କ ପାଇଁ ଦହି ସର୍ବତ, ତରଭୁଜ, କାକୁଡ଼ି, ଗଜାମୁଗ ଓ ବୁଟ, ଆଦି ଜଳଯୋଗ ବ୍ୟବସ୍ଥା କରିଥିଲେ । ବିଭିନ୍ନ ରାଜନୈତିକ ଦଳର ନେତା ପଦଯାତ୍ରାରେ ସାମିଲ ହୋଇଥିଲେ । ବଣାଇ ଶ୍ରୀରାମ ନବମୀ ଉତ୍ସବ କମିଟିର ସଂଯୋଜକ ତପନ କୁମାର ଦଣ୍ଡିଆ, ବିଜେପି ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ବିଜେପି ରାଉରକେଲା ଜିଲ୍ଲା ସମ୍ପାଦକ ଅଭିରାମ ମହାକୁଳ, ଯୁବ ମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ, ତେଲିସାହି ଆଖଡ଼ା ସଭାପତି କାଳିଆ ଦାସ, ଦେଓଗାଁ ଆଖଡ଼ା ସଭାପତି ରାମ ଚନ୍ଦ୍ର ସାହୁ, ବଜାର ସାହି ସଭାପତି, ହରିଆ ସାହୁ, ଭିକି ବ୍ରହ୍ମ ପ୍ରମୁଖ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଇଚାରା ରକ୍ଷା ସହ ପଦଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ପାଇଁ ନେତାମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀରାମ ନବମୀ ଉତ୍ସବ ତଥା ଏହି ପଦଯାତ୍ରା ଶୃଙ୍ଖଳିତ କରିବା ପାଇ ବଣାଇ ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏଥିରେ ବଣାଇ ଥାନା ଅଧିକାରିଣୀ ପିଙ୍କି ରାଣୀ ମୁର୍ମୁଙ୍କ ସମେତ ଗୁରୁଣ୍ଡିଆ, ଲହୁଣୀପଡ଼ା, ମହୁଲପଦା ଥାନା ଅଧିକାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ୧୫୦୦ଲି ପୋଚ ସହ ୧୦୦ଲି ଦେଶୀ ହାତ ରନ୍ଧା ମଦ ଜବତ





ନବରଙ୍ଗପୁର, ୩୦/୦୩ (ଆ.ପ୍ର) : ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ତେନ୍ତୁଲୀଖୁଂଟି ଥାନା ଅର୍ନ୍ତଗତ ଡେଙ୍ଗପଦର ଗ୍ରାମରେ ଥିବା ନାଳ ଓ ପୋଖରୀ ହୁଡ଼ାକୁ ତଲାସି କରିବାରୁ, ୧୫୦୦ ଲିଟର ପୋଚ ଓ ୧୦୦(ଏକ ଶହ) ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରାଗଲା । କେସ ନଂ ୧୪୪/୨୦୨୫-୨୬ରେ ନବରଙ୍ଗପୁର ରେଞ୍ଜ ଅଧିକାରୀ ବିଭାଗ ଦ୍ୱାରା ରୁଜୁ କରାଗଲା । ଏବଂ ତେନ୍ତୁଳିଖୁଂଟି ବ୍ଲକ ର ଆଉ ଗୋଟିଏ ଗାଁ ଚିତ୍ରକୋଟ ଅଂଚଳର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ୨୫ (ପଚିଶି) ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇ ଥିଲା । ତାହାକୁ ଅବକାରୀ ବିଭାଗର କର୍ମଚାରି ମାନଙ୍କ ଉପସ୍ଥିତି ରେ ନଷ୍ଟ କରାଗଲା । ଏହି ଚଢାଉରେ ରଞ୍ଜୀ ଯାନୀ, ରିସମା ସୁନା, ଆକ୍ରମ ଖାନ ଓ ସୁଧାଂଶୁ ଶେଖର ବାଘ ସହଯୋଗ କରି ଥିଲେ ।

# ଏବିଏସ ଅକ୍ସଫୋର୍ଡ ଇଂଟର ନ୍ୟାସନାଲ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ନିମାପଡା, ୩୦/୦୩ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ସ୍ଥିତ ଅକ୍ସଫୋର୍ଡ ଇଂଟର ନ୍ୟାସନାଲ ଇଂରାଜୀ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚେୟାରମ୍ୟାନ ରୀନାବାଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଇ ଆର ଏସ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କବିରାଜ କୁଳମଣି ସାହୁ ମେମୋରୀୟାଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼କ୍ଟର କେଦାରନାଥ ସାହୁ, ସ୍ଥାନୀୟ ଥାନା ଅଧିକାରୀ ଶୋଭରାଜ୍ ପ୍ରିୟଦର୍ଶୀ ମହାନ୍ତି, ଏବିଏସ ଅକ୍ସଫୋର୍ଡ ସ୍କୁଲର ଭାଇସ ଚେୟାରମ୍ୟାନ ମାନସ କୁମାର ମଲ୍ଲିକ, ନିର୍ଦ୍ଦେଶକ ଦେବୀ ପ୍ରସନ୍ନ ମହାନ୍ତି, ପ୍ରିନ୍ସପାଲ ବିୟାତ ବିହାରୀ ମିଶ୍ର, ଡକ୍ଟର ସୁଶାନ୍ତ କୁମାର ଦାସ, ସ୍ୱୟଂ ପ୍ରଭା ମିଶ୍ର ଯୋଗଦେଇଥିଲେ । ସାରା ବିଶ୍ୱରେ ବିଭିନ୍ନ ଦେଶରେ ଇଂରାଜୀ ଭାଷା ଉପରେ ଗୁରୁତ୍ୱ ଥିବାରୁ ଇଂରାଜୀ ଶିକ୍ଷା ଉପରେ ଶିକ୍ଷା ଦେବା ପାଇଁ ଅନୁଷ୍ଠାନ ପ୍ରାଧାନ୍ୟ ଦେଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଦଶମ ବାର୍ଷିକ ଉତ୍ସବ ରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ, ଅଭିଭାବକ, ଅଭିଭାବିକା ଓ କୃତି ପ୍ରତିଭା ମାନଙ୍କୁ ଉତୋରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇ ଥିଲା । ପ୍ରିନ୍ସ ପାଲ୍ ବନମାଳୀ ପାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ପରିଶେଷରେ ସମ୍ପାଦକ ଟିଟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ବାଲିଆପାଳ, ୩୦/୦୩ (ଆ.ପ୍ର) : ବାଲିଆପାଳ ବ୍ଲକ ଅଧିନ ମଧୁପୁରା ସେବା ସମବାୟ ସମିତି ୨୦୨୬ର ବାର୍ଷିକ ସାଧାରଣ ସଭା ସୋମବାର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସ୍ଥାୟୀ ସଭାପତି ପୂର୍ବତନ ସରପଂଚ ମୂରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଶାନ୍ତି ଲତା ବେହେରା, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇଟି, ଦେଉଳା ସରପଂଚ ସରୋଜ କୁମାର ପିଲା, ମଧୁପୁରା ସମିତି ସଭ୍ୟ ସୁଶାନ୍ତ ସେଠି, ସଦସ୍ୟା ସବିତା ଜେନା, ବରିଷ୍ଠ ସଦସ୍ୟ ପଦ୍ମ ଲୋଚନ ରାଉତ, ଅଶୋକ କୁମାର ବାଗ, ଗୋପାଳ ମାରାଣ୍ଡି, ପ୍ରମୋଥ ବାରିକ ଗୋପିନାଥ ମାହାନା, ଗୋପାଳ ମାରାଣ୍ଡି ପ୍ରମୁଖ ମଂଚାସିନ ରହି ଓଡ଼ିଶା ସରକାରଙ୍କ ଦ୍ୱାରା ସମିତି ସଠିକ ଭାବେ ପରିଚାଳନା କରିବା, ଚାଷୀ ମାନଙ୍କୁ ସମିତି ଦ୍ୱାରା ଅଧିକ ସୁବିଧା ସୁଯୋଗ ଯୋଗାଇବା, ଧାନ କ୍ରୟ ସମୟରେ ଏଫେକ୍ୟୂ ମାନର ନିରୁପଣ ଦ୍ୱାରା ଚାଷୀ ଲାଭମାନ ହେବା ଭଳି ପଦକ୍ଷେପ ଗ୍ରହଣୀୟ ହୋଇପାରିଛି ବୋଲି ଆଲୋଚନା କରିଥିଲେ । ଏହା ବ୍ୟତିତ ବ୍ୟାଙ୍କ ମାଧ୍ୟମରେ ସେବା ସମବାୟ ସମିତିର ସମସ୍ତ ଚାଷୀ, ଜମା କାରୀ ତଥା ସମସ୍ତ ମେମ୍ବର ମାନଙ୍କୁ କୃଷି ଋଣ, ଯୁଗ୍ମ ଗୋଷ୍ଠୀ ଋଣ, ସହାୟକ ମହିଳା ଗୋଷ୍ଠୀ ଜରିଆରେ ବିନା ସୁଧରେ ଋଣ ଯୋଗାଇଦେବା ଭଳି ପଦକ୍ଷେପ ବିଷୟରେ ପରିଚାଳକ ଶ୍ରୀ ମାଇଟି ବୁଝାଇଥିଲେ । ସମିତିର ସମ୍ପାଦକ ପ୍ରତାପ ଗିରି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ସୁପରଭାଇଜର ଚଳିତ ବର୍ଷର ଜମା ଖର୍ଚ୍ଚର ହିସାବ ଅବଗତ କରାଇଥିଲେ । ମୁରଲୀ ଧର ପ୍ରଧାନ, ସଞ୍ଜୟ ସାହୁ, ବିବର୍ତନ ବାରିକ ପ୍ରମୁଖ ସହଯୋଗ କରିଥିଲେ । ସମିତି ପକ୍ଷରୁ ପଂଚାୟତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ରାଜଶ୍ରୀ ପାଣିଗ୍ରାହୀଙ୍କ ସମେତ ୪୫ ଜଣ ମାସିକ ଓ ବାର୍ଷିକ ଜମାକାରୀ, ଚାଷ, ଯୁଗ୍ମ ଋଣକାରୀ, ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ମଡେଲ ଗ୍ରାମ ପଂଚାୟତସ୍ତରୀୟ ମହାସଂଘର ସିଓଇ ତାଲିମ

ପାରଳାଖେମୁଣ୍ଡି, ୩୦/୦୩ (ଆ.ପ୍ର) : କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡା ଗ୍ରାମ ଠାରେ ମୋଡେଲ ଜିପିଏଲ୍ଏଫ୍‌କୁ ନେଇ ସିଓଇ ତାଲିମ କାର୍ଯ୍ୟକ୍ରମ ଚାଲୁଛି । ଓଡିଶା ଜୀବିକା ମିଶନ, କାଶୀନଗର, ବି.ପି.ଏମ୍ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ନିଆଯାଇଛି । ଗତ ୧୨-୩-୨୦୨୬ ଠାରୁ ୩୧-୩-୨୦୨୬ ପର୍ଯ୍ୟନ୍ତ ମଡେଲ ୧,୨,୩,୪ କାର୍ଯ୍ୟକ୍ରମ ଚାଲିଛି । ଏହି ତାଲିମ ରେ ଖାରଡା ଜିପିଏଲ୍ଏଫ୍‌ର କାର୍ଯ୍ୟକାରୀ କମିଟି ର ସଦସ୍ୟ ଓ ଗୋଷ୍ଠୀ ସହାୟକ କର୍ମୀ ୨୫ ଜଣ ତାଲିମ ରେ ଯୋଗ ଦେଇଛନ୍ତି । ତାଲିମଦାତା ଲିଙ୍ଗରାଜ ପାଣିଗ୍ରହୀ ଓ ମଳୟ ମାଧୁରୀ ତ୍ରିପାଠୀ ଜିଲ୍ଲା ସ୍ତରୀୟ



ତାଲିମଦାତା, ଓଡିଶା ଜୀବିକା ମିଶନ ପରିଚାଳନା କରୁଛନ୍ତି । ଏହି ତାଲିମର ଆଲୋଚ୍ୟ ବିଷୟ ଥିଲା - ଏକତାର ଶକ୍ତିକୁ ବୁଝିବା, ଭିଜନର ମହତ୍ୱ, ଆସନ୍ତା ୫ ବର୍ଷ ପାଇଁ ଭିଜନ ତିଆରି, ପରିବର୍ତନର କ୍ଷେତ୍ର ଯଥା :- ଜୀବନ ଜୀବିକା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସାମାଜିକ ସମସ୍ୟା, ସମସ୍ୟାର ସମାଧାନ, ସମସ୍ୟା ଚିହ୍ନଟ ଓ ପ୍ରାଥମିକତା, ଲକ୍ଷ ସ୍ଥିର କରିବାର ଗୁରୁତ୍ୱ, ଲକ୍ଷ ହାସଲ କରିବା ପାଇଁ ରଣନୀତି, ଏସ୍‌ହେଚ୍‌ଜି, ଆଂଚଳିକ ମଂଚ ଓ ମହାସଙ୍ଘ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ମହାସଙ୍ଘ ସହ ସରକାରୀ ଅନୁଷ୍ଠାନର ସଂପର୍କ ଆଲୋଚନା କରାଯାଇଥିଲା । ଦଳଗତ କାର୍ଯ୍ୟକ୍ରମରେ ଆଲୋଚନା, ଶେଷରେ ଏକ ଭଜନ ଡକୁମେଂଟ ତିଆରି କରାଯାଇଥିଲା ଓ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇ ତାଲିମକୁ ଶେଷ କରାଯାଇଥିଲା ।

## ଚିକିଟି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ପାତ୍ରପୁର, ୩୦/୦୩ (ଆ.ପ୍ର) : ଚିକିଟି ନିର୍ବାଚନ ମଣ୍ଡଳୀର ଜରଡ଼ା ସ୍ଥିତ ବରିଷ୍ଠ ନେତା ଭଗବାନ ପାତ୍ରଙ୍କ ବାସଭବନ ଠାରେ ବିଜେଡି ଆଇଟିସେଲ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଜରିଆରେ ସ୍ୱାସ୍ଥ୍ୟ ସେବା ବିଫଳତା, ନାରୀ ନିର୍ଯ୍ୟାତନା ଏବଂ ବିଧାୟକଙ୍କ ମିଥ୍ୟା ଅପପ୍ରଚାରକୁ ତୀବ୍ର ନିନ୍ଦା କରାଯାଇଛି । ପ୍ରଥମତଃ ଚିକିଟି ନିର୍ବାଚନ ମଣ୍ଡଳୀରେ ଆମ୍ବୁଲାନ୍ସ ସେବା ବିପଯ୍ୟସ୍ତ ହୋଇଯାଇଛି ଦୁଇ ବର୍ଷ ହେଲା ଚିକିଟିରେ ଆମ୍ବୁଲାନ୍ସ ସେବା ବନ୍ଦ ରହିବା ଫଳରେ ଜଣେ ନିରୀହ ଯୁବତୀ ପୂଜା ସାହୁଙ୍କ ଗତକାଲି ମୃତ୍ୟୁ ଘଟିଛି । ଏଭଳି ମୃତ୍ୟୁ ପାଇଁ 'ସରକାର' ତଥା ସ୍ଥାନୀୟ ବିଧାୟକ ଦାୟୀ ବୋଲି ବିଜେଡି ଆରୋପ କରିଛି । ନିଜ ଦୋଷ ଦୁର୍ବଳକୁ ଲୁଚେଇବାକୁ ଯାଇ ନାରୀ ନେତ୍ରୀ ତଥା ବିଧାୟକଙ୍କ ପତ୍ନୀ ମୀନା ଦ୍ୟାନ ସାମନ୍ତରା ବିଜେଡି ବିରୁଦ୍ଧରେ ଫେସବୁକରେ ମିଛ ରାଜନୀତି କରିବା ବନ୍ଦ କରନ୍ତୁ । ନାରୀ ଅସୁରକ୍ଷିତ ଦିଗରେ ଜଗନ୍ନାଥପୁର ଓ ଷୋଳଭାଗପେଣ୍ଠରେ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରରେ ପୁଲିସ ବିଧାୟକଙ୍କ ଚାପରେ ଚୁପ୍ ବସିଛି । ମହିଳା କମିଶନ ଓ ମୋହନ ସରକାର ଏହି ସମ୍ବେଦନଶୀଳ ଘଟଣାରେ ତତ୍ପରତା ଦେଖାଉନାହାନ୍ତି କାହିଁକି ବୋଲି ସିଧା ସଳଖ ପ୍ରଶ୍ନ କରିଥିଲେ । ସେହିଭଳି କାହା ଚାପରେ ପଡି ସିଡିପିଓଙ୍କ ମାଧ୍ୟମରେ ହୀନ ରାଜନୀତି କରାଯାଇଛି ଜଣେ ବି ଜେ ଡି ଦଳର ଆଗଧାଡିର କର୍ମିଙ୍କ ନାମ ନେଇ ତାଳପଡ଼ା ବାଲ୍ୟ ବିବାହ ଘଟଣାରେ ଆକ୍ରୋଶର ଶିକାର ହେଲେ ପାତ୍ରପୁର ସିଡିପିଓ ବିଧାୟକଙ୍କ ଚାପରେ ଆସି ଜଣେ ନିରୀହ କର୍ମୀଙ୍କ ନାଁ ସର୍ବସାଧାରଣରେ କହି ତାଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ମାଡ଼ ଖୁଆଇବା ଏକ ଅତି ଅମାନୁଷିକ ଏବଂ ହୀନକାର୍ଯ୍ୟ ବୋଲି ପ୍ରେସମିଟ କରି ପ୍ରକାଶ କରିଥିଲେ । ପୂର୍ବ ଇତିହାସକୁ ଦୋହରାଇ ୨୦୦୭ ମସିହାରେ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ମେଡିକାଲ, ତହସିଲ ଓ ବ୍ଲକ ଅଫିସ ପୋଡ଼ିବା ଘଟଣାର ଦୁଃଖ ଚିକିଟିବାସୀ ଏବେବି ଭୋଗୁଛନ୍ତି । ଉପରୋକ୍ତ ସମସ୍ତ ବିଷୟକୁ ବିଚରା କରିବା ଓ ନାରୀ ନିର୍ଯ୍ୟାତିତଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଯଦି କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତେବେ ବିଜୁ ଜନତା ଦଳ ଆଇଟିସେଲ ସୋସିଆଲ ମିଡିଆ ଗୋଷ୍ଠୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି । ଏହି କାର୍ଯ୍ୟକ୍ରମରେ ବିଜେଡି ଆଇଟିସେଲ ସଂଯୋଜକ ସରୋଜ ପଣ୍ଡା, ଚିକିଟି ଆଇଟିସେଲ ସଭାପତି କାଳୀ ପ୍ରସାଦ ପଣ୍ଡା, ପାତ୍ରପୁର ଆଇଟିସେଲ ସଭାପତି ଶିବ ଶଙ୍କର ପ୍ରଧାନ, ସୁମିତ କୁମାର ପଣ୍ଡା, ପରମେଶ ଯାଦବ, ନାରୀ ନେତ୍ରୀ ଓ. ନଗମା ରାଓ, କେ. ଜ୍ୟୋତି ରେଡି, ଚନ୍ଦ୍ର ଶେଖର ପ୍ରଧାନ, ସୁଶାନ୍ତ ବେହେରା ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଆଂଚଳିକ କୃଷକ ମଂଚ ପକ୍ଷରୁ ରାସ୍ତାରୋକ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ ପ୍ରତିଶ୍ରୁତି ପରେ ରାସ୍ତା ରୋକ ପ୍ରତ୍ୟାହୃତ



ନୀଳଗିରି, ୩୦/୦୩ (ଆ.ପ୍ର) : ଆସନ୍ତା ଏପ୍ରିଲ ୧୫ ତାରିଖ ମଧ୍ୟରେ ରାସ୍ତା କାମ ଆରମ୍ଭର ପ୍ରତିଶୃତି ପାଇ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି । ସୂଚନାରୁ ଜଣାଯାଇଛି, ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାଉଁଶବଣିଆ ଛକରେ ଆଂଚଳିକ କୃଷକ ମଂଚ ପକ୍ଷରୁ ସକାଳ ୯ ଘଟିକା ଠାରୁ ବିଭିନ୍ନ ଦାବୀ ନେଇ ରାସ୍ତାରୋକ ବିକ୍ଷୋଭ ଆୟୋଜିତ ହୋଇଥିଲା । ମଂଚର ସଭାପତି ରାମଚନ୍ଦ୍ର ବେହେରା, ଉପ ସଭାପତି ଉମାକାନ୍ତ ମଳିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବିଜୟ କୁମାର ସ, ଅବସର ପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ରହି ରାସ୍ତାରୋକ ଜାରି ରଖିଥିବା ବେଳେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବିକ୍ଷୋଭ ସ୍ଥଳ ରେ ପହଁଂଚି ଉଦବୋଧନ ଦେବା ସହିତ ଏ ଭଳି ନ୍ୟାର୍ଯ୍ୟ ଦାବି ପାଇଁ ତାଙ୍କର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ମତ ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ୧୧. ୩୦ ମିନିଟ ସମୟରେ ରାସ୍ତାରୋକ ସ୍ଥଳରେ ପହଁଂଚି ମଂଚର ନେତୃତ୍ୱଙ୍କ ଠାରୁ ଦାବୀପତ୍ର ଗ୍ରହଣ କରିବା ସହିତ ଆସନ୍ତା ଏପ୍ରିଲ ମାସ ୧୫ ତାରିଖ ମଧ୍ୟରେ ରାସ୍ତାର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ନିର୍ଭରଯୋଗ୍ୟ ଦୃଢ ପ୍ରତିଶୃତି ଦେବା ସହିତ ଅନ୍ୟ ଦାବୀ ଗୁଡିକ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ଓ ଧାରଣା ପ୍ରତ୍ୟାହାର ହୋଇଥିଲା । ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବା ମଂଚ ନେତୃତ୍ୱଙ୍କ ଠାରୁ ସୂଚନା ମିଳିଛି । ଉକ୍ତ ଦାବୀ ପତ୍ରରେ ମୁଖ୍ୟ ୩ଟି ଦାବୀ, ଯଥାକ୍ରମେ - ନୀଳଗିରି ବଉଳଗଡିଆ ରାସ୍ତାକୁ ଯୁଦ୍ଧ କାଳୀନ ଭିତିରେ ପୁନଃ ନିର୍ମାଣ କରିବା, ଦ୍ୱିତୀୟରେ ଜନ ବସତିରୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର କରିବା, ତୃତୀୟରେ କୁଲଡିହା ଅଭୟାରଣ୍ୟ ତଥା ପାହାଡ଼ର ପାଦ ଦେଶରେ ତୁରନ୍ତ ସୋଲାର ଫିନ୍ସିଙ୍ଗ କରି ବନ୍ୟଜନ୍ତୁ କବଳରୁ ଧନ ଜୀବନକୁ ରକ୍ଷା ଦେବା ସହିତ ହାତୀ କବଳ ରୁ ଲୋକଙ୍କ ଚାଷ ବାସର ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବି ଉଲ୍ଲେଖ କରା ଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତାର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆସନ୍ତା ମେ ମାସ ପ୍ରଥମ ସପ୍ତାହ ରେ ପୁଣି ଅନିର୍ଦ୍ଧିଷ୍ଟ କାଳ ନୀଳଗିରି-ବଉଳ ଗଡିଆ ରାସ୍ତାର ଉଭୟ ପାର୍ଶ୍ୱ ରେ ରାସ୍ତା ରୋକ କରିବାର ଚେତାବନୀ, ପ୍ରଶାସନକୁ ଆନ୍ଦୋଳନ କାରୀ ନେତୃତ୍ୱ ଦେଇ ଥିବା ଜଣାଯାଇଛି ।

## ୩୦ତମ ଆନ୍ତଜିଲ୍ଲା ଉତ୍କଳିକା କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ



ବାସୁଦେବ ପୁର, ୩୦/୦୩ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁରର ଅଗ୍ରଣି କ୍ଲବ ଉତ୍କଳିକା ସ୍ପୋର୍ଟ ପକ୍ଷରୁ ଜିଲ୍ଲାସ୍ତରୀୟ ସମୀର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ସ୍ଥାନୀୟ ଅଟଳ ବିହାରୀ ମହାବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଛି । ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବ ପୁର ବିଧାୟକ ଅଶୋକ କୁମାର ଦାସ, ପୌର ଅଧକ୍ଷା ନିବେଦିତା ବେହେରା, ଓ ଜଗନ୍ନାଥ ପ୍ରସାଦ ଗ୍ରାମ ପଂଚାୟତ ପୂର୍ବତନ ସରପଂଚ ତଥା ଯୁବ ସମାଜସେବୀ ଭାଗିରଥି ବଳ, ପ୍ରଥମ ମ୍ୟାଚରେ ଉତ୍କଳିକା ସ୍ପୋଟିଂ କ୍ଲବ ବାସୁଦେବ ପୁର ବିଜୟଲାଭ କରିଥିଲା, ଉତ୍କଳିକା କ୍ଲବ ଚନ୍ଦ୍ର ଶେଖର ବେହେରାମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇ ଥିଲେ । ଖବର ପରିବେଷଣ ପର୍ଯ୍ୟନ୍ତ ଯାଜପୁର ଓ ବାରିପଦା ମଧ୍ୟରେ ଖେଳ ଜାରୀ ରହିଛି । ଆସନ୍ତା କାଲି ଭଦ୍ରକ ଓ ବାଲେଶ୍ୱର ଖେଳ ହେବ ବୋଲି କ୍ଲବ ତରଫରୁ ସୂଚନା ମିଳିଛି ।

## ଜ୍ଞାନାର୍ଥ ପବ୍ଲିକ ସ୍କୁଲରେ 'ଗ୍ରାଜୁଏସନ ଦିବସ' ପାଳିତ



ଦଶପଲ୍ଲା,୩୦/୦୩ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ତ୍ରିନାଥ ବଜାର ସନ୍ନିକଟରେ ଅବସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଜ୍ଞାନାର୍ଥ ପବ୍ଲିକ ସ୍କୁଲ' ପରିସରରେ 'ଗ୍ରାଜୁଏସନ ଦିବସ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସଫଳତା ଓ ସେମାନଙ୍କ ଉଜ୍ୱଳ ଭବିଷ୍ୟତର କାମନା କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସ୍କୁଲର ଅଧକ୍ଷ ବଳରାମ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସଭାରେ ଦଶପଲ୍ଲା ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବରିଷ୍ଠ ଆଇନଜୀବୀ ଗୌରଚନ୍ଦ୍ର ମିଶ୍ର, ସଜ୍ଜନ କୁମାର ଅଗ୍ରୱାଲ ଏବଂ ଅନୁଷ୍ଠାନର ସଂପାଦିକା ଅରୁନ୍ଧତୀ ମୁଖାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ମହତ୍ୱ ଓ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ଉପସ୍ଥିତ କୁନି କୁନି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ବହୁବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା । ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ପିଲାମାନେ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ସଫଳ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ନବରଙ୍ଗପୁରରେ ପଣା ସଂକ୍ରାନ୍ତି ପାଇଁ ଭିନ୍ନ ଧରଣର ପାଳନ ହେବା ନେଇ ପ୍ରସ୍ତୁତି ବୈଠକ



ନବରଙ୍ଗପୁର, ୩୦/୦୩ (ଆ.ପ୍ର) : ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ହିନ୍ଦୁ ଏକତା ବାହିନୀର ଆବାହକ ଗୌରୀ ଶଙ୍କର ସାହୁଙ୍କ ଅଧକ୍ଷତାରେ ନବରଙ୍ଗପୁର ନଗରର ସମସ୍ତ ଜାତି ମୁଖିଆ, ଯୁବକ ସଂଘ ଓ ହିନ୍ଦୁ ଏକତା ବାହିନୀର ସଦସ୍ୟ ମାନଙ୍କୁ ନେଇ ଆସନ୍ତା ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହେଇଯାଇଛି । ସମସ୍ତ ଜାତିର ମୁଖିଆଙ୍କ ବହୁମୂଲ୍ୟ ସୁଚିନ୍ତିତ ମତାମତ ସହ ଶୋଭାଯାତ୍ରା କିପରି ଶୃଙ୍ଖଳିତ ଏବଂ ଆକର୍ଷଣୀୟ ହେଇପାରିବ ସେ ନେଇ ବୈଠକ ରେ ଆଲୋଚନା ହେଲା । ବୈଠକରେ ନିଷ୍ପତି ପ୍ରକାରେ ପ୍ରତ୍ୟେକ ବର୍ଷ ଭଳି ଏଇ ବର୍ଷ ମଧ ଗୌର ପତଳାରେ ସହର ସଜ୍ଜା ହେବା ସହ ବିଭିନ୍ନ ସ୍ଥାନରେ ଆଲୋକ ସଜ୍ଜା ହେବ, ସେହିପରି ଉକ୍ତ ଦିନ ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରା ରେ ଜିଲ୍ଲା ତଥା ରାଜ୍ୟ ବାହାରୁ କେତେକ ନୃତ୍ୟ ଦଳ ସମେତ ନବରଙ୍ଗପୁର ସଦର ମହକୁମାର ପାଖା ପାଖି ଅଂଚଳର ସମସ୍ତ ସଂକୀର୍ତନ ମଣ୍ଡଳୀ, ପାରମ୍ପରିକ ବାଦ୍ୟ ଦଳ ଓ ସ୍ଥାନୀୟ କଳାକାରଙ୍କୁ ସାମିଲ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଗଲା । ଶୋଭାଯାତ୍ରାରେ ବିଶେଷ କରି ମହିଳା ଓ ଶିଶୁଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ ଦିନ ଜିଲ୍ଲା ପ୍ରଶାସନ ସହାୟତା ରେ ସହରର ସମସ୍ତ ମଦ ଦୋକାନ ବନ୍ଦ କରାଯିବା ନିମନ୍ତେ ପ୍ରୟାସ କରାଯିବା ନେଇ ନିଷ୍ପତି ଗ୍ରହଣ କରାଗଲା । ବିଭିନ୍ନ ସମାଜ ଏବଂ ବର୍ଗର ସପରିବାର ଉକ୍ତ କାର୍ଯ୍ୟକ୍ରମ ରେ କିପରି ସାମିଲ ହୋଇପାରିବେ ସେଥିପ୍ରତି ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରାଗଲା । ଘରେ ଘରେ ଯେପରି ଗୈରୀକ ପତାକା ଲଗାଯାଇ ପାରିବ ସେ ନେଇ ସମସ୍ତ ସହର ବାସୀ ତଥା ଆଖ ପାଖ ଅଂଚଳର ବାସିନ୍ଦାଙ୍କୁ ଅନୁରୋଧ କରିବା ସହ ଉକ୍ତ ଦିନ ଛୋଟ ପିଲା ମାନଙ୍କ ବିଭିନ୍ନ ଦେବାଦେବୀଙ୍କ ବେଶ ଭୂଷା ସହ ଘର ସମ୍ମୁଖରେ ଝୋଟି ପକାଇବା ପାଇଁ ସମସ୍ତଙ୍କୁ ସୂଚିତ କରେଇବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା । ଆସନ୍ତା ଏପ୍ରିଲ ୧୨ ତାରିଖ ତଥା ରବିବାର ଦିନ ସମସ୍ତ ହିନ୍ଦୁ ଭାଇ ଭଉଣୀ, ବିଶେଷ କରି ଛୋଟ ପିଲାଙ୍କୁ ନେଇ ଏକ ସନାତନୀ ଦୌଡ଼ର ଆୟୋଜନ ନିମନ୍ତେ ନିଷ୍ପତି ନିଆଗଲା । ବୈଠକ ଶେଷରେ ସର୍ବସମ୍ମତି କ୍ରମେ ଚଳିତ ବର୍ଷର ପଣା ସଂକ୍ରାନ୍ତି ବିଗତ ବର୍ଷ ମାନଙ୍କ ଠାରୁ ଅଧିକ ଧୂମଧାମରେ ପାଳନ କରିଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

## ରାଜ୍ୟ ବିଧାନସଭା ସମ୍ମୁଖରେ ମିଳିତ ବିରୋଧୀ ଦଳର ବିଶାଳ ଗଣଧାରଣା, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି

ଖୋର୍ଦ୍ଧା/ଭୁବନେଶ୍ୱର, ୩୦/୦୩ (ଆ.ପ୍ର) : କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟଣାକୁ ସଂସ୍ଥାଗତ/ବ୍ୟବସ୍ଥାକୃତ ହତ୍ୟା ଭାବେ ଅଭିଯୋଗ କରି ଆଜି ରାଜ୍ୟ ବିଧାନସଭା ସମ୍ମୁଖରେ ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ ଏକ ବିଶାଳ ଗଣଧାରଣା ଆୟୋଜିତ ହୋଇ ସଫଳତାର ସହ ଶେଷ ହୋଇଛି । ଏହି ଧାରଣାରେ ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବେରେସନ, ଫରୱାର୍ଡ ବ୍ଲକ୍,ଏନସିପି, ଆରଜେଡି, ସମତା କ୍ରାନ୍ତି ଦଳ ଓ ସମାଜବାଦୀ ପାର୍ଟି ପ୍ରମୁଖ ୧୦ଟି ବିରୋଧୀ ଦଳ ଅଂଶ ଗ୍ରହଣ କରିଥିଲେ । ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସରକାରଙ୍କ ଅକ୍ଷମଣୀୟ ଅବହେଳା ଓ ବ୍ୟବସ୍ଥାପନା ବିଫଳତାକୁ ନିନ୍ଦା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବି କରାଯାଇଥିଲା । ରାଜ୍ୟର ସମସ୍ତ ବର୍ଗର ଲୋକଙ୍କ ଅଭୂତପୂର୍ବ ସମର୍ଥନରେ ଧାରଣା ସଫଳ ହୋଇଥିଲା । ମିଳିତ ଧାରଣାର ସମସ୍ତ ଦାବି ଓ ମିଳିତ ଆନ୍ଦୋଳନକୁ ଶୁଭେଚ୍ଛା ଓ ସମର୍ଥନ ଜଣାଇ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଲିଖିତ ବାର୍ତା ପାଠ କରାଯାଇଥିଲା । ଠିକ୍ ସେହିଭଳି ଧାରଣାର ସଫଳତା ଓ ଭବିଷ୍ୟତ ଆନ୍ଦୋଳନ ପାଇଁ ଚେତାବନୀ ସହ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଡିଓ ବାର୍ତା ମଧ ପାଠ କରାଯାଇଥିଲା । ଧାରଣାର ଆରମ୍ଭରେ ୧୩ ଜଣ ମୃତକ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସମବେତ ଜନସାଧାରଣ ଦଣ୍ଡାୟମାନ ହୋଇ ୨ମିନିଟ ନୀରବତା ଅବଲମ୍ବନ କରିଥିଲେ । ମିଳିତ ବିରୋଧୀ ଦଳମାନଙ୍କ ତରଫରୁ ମୃତକ ପରିବାର ମାନଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା କିମ୍ବା ମନ୍ତ୍ରୀମଣ୍ଡଳରୁ ବହିଷ୍କାର, ପ୍ରତ୍ୟେକ ମୃତକ ପରିବାରକୁ ଅନ୍ୟୁନ ୧ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧକ୍ଷତାରେ ନ୍ୟାୟିକ ତଦନ୍ତ ଏବଂ ତୁରନ୍ତ ରିପୋର୍ଟ ପ୍ରକାଶ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ ସୁପରିଂଟେଣ୍ଡେଂଟ ସହ ଏହି ଅପରାଧ ପାଇଁ ଦାୟୀ ଅଧିକାରୀ, କର୍ମଚାରୀ ଓ ବିଦ୍ୟୁତ ଠିକାଦାରଙ୍କୁ ତୁରନ୍ତ ଗିରଫ, ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର ସେଫ୍ଟି ଓ ସୁରକ୍ଷା ଅଡିଟ୍ ଇତ୍ୟାଦି ଦାବୀଗୁଡ଼ିକ ପୂରଣ ନହେଲେ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ରତ୍ତର କରାଯିବ ବୋଲି ସରକାରକୁ ଚେତାବନୀ ଦିଆଯାଇଛି । ଉପୋରକ୍ତ ଦାବି ଉପରେ ୩୧ ମାର୍ଚ୍ଚରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ବିଜେଡିର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ୍ ନାରାୟଣ ରେଡ୍ଡୀ, ସି ପି ଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସି ପି ଆଇ (ଏମ୍ ଏଲ)- ଲିବେରେସନ ରାଜ୍ୟ ନେତା ମହେନ୍ଦ୍ର ପରିଡା, ଫରୱାର୍ଡ ବ୍ଲକ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରା, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ନେତା ପ୍ରଦୀପ ମିଶ୍ର, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ୧୦ଟି ବିରୋଧୀ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମିଳିତ ଧାରଣା କୁ ପରିଚାଳନା କରିଥିଲେ । ବିଜେଡି ତରଫ ରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଡ଼ଃ ଅରୁଣ ସାହୁ, ଗଣେଶ୍ୱର ବେହେରା,ଗୌତମ ବୁଦ୍ଧ ଦାସ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ,ଲେଖାଶ୍ରୀ ସାମନ୍ତସିଂହାର, ପ୍ରୀତି ରଞ୍ଜନ ଘଡେଇ, ଚିନ୍ମୟ ସାହୁ, ଇପିସିତା ସାହୁ, ଧ୍ରୁବ ସାହୁ, ଭୃଗୁ ବକ୍ସିପାତ୍ର, ସୁଲୋଚନା ଦାସ, ସୁବାସ ସିଂହ, ରମେଶ ବେହେରା, ବିଜୟ ନାୟକ, କଂଗ୍ରେସ ତରଫରୁ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ପ୍ରସାଦ ହରିଚନ୍ଦନ, ମିନତୀ ବାହିନୀପତି, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ସି.ସ୍ ରାଜନ ଏକା, ଅଶୋକ ଦାସ, ଅରବିନ୍ଦ ଦାସ, ରବି ମଲ୍ଲିକ, ସିପ୍ରା ମଲ୍ଲିକ, ନଗେନ୍ଦ୍ର ପ୍ରଧାନ, ସୁଦର୍ଶନ ଦାସ, ଯାସିର ନୱାଜ, ସିଦ୍ଧାର୍ଥ ସ୍ୱରୂପ ଦାସ, ଉର୍ମିଳା ମାଝୀ, ସିପିଆଇ ତରଫରୁ ଡ଼ଃ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ଆଶିଷ କାନୁନଗୋ,ଜିନ୍ମୟୀ ସାହାଣୀ, ଭାଗବତ ପ୍ରତିହାରୀ,ସିପିଆଇ(ଏମ୍) ତରଫରୁ ସନ୍ତୋଷ ଦାସ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଦ୍ରୀ ନାରାୟଣ ଦାଶ, ପୁଷ୍ପା ଦାସ, ବିଷ୍ଣୁ ମହାନ୍ତି, ସିପିଆଇ (ଏମ୍-ଏଲ୍) ଲିବେରେସନ ତରଫରୁ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ, ଅଶୋକ ପ୍ରଧାନ, ତିରୁପତି ଗମାଙ୍ଗ, ସବିତା ବରଜ,ଫରୱାର୍ଡ ବ୍ଲକ୍ ତରଫରୁ ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଦୋରା,ସମତା କ୍ରାନ୍ତି ଦଳ ପକ୍ଷରୁ ପ୍ରଭାସ ସାମନ୍ତରା ଏନସିପି ପକ୍ଷରୁ ବିକ୍ରମ ସ୍ୱାଇଁ,ଆରଜେଡି ପକ୍ଷରୁ ହେମନ୍ତ କୁମାର ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ବିଜୟ ବେହେରା ପ୍ରମୁଖ ଅନେକ ବରିଷ୍ଠ ନେତୃବୃନ୍ଦ ଧାରଣା ରେ ଉଦବୋଧନ ଦେଇ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆହ୍ୱାନ ଜଣାଇଥିଲେ ।




ସେଇଠୁ ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୩୧ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮


# ସୁପର କିଙ୍ଗ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସର ସହଜ ବିଜୟ

ଗୁଆହାଟୀ, ୩୦/୩(ନ୍ୟୁ.ଏ): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୯ତମ ସଂସ୍କରଣର ତୃତୀୟ ମ୍ୟାଚ୍‌କୁ ରାଜସ୍ଥାନ ରୟାଲ୍ସ ସହଜରେ ବିଜୟ ହାସଲ କରିଛି । ଆସାମର ଗୁଆହାଟୀସ୍ଥିତ ବାରସପରା ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ରାଜସ୍ଥାନ ୮ ୱିକେଟ୍‌ରେ ଜିତିଛି । ଏହି ମ୍ୟାଚ୍‌ରେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ସେ ୩୦୫.୮୮ ହାରରେ ବ୍ୟାଟିଂ କରିଛନ୍ତି । ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ବଳରେ ବୈଭବ ୫୨ ରନ୍ ସଂଗ୍ରହ କରିଛନ୍ତି । ଦଳର ଅନ୍ୟତମ ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି । ସେହିପରି ୱିକେଟ୍‌କିପର ବ୍ୟାଟର ଧ୍ରୁବ ଜୁରେଲ (୧୮ ରନ୍)ଙ୍କ ବ୍ୟାଟିଂରେ ଦର୍ଶକ ଉତ୍ସାହିତ ହୋଇଛନ୍ତି । ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଦଳ ସଫଳ ରଣନୀତି କରି ଚେନ୍ନାଇ



ଟିମ୍‌କୁ ୧୨୭ ରନ୍‌ରେ ଅଟକାଇଥିଲା । ଅଧିନାୟକ ଋତୁରାଜ ଗାଏକ୍ୱାର୍ଡଙ୍କ ନେତୃତ୍ୱରେ ଚେନ୍ନାଇ ୧୯.୪ ଓଭରରେ ସମସ୍ତ ୱିକେଟ୍ ହରାଇଥିଲା । ଫଳରେ ରାଜସ୍ଥାନକୁ ଏହି ମ୍ୟାଚ୍ ବିଜୟ ପାଇଁ ୧୨୮ ରନ୍‌ର ଲକ୍ଷ୍ୟ ମିଳିଥିଲା । ରାଜସ୍ଥାନ ପାଇଁ ଦଳର ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଛନ୍ତି । ଜୋଫ୍ରା ଅର୍ଚ୍ଚର, ନନ୍ଦ୍ରେ ବର୍ଗର ଏବଂ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ନେଇଥିଲା ବେଳେ ବ୍ରିଜେଶ ଶର୍ମା, ସନ୍ଦୀପ ଶର୍ମା ଏବଂ ରବି ବିଷ୍ଣୋୟୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା । ଚେନ୍ନାଇର ପାଳି ଆରମ୍ଭ କରିଥିଲେ ସଞ୍ଜୁ ସାମସନ ଏବଂ ଋତୁରାଜ ଗାୟକୱାଡଙ୍କ ସହିତ ଇନିଂସ ଓପନ କରିଥିଲେ । ଟି୨୦ ବିଶ୍ୱକପ୍-୨୦୨୬ର ହିରୋ ସଞ୍ଜୁ ତାଙ୍କ ପ୍ରଭାବରେ ଦେଖାଯାଇ ନଥିଲେ । ନାଣ୍ଡରେ ବର୍ଗର ଦ୍ୱିତୀୟ ଓଭରରେ ସଞ୍ଜୁଙ୍କୁ ବୋଲ୍ଡ କରିଥିଲେ, ମାତ୍ର ଛଅ ରନ କରିଥିଲେ । ଅଧିନାୟକ ଋତୁରାଜ ଗାଏକ୍ୱାର୍ଡେ । ଉଭୟ ଖେଳାଳି ୬-୬ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ । ନନ୍ଦ୍ରେ ବର୍ଗର ଚତୁର୍ଥ ଓଭରର ପ୍ରଥମ ବଲ୍‌ରେ ଆୟୁଷ ମହାତ୍ରେଙ୍କୁ ଆଉଟ୍ କରିଥିଲେ, ଯାହା ଫଳରେ ମହାତ୍ରେ ସ୍କୋର କରିପାରି ନଥିଲେ । ମାଥ୍ୟୁ ସର୍ଟଙ୍କ ଠାରୁ ଚେନ୍ନାଇ ଟିମ୍ ପାଇଁ ବହୁତ ଆଶା ରଖିଥିଲା । କିନ୍ତୁ ସେ ମଧ୍ୟ ଷଷ୍ଠ ଓଭରରେ ମାତ୍ର ଦୁଇ ରନ କରି ଆଉଟ ହୋଇଥିଲେ । ତାପରେ ସରଫରାଜ ଖାନ ଇନିଂସକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଜାଡେଜା ତାଙ୍କର ପ୍ରଥମ ଓଭରରେ ଆଉଟ କରିଥିଲେ । ସରଫରାଜ ୧୭ ରନ କରିଥିଲେ ।

# ଭାରତରେ ଆଉ ବିକ୍ରି ହେବନି ଚୀନ ସିସିଟିଭି

ନୂଆଦିଲ୍ଲୀ, ୩୦/୩(ନ୍ୟୁ.ଏ): ଚୀନ କମ୍ପାନିଗୁଡ଼ିକ ଭାରତରେ ଆଉ ନିଜର ସିସିଟିଭି ବିକ୍ରି କରିପାରିବେ ନାହିଁ । ସେମାନଙ୍କ ସିସିଟିଭିକୁ କେନ୍ଦ୍ର ସରକାର ନିଷିଦ୍ଧ କରିଛନ୍ତି । ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତି ନେଇଛନ୍ତି । ଏହାଦ୍ୱାରା ଚୀନର ପ୍ରମୁଖ ସିସିଟିଭି ନିର୍ମାତା ହିକଭିଜନ ଓ ଡାହୁଆ ଟେକ୍ନୋଲୋଜି



ପ୍ରଭାବିତ ହେବେ । କିନ୍ତୁ ଏହି ନିଷ୍ପତି ଘରୋଇ ସିସିଟିଭି ନିର୍ମାତାମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ।ଚୀନର କମ୍ପାନିଗୁଡ଼ିକ ଇଂଟରନେଟ୍ ସହ ସଂଯୋଗ ହେଉଥିବା ସିସିଟିଭି କ୍ୟାମେରା ଓ ସେହି ଧରଣର ଭିଡିଓ ନିରୀକ୍ଷଣ ଉତ୍ପାଦକୁ ଏପ୍ରିଲ୍ ୧ରୁ ଭାରତରେ ବିକ୍ରି କରିପାରିବେ ନାହିଁ । ସରକାର ଏକ ନୂଆ ସାର୍ଟିଫିକେସନ ନିୟମ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଭାରତରେ ସିସିଟିଭି ବିକ୍ରି କରିବା ପୂର୍ବରୁ କମ୍ପାନିମାନଙ୍କୁ ପ୍ରଥମେ ସେହି ସାର୍ଟିଫିକେସନ ହାସଲ କରିବାକୁ ପଡ଼ିବ । ଭିଡିଓ ଜରିଆରେ ନିରୀକ୍ଷଣ ବା ନଜର ରଖିବା ଉତ୍ପାଦଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଭାବେ ବିଚାର କରାଯାଉଛି । କାରଣ ତାହା ଜରିଆରେ ବିମାନବନ୍ଦର, ସରକାରୀ କୋଠା ଓ ପରିବହନ ପେଣ୍ଠସ୍ଥଳଗୁଡ଼ିକର ଅନେକ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରାଯାଉଛି । ବିଦେଶରେ ନିର୍ମିତ ସିସିଟିଭି ଜରିଆରେ ତଥ୍ୟ ଚୋରି ଆଶଙ୍କା ରହିଛି । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ଏପ୍ରିଲ୍‌ରେ ସିସିଟିଭି କ୍ୟାମେରାକୁ ନେଇ ଜରୁରୀ ଆବଶ୍ୟକ ନିୟମ ଘୋଷଣା କରାଯାଇଥିଲା । ତାହାକୁ ପାଳନ କରିବା ପାଇଁ କମ୍ପାନିମାନଙ୍କୁ ଦୁଇ ବର୍ଷ ସମୟ ଦିଆଯାଇଥିଲା । ନୂଆ ନିୟମରେ ସିସିଟିଭି ନିର୍ମାତା ଓ ବିକ୍ରେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପକରଣ କେଉଁଠାରୁ ସଂଗ୍ରହ କରାଯାଇଛି ତାହା ଜଣାଇବାକୁ ପଡ଼ିବ । ଡିଭାଇସ୍ ବଜାରରେ ବିକ୍ରି ହେବା ପୂର୍ବରୁ ତାହାକୁ ଏକ ସ୍ୱୀକୃତିପ୍ରାପ୍ତ ଲ୍ୟାବ୍‌ରେ ପରୀକ୍ଷା କରାଯିବ । ଏହି ଫ୍ରେମ୍‌ୱର୍କ ଅଧୀନରେ ସରକାର ୫୦୭ ସିସିଟିଭି ମଡେଲ୍‌କୁ ସାର୍ଟିଫାଏ କରିଛନ୍ତି । ଭାରତରେ ବର୍ଷକୁ ୭୫୦ କୋଟି ଡଲାରରୁ ଅଧିକ ମୂଲ୍ୟର ସିସିଟିଭି କ୍ୟାମେରା ବିକ୍ରି ହେଉଛି । ପୂର୍ବରୁ ବଜାରରେ ଚୀନ ବ୍ରାଣ୍ଡଗୁଡ଼ିକର ଆଧିପତ୍ୟ ଥିଲା । ମୋଟ୍ ବିକ୍ରିରେ ସେମାନଙ୍କ ଭାଗ ଏକ ତୃତୀୟାଂଶ ଥିଲା । କିନ୍ତୁ ଅଳ୍ପ ଦିନ ଭିତରେ ସିପି ପ୍ଲସ୍ କ୍ୟୁବୋ, ଫ୍ରାମା, ମ୍ୟାଟ୍ରିକ୍ସ ଓ ସ୍ୱର୍ଶ ଭଳି ଘରୋଇ କମ୍ପାନି ସେମାନଙ୍କ ନେଟ୍‌ୱର୍କକୁ ଦ୍ରୁତ ଗତିରେ ବିସ୍ତାର କରି ବଜାରର ସିଂହ ଭାଗ ହାସଲ କରିବାରେ ସଫଳ ହୋଇଛନ୍ତି । ସେମାନେ ତାଇୱାନ୍ ଚିପ୍‌ସେଟ୍ ବ୍ୟବହାର କରୁଛନ୍ତି । ବର୍ତମାନ ସିସିଟିଭି ବଜାରର ୮୦ ଭାଗ ସ୍ଥାନୀୟ କମ୍ପାନିଙ୍କ କବ୍‌ଜାରେ ରହିଛି । ପ୍ରିମିୟମ ବର୍ଗରେ ବୋଶ ଓ ହନିୱେଲ ଭଳି ବିଦେଶୀ ବ୍ରାଣ୍ଡର ଆଧିପତ୍ୟ ରହିଛି ।

# ବଲ୍ ଟାମ୍ପରିଂ କରି ଧରାପଡ଼ିଲେ ପାକିସ୍ତାନର ୩ ଖେଳାଳି



ନୂଆଦିଲ୍ଲୀ, ୩୦/୩(ନ୍ୟୁ.ଏ): ପାକିସ୍ତାନ ସୁପର ଲିଗ୍ ବା ପିଏସଏଲରେ ବଲ୍ ବିକୃତ ବା ଟାମ୍ପରିଂ ଝଡ଼ । ମ୍ୟାଚ୍ ବେଳେ ପାକିସ୍ତାନର ୩ ଜଣ ଷ୍ଟାର ଖେଳାଳି ବଲ ଟାମ୍ପରିଂ କରି ଧରାପଡ଼ିଛି । କ୍ୟାମେରାରେ ବଲ୍ ଟାମ୍ପରିଂର ଦୃଶ୍ୟ ଧରାପଡ଼ିବା ପରେ ପୂରା ବିଶ୍ୱରେ ଏହାକୁ ନେଇ ଚିନ୍ତା ପ୍ରକଟ ପାଇଛି । ବଲ ଟାମ୍ପରିଂ ଯୋଗୁ ପିଏସଏଲ ଫ୍ରାଂଚାଇଜ ଲାହୋର କଲନ୍ଦର୍ସ ଉପରେ ୫ ରନର ଜୋରିମାନା ମଧ୍ୟ ଲାଗିଛି । ଏହି ୫ ରନ୍‌ର ଫାଇନ ଯୋଗୁ କରାଚି କିଙ୍ଗ ମ୍ୟାଚ୍ ଜିତି ନେଇଛି । ମ୍ୟାଚ୍‌ର ଶେଷ ଓଭର ପୂର୍ବରୁ ଲାହୋର ଟିମର ଖେଳାଳିମାନେ ବଲ୍‌ର ଆକାର ପରିବର୍ତନ କରିଥିବାରୁ ଫିଲ୍ଡ ଅମ୍ପାୟାର୍ସ ୫ ରନର ଜୋରିମାନା ବା ୫ ରନ ପେନାଲ୍ଟି ଆକାରରେ କରାଚି ଟିମକୁ ଦେଇଥିଲେ । ଶେଷରେ ମ୍ୟାଚ୍‌କୁ କରାଚି ୩ ବଲ ପୂର୍ବରୁ ଜିତି ନେଇଛି । ସବୁ କିଛି ଦ୍ୱିତୀୟ ଇନିଂସର ୧୯ତମ ଓଭର ପରେ ଘଟିଥିଲା । ଶେଷ ଓଭରରେ କରାଚିକୁ ଜିତିବା ପାଇଁ ୧୪ ରନ ଦରକାର ଥିବା ବେଳେ ଲାହୋର ପକ୍ଷରୁ ହରିଶ ରୌଫ ବୋଲିଂ କରିବାକୁ ଆସିଥିଲେ । ଅଧିନାୟକ ଶାହିନୀ ଶାହ ଆଫ୍ରିଦି, ରୌଫ ଓ ଫଖର ଜମାନ ବୋଲରଙ୍କ ରନ ଅପ ପୂର୍ବରୁ କିଛି ସମୟ ବଲକୁ ଧରି କଥା ହୋଇଥିଲେ । ଏହି କଥାବାର୍ତା ସମୟରେ ୩ ଜଣ ଯାକ ବଲକୁ ଥରେଥରେ ନିଜ ହାତକୁ ବି ନେଇଥିଲେ । ଫଖର ଜମାନ ବଲରେ କିଛି ଲଗାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଏହାକୁ ଫିଲ୍ଡ ଅମ୍ପାୟାର ଫୈଜଲ ଆଫ୍ରିଦି ଦେଖି ଦେବାରୁ ସେ ବଲକୁ ଯାଂଚ ପାଇଁ ମାଗିଥିଲେ । କିଛି ସମୟ ଫୈଜଲ ଓ ଅନ୍ୟତମ ଅମ୍ପାୟାର ଶାରୁଫୁଦ୍ଦୁଲ୍ଲା ବଲକୁ ଦେଖିବା ପରେ ଜାଣିବାକୁ ପାଇଥିଲେ ଯେ ଲାହୋରର ୩ ଖେଳାଳି ଜାଣିଶୁଣି ବଲର ଆକାରକୁ ପରିବର୍ତନ କରିଛନ୍ତି । ଏଥିଯୋଗୁ ପେନାଲ୍ଟୀ ରୂପରେ କରାଚି କିଙ୍ଗ ଖାତାରେ ୫ ରନ ଯୋଡ଼ା ଯାଇଥିଲା । ସେହିପରି ବଲକୁ ମଧ୍ୟ ସେମାନେ ବଦଳାଇଥିଲେ । ଏହାକୁ ନେଇ କଲନ୍ଦର୍ସ କ୍ୟାପଟେନ ଆଫ୍ରିଦି ଅସନ୍ତୋଷ ପ୍ରକାଶ କରିଥିଲେ । କାରଣ ୫ ରନ ପେନାଲ୍ଟୀ ମିଳିବାରୁ ଶେଷ ଓଭରରେ କରାଚିର ଟାର୍ଗେଟ ୯କୁ ଖସି ଆସିଥିଲା । ଏହା ପ୍ରଭାବ ମଧ୍ୟ ମ୍ୟାଚ୍ ଉପରେ ପଡ଼ିଥିଲା । ପ୍ରଥମ ବଲରେ ଖୁସଦିଲ ଶାହ ଆଉଟ ହୋଇଥିଲେ ହେଁ ପରବର୍ତୀ ବଲ ୱାଇଡ ହୋଇଥିଲା । ଏହାପରେ କିନ୍ତୁ ଆବ୍ବାସ ଆଫ୍ରିଦି ଗୋଟିଏ ଚୌକା ଓ ଗୋଟିଏ ଛକା ମାରି କରାଚିକୁ ବିଜୟ ଭେଟି ଦେଇଥିଲେ ।

# ୧ରୁ ମହିଳା ହକି ଦଳର ପ୍ରଶିକ୍ଷଣ ଶିବିର



ବେଙ୍ଗାଲୁରୁ, ୩୦/୩(ନ୍ୟୁ.ଏ): ଆଗାମୀ ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ାକୁ ଦୃଷ୍ଟିରେ ରଖି ଭାରତୀୟ ମହିଳା ହକି ଦଳ ପାଇଁ ବେଙ୍ଗାଲୁରୁଠାରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି । ଏପ୍ରିଲ ୧ରୁ ୯ ତାରିଖ ପର୍ଯ୍ୟନ୍ତ ସାଇ ଉତ୍କର୍ଷ କେନ୍ଦ୍ରରେ ହେବାକୁ ଥିବା ଏହି ଶିବିର ପାଇଁ ହକି ଇଣ୍ଡିଆ ପକ୍ଷରୁ ୩୧ ଜଣିଆ ଦଳ ଘୋଷଣା କରାଯାଇଛି । ଏହି ଦଳରେ ଉଭୟ ଅଭିଜ୍ଞ ଓ ନବାଗତାମାନଙ୍କୁ ସାମିଲ କରାଯାଇଛି । ଏହି ଦଳରେ ସବିତା ପୁନିଆ, ବିଚୁ ଦେବୀ ଖରିବ୍ରମ, ନିକି ପ୍ରଧାନ, ସାଲିମା ଟେଟେ, ନବନୀତ କୌର, ମନିଷା ଚୌହାନଙ୍କ ପରି ଅଭିଜ୍ଞ ଖେଳାଳି ଅଛନ୍ତି । ଶିବିରରେ ଖେଳାଳିମାନଙ୍କ ଫିଟନେସ୍ ବୃଦ୍ଧି, ଉପଯୁକ୍ତ ଭାରସାମ୍ୟ ଥିବା ଦଳ ଗଠନ ଓ ଅନ୍ୟାନ୍ୟ ରଣନୈତିକ ଯୋଜନା ଉପରେ ଗୁରୁତ୍ୱ ଦିଆଯିବ । ଭାରତୀୟ ମହିଳା ଦଳ ନିକଟରେ ହାଇଦ୍ରାବାଦରେ ଆୟୋଜିତ ଏଫଆଇଏଚ୍ ବିଶ୍ୱକପ୍ କ୍ୱାଲିଫାୟର୍ସରେ ରୌପ୍ୟ ପଦକ ଜିତିବା ସହ ବିଶ୍ୱକପ୍‌ରେ ନିଜ ସ୍ଥାନ ସୁନିଶ୍ଚିତ କରିଥିଲା । ଆଗକୁ ଦଳ ପାଇଁ ଏକ ବ୍ୟସ୍ତବହୁଳ ଖେଳସୂଚୀ ରହିଛି । ଜୁନରେ ନେସନ୍ସ କପ୍ ଓ ଅଗଷ୍ଟରେ ବିଶ୍ୱକପ ଓ ସେପଟ୍ମ୍ବର-ଅକ୍ଟୋବରରେ ଏସୀୟ କ୍ରୀଡ଼ରେ ଅଂଶଗ୍ରହଣ କରିବ ଭାରତୀୟ ମହିଳା ଦଳ ।

# ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା: ହକିରେ ଓଡ଼ିଶା ପାଇଁ ଯୁଗଳ ସ୍ୱର୍ଣ୍ଣ ଆଶା

ଭୁବନେଶ୍ୱର, ୩୦/୩ (ଆ.ପ୍ର) : ଛତିଶଗଡ଼ର ରାୟପୁର, ଅମ୍ବିକାପୁର ଓ ଜଗଦଲପୁରଠାରେ ଖେଳାଯାଉଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ଉଭୟ ପୁରୁଷ ଓ ମହିଳା ହକିର ଫାଇନାଲ୍‌ରେ ପ୍ରବେଶ କରିଛି ଓଡ଼ିଶା । ରାଜ୍ୟ ପୁରୁଷ ଦଳ ସୋମବାରର ସେମିଫାଇନାଲ୍‌ରେ ଉତ୍କଣ୍ଠାପୂର୍ଣ୍ଣ ଭାବେ ୨-୧ ଗୋଲ୍‌ରେ ଆୟୋଜକ ଛତିଶଗଡ଼କୁ ପରାସ୍ତ କରିଛି । ଅନ୍ୟପକ୍ଷରେ ମହିଳା ଦଳ ଆଉ ଏକ ଆଧିପତ୍ୟଭରା ପ୍ରଦର୍ଶନ ସହ ସେମିଫାଇନାଲ୍‌ରେ ମଧ୍ୟପ୍ରଦେଶକୁ ୮-୦ରେ ପରାସ୍ତ କରି ଫାଇନାଲ୍ ଟିକେଟ ହାସଲ କରିନେଇଛି । ଓଡ଼ିଶା ପୁରୁଷ ଦଳ ବୁଧବାରର ଫାଇନାଲ୍‌ରେ ଝାଡ଼ଖଣ୍ଡକୁ ଭେଟିବ । ମହିଳା ଦଳ ମିଜୋରାମ ସହ ମୁହାଁମୁହିଁ ହେବ । ଉଭୟ ଦଳ ଏହି ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି । ଏଣୁ ଫାଇନାଲ୍‌ରେ ଏହି ଧାରା ଜାରି ରଖି ଯୁଗଳ ସ୍ୱର୍ଣ୍ଣ ବିଜୟୀ ହେବେ ବୋଲି ପ୍ରଶଂସକ ଆଶା ରଖିଛନ୍ତି । ରାୟପୁରସ୍ଥିତ ସର୍ଦ୍ଦାର ପଟେଲ ଷ୍ଟାଡିୟମ୍‌ର ହକି କଂପ୍ଲେକ୍ସରେ ଖେଳାଯାଇଥିବା ପୁରୁଷ ସେମିଫାଇନାଲ୍‌ର ପ୍ରଥମ ଦୁଇ କ୍ୱାର୍ଟରରେ ଓଡ଼ିଶା ୨-୦ରେ ଆଗୁଆ ହୋଇଯାଇଥିଲା । ୫ମ ମିନିଟ୍‌ରେ ସତୀଶ ମୁଣ୍ଡା ଏବଂ ୨୨ ମିନିଟ୍‌ରେ ଅଜୟ କୁମାର ଏକ୍କା ଏହି ଦୁଇଟି ଗୋଲ୍ ଦେଇଥିଲେ । ତୃତୀୟ



କ୍ୱାର୍ଟରର ପ୍ରଥମ ମିନିଟ୍‌ରେ ସୁମିତ ମିଞ୍ଜ୍‌ଙ୍କ ମାଧ୍ୟମରେ ଛତିଶଗଡ଼ ସେଥିରୁ ଗୋଟିଏ ଗୋଲ୍ ଶୁଝି ଦେଇଥିଲା । ତା' ସହିତ ପରବର୍ତୀ ୨୯ ମିନିଟ୍ ଖେଳରେ ଛତିଶଗଡ଼ ଜୋରଦାର ଲଢ଼େଇ କରିଥିଲା । ଓଡ଼ିଶାର ଶକ୍ତିଶାଳୀ ଅଗ୍ରଭାଗକୁ ଗୋଲ୍ ଦେବାର କୌଣସି ସୁଯୋଗ ଦେଇ ନଥିଲା । ଅନୁରୂପ ଭାବେ ଓଡ଼ିଶା ମଧ୍ୟଭାଗ ମଧ୍ୟ ଏହି ଦଳର ସମସ୍ତ ଆକ୍ରମଣ ଓ ପ୍ରତିଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥିଲା । ଫଳରେ ଓଡ଼ିଶା ଶେଷ ପର୍ଯ୍ୟନ୍ତ ସେହି ୨-୧ରେ ଆଗୁଆ ରହିବା ସହ ବିଜୟର ମିଠା ସ୍ୱାଦ ଚାଖିବା ସହ ଫାଇନାଲ୍ ଟିକେଟ ହାସଲ କରିବାର ଯୁଗଳ ଲକ୍ଷ୍ୟ ହାସଲ କରିଥିଲା । ମହିଳା ଦଳ କିନ୍ତୁ ମଧ୍ୟପ୍ରଦେଶ ବିପକ୍ଷ ନିଜ ସେମିଫାଇନାଲ୍ ମୁକାବିଲାରେ କିନ୍ତୁ ପୂରା ଆତ୍ମବିଶ୍ୱାସର ସହ ଗୋଲ୍ ପରେ ଗୋଲ୍ ଲଦି ଚାଲିଥିଲା । ପ୍ରଥମ କ୍ୱାର୍ଟରରେ ହିଁ ୨-୦ରେ ଆଗୁଆ ହୋଇ ମଧ୍ୟପ୍ରଦେଶ ଉପରେ ଅସହ୍ୟ ଚାପ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ସେହିଭଳି ପରବର୍ତୀ ତିନିଟି କ୍ୱାର୍ଟରରେ ଆଉ ୬ଟି ଗୋଲ୍ ଦେଇ ୮-୦ରେ ଏକତରଫା ବିଜୟ ହାସଲ କରିଥିଲା । ଗୋଲ୍‌ଗୁଡ଼ିକ ଅଲିଭା ଜାଟେ (୧୨, ୨୪), ପ୍ରତିଭା ଏକ୍କା (୧୬, ୩୭, ୫୦), ମନୀଷା ଓରାମ (୯, ୪୯) ଓ ରମ୍ଭା କୁଜୁର (୨୯) ଦେଇଥିଲେ । ପଂଚମ ଦିବସ ଭଳି ଷଷ୍ଠ ଦିବସରେ ମଧ୍ୟ ଓଡ଼ିଶା ଗୋଟିଏ ହେଲେ ବି ପଦକ ଜିତିବାକୁ ସକ୍ଷମ ହୋଇନି । ତେବେ ସନ୍ତରଣ ଓ ଭାରୋତୋଳନ ପ୍ରଦର୍ଶନ ବଳରେ ୨୩ ପଦକ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଛି । ତୃତୀୟ ସ୍ଥାନରେ ଥିବା ଆସାମ ତାହାର ଓଡ଼ିଶା ମଧ୍ୟରେ ଥିବା ବ୍ୟବଧାନକୁ ଧୀରେଧୀରେ କମାଇ ଚାଲିଛି । ପୂର୍ବଭଳି କର୍ଣ୍ଣାଟକ ୧ନଂ ସ୍ଥାନ ଅଧିକାର କରିରଖିଛି । ସୋମବାର ପୁରୁଷ ୫,୦୦୦ ମିଟରରେ ସତୀଶ ମୁଣ୍ଡା ପଂଚମ ସ୍ଥାନର ରହିବା ଦୌଡ଼କୁଦରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି ।

# ଇରାନକୁ ଟ୍ରମ୍ପଙ୍କ ଚେତାବନୀ: ହର୍ମୁଜ ଖୋଲ, ନହେଲେ ଖାର୍ଗ ଓ ତୈଳ କୂଅ ଉଡ଼ାଇ ଦେବୁ

ନୂଆଦିଲ୍ଲୀ, ୩୦/୩(ନ୍ୟୁ.ଏ): ଇରାନକୁ ଆଜି ସବୁଠାରୁ ବଡ଼ ଧମକ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଯଦି ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବନ୍ଦ ପାଇଁ ଡିଲ ଯଥାଶୀଘ୍ର ଶେଷ ନ ହେବ କିମ୍ବା ତେହରାନ ବାଣିଜ୍ୟିକ ଉଦ୍ଦେଶ୍ୟରେ ଷ୍ଟ୍ରେଟ ଅଫ ହର୍ମୁଜ ନ ଖୋଲିବ, ତା'ହେଲେ ଏହାର ପରିଣାମ ଭୟଙ୍କର ହେବ । ଦରକାର ପଡ଼ିଲେ ଇରାନର ସମସ୍ତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ତୈଳ କୂଅ ଓ ଖାର୍ଗ ଦ୍ୱୀପକୁ ଆମେରିକା ଉଡ଼ାଇ ଦେବ । ସେଗୁଡ଼ିକୁ ସଂପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଟ୍ରମ୍ପ ସୋଶାଲ ମିଡିଆରେ ଲେଖିଛନ୍ତି, "ଇରାନରେ ନିଜର ସୈନ୍ୟ ଅଭିଯାନକୁ ଶେଷ କରିବା ପାଇଁ ଗୋଟିଏ ନୂଆ, ଅଧିକ ଯୁକ୍ତି ସଙ୍ଗତ ଶାସନକୁ ନେଇ ଯୁକ୍ତ ରାଷ୍ଟ୍ର ଆମେରିକା ଅତ୍ୟନ୍ତ ଗମ୍ଭୀରତାର ସହ



ଆଲୋଚନା କରୁଛି । ଆଲୋଚନା ବେଶ ସକାରାତ୍ମକ ରହିଛି । କିନ୍ତୁ କୌଣସି କାରଣ ପାଇଁ ଯଦି ଡିଲ୍ ତୁରନ୍ତ ନ ହେବ(ଯାହାର ସମ୍ଭାବନା ଅଧିକ) ଓ ଯଦି ହର୍ମୁଜ ଷ୍ଟ୍ରେଟ ତୁରନ୍ତ ବାଣିଜ୍ୟ ପାଇଁ ଖୋଲା ନ ଯିବ, ତା'ହେଲେ ଆମେ ଇରାନରେ ନିଜର 'ସୁନ୍ଦର ରହଣୀ'ର ଶେଷ କରିବୁ । ଆମେ ସେମାନଙ୍କ ସମସ୍ତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ତୈଳ କୁଣ୍ଡ ଓ ଖାର୍ଗ ଦ୍ୱୀପ(ସମ୍ଭବତଃ ସମସ୍ତ ବିଜୁଳି ବିକରଣ ପ୍ଲାଂଟ)କୁ ଉଡ଼ାଇ ସଂପୂର୍ଣ୍ଣ ନଷ୍ଟ କରିଦେବୁ । ଏଗୁଡ଼ିକୁ ଆମେ ଜାଣିଶୁଣି ଆଜି ଯାଏ ଛୁଇଁ ନାହୁଁ । । ଯେଉଁମାନଙ୍କୁ ଇରାନର ତା'ର ୪୭ ବର୍ଷର ପୁରୁଣା ଆତଙ୍କରାଜ ଶାସନ ସମୟରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା, ସେଭଳି ଆମର ଅନେକ ସୈନ୍ୟ ଓ ଅନ୍ୟମାନଙ୍କର ପ୍ରତିଶୋଧ ଭାବେ ବିବେଚନା କରାଯିବ ।" ଟ୍ରମ୍ପ ବାରମ୍ବାର ଆଲୋଚନା କଥା କହୁଥିଲେ ହେଁ ଏହାକୁ ତେହରାନ ମନା କରି ଆସିଛି । ତଥାପି ଆମେରିକା ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନ ହାତରେ ପଠାଇଥିବା ୧୫ ସୂତ୍ରୀ ପ୍ରସ୍ତାବର ଜବାବ ୱାଶିଂଟନ ପାଖକୁ ପଠାଇ ଦେଇଛି । ପାକିସ୍ତାନ ନେତୃତ୍ୱାଧୀନ ମଧ୍ୟସ୍ଥତା ଉଦ୍ୟମକୁ ମଧ୍ୟ ସୋମବାର ଇରାନ ଖଣ୍ଡନ କରିଛି ।

# ସରକାରୀ ନିର୍ଦ୍ଦେଶ ମାନିବାକୁ ବାଧ୍ୟହେବେ ଇଂଟରନେଟ୍ କମ୍ପାନି

ନୂଆଦିଲ୍ଲୀ, ୩୦/୩(ନ୍ୟୁ.ଏ): କେନ୍ଦ୍ର ସରକାର ବିଭିନ୍ନ ସମୟରେ ଇଂଟରନେଟ୍ ଓ ସୋସିଆଲ ମିଡିଆ କମ୍ପାନିଗୁଡ଼ିକୁ ଆପତିଜନକ, ହାନିକାରକ ପୋଷ୍ଟ ହଟାଇବାକୁ କହିଥାନ୍ତି । ଏପର୍ଯ୍ୟନ୍ତ ତାହା କେବଳ ଏକ ପରାମର୍ଶ ଭାବେ ବିଚାର କରାଯାଉଛି । କିନ୍ତୁ ଆଗକୁ ସରକାରଙ୍କ ସେଭଳି ନିର୍ଦ୍ଦେଶକୁ ଇଂଟରନେଟ୍ କମ୍ପାନିଗୁଡ଼ିକ ଅଣଦେଖା କରିପାରିବେ ନାହିଁ । ସେମାନେ ସରକାରୀ ନିର୍ଦ୍ଦେଶ ମାନିବାକୁ ବାଧ୍ୟ ହେବେ । ଏନେଇ କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତି ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି । ଏହା ଉପରେ ଏପ୍ରିଲ ୧୪ ସୁଦ୍ଧା ମତାମତ ପଠାଇବାକୁ ସରକାର ଆହ୍ୱାନ ଦେଇଛନ୍ତି । କେନ୍ଦ୍ର ସରକାର ନିୟମିତ ବ୍ୟବଧାନରେ ଗୁଗୁଲ୍, ଫେସବୁକ୍, ହ୍ୱାଟସ୍‌ଆପ୍, 'ଏକ୍ସ' (ପୂର୍ବରୁ ଟ୍ୱିଟର), ଇନଷ୍ଟାଗ୍ରାମ ଭଳି କମ୍ପାନିମାନଙ୍କୁ ଆପତିଜନକ ଓ ହାନିକାରକ ପୋଷ୍ଟଗୁଡ଼ିକୁ ହଟାଇବାକୁ କହୁଛନ୍ତି । କିନ୍ତୁ



ଅନେକ ସମୟରେ ଅଭିଯୋଗ ହେଉଛି ଯେ ଏହି ନିୟମ ଆଳରେ ସରକାର ନିଜକୁ ଅଡୁଆରେ ପକାଉଥିବା ପୋଷ୍ଟଗୁଡ଼ିକୁ ଜାଣିଶୁଣି ହଟାଇବାକୁ ଉଦ୍ୟମ କରୁଛନ୍ତି । ତାହା ଲୋକମାନଙ୍କ ବ୍ୟକ୍ତିଗତ ବାକ୍ ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ଭାବେ ବିଚାର କରାଯାଉଛି । ଅନେକ ସମୟରେ ଇଂଟରନେଟ୍ କମ୍ପାନି ସେହି ନିୟମ ପାଳନ କରୁନାହାନ୍ତି ଯାହାକୁ ନେଇ ସରକାରଙ୍କ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେଉଛି ଓ ମାମଲା କୋର୍ଟକୁ ଯାଉଛି । ସରକାର ଆଣିଥିବା ଆଇଟି ନିୟମରେ ଇଂଟରନେଟ୍ ଓ ସୋସିଆଲ ମିଡିଆ କମ୍ପାନିଗୁଡ଼ିକ କେତେକ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି । ବ୍ୟବହାକାରୀମାନେ ପୋଷ୍ଟ କରୁଥିବା କଂଟେଂଟଗୁଡ଼ିକ ଉପରେ ନଜର ରଖିବା ଏବଂ ଆପତିଜନକ ଓ ହାନିକାରକ, ଡିପ୍‌ଫେକ୍ ପୋଷ୍ଟଗୁଡ଼ିକୁ ହଟାଇବା କିମ୍ବା ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା କଂଟେଂଟକୁ ସ୍ପଷ୍ଟ ଭାବେ ଏଆଇ ବୋଲି ଲେଖିବାକୁ କୁହାଯାଇଛି । ପୋଷ୍ଟ୍ ହଟାଇବାର ସମୟ ସୀମାକୁ ୩୬ ଘଂଟାରୁ ହ୍ରାସ କରି ୩ ଘଂଟା କରାଯାଇଛି । ଏହି ନିୟମକୁ କମ୍ପାନିଗୁଡ଼ିକ ପାଳନ କରୁଥିବା ସହ ପ୍ରତି ମାସରେ ନିୟମ ପାଳନ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରୁଛନ୍ତି । ଆଇଟି ନିୟମରେ କରାଯାଇଥିବା ସଂଶୋଧନ ଲାଗୁ ହେଲେ ଇଂଟରନେଟ୍ କମ୍ପାନିଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶକୁ ଆଉ ହାଲୁକା ଭାବେ ନେଇପାରିବେ ନାହିଁ । ନିର୍ଦ୍ଦେଶ ପାଳନ ନ କଲେ ସେମାନଙ୍କୁ ମିଳିଥିବା ଆଇନର ସୁରକ୍ଷା ହଟିଯିବ । ଫଳରେ ସେମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଇପାରିବେ । ଆଗାମୀ ଦିନରେ ଏହାକୁ ନେଇ ସରକାର ଓ ଇଂଟରନେଟ୍ କମ୍ପାନିଗୁଡ଼ିକ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରାଯାଉଛି ।










Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das